


ମା' ହେବେ ପରିଣୀତି

▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-65 ◆FRIDAY ◆29 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୫ ◆ଶୁକ୍ରବାର ◆୨୯ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଗ୍ରହଦୋଷ କାଟିବା ପାଇଁ ନାତିକୁ ବଳି



■ ପ୍ରୟାଗରାଜ, ୨୮।୮ (ଏଜେନ୍ସି): ଅନ୍ଧ ବିଶ୍ୱାସ ପାଇଁ ଜଣେ ନିରୀହର ଜୀବନ ଯାଇଛି । ତାନ୍ତ୍ରିକ କଥାରେ ପଡ଼ି ଶରଣ ସିଂ ନାମକ ଜଣେ ପ୍ରପର୍ଟି ଡିଲର ଜଘନ୍ୟ କାଣ୍ଡ ଘଟାଇଛନ୍ତି । ଗ୍ରହଦୋଷ କାଟିବାକୁ ଯାଇ ସେ ନିଜର ୧୭ ବର୍ଷୀୟ ନାତିକୁ ବଳି ଦେବାକୁ ପଛାଇନାହାନ୍ତି । ଉତ୍ତର ପ୍ରଦେଶ ପ୍ରୟାଗରାଜର କାରେଲି ଥାନା ଅଞ୍ଚଳରେ ଏହି ଜଘନ୍ୟ କାଣ୍ଡ ଘଟିଛି । ସୂଚନା ଅନୁଯାୟୀ ନାତି ପୀୟୂଷ ମଙ୍ଗଳବାର ସ୍କୁଲ ଯାଉଥିବା ବେଳେ ଜେଜେ ତାଙ୍କୁ ଅପହରଣ କରି ନେଇଥିଲେ । ପରେ ଘରକୁ ନେଇ ତନ୍ତ୍ର- ମନ୍ତ୍ର କରିବା ସହ ବଳି ଦେଇଥିଲେ । ହାତଗୋଡ଼ କାଟିବା ସହ ମୁଣ୍ଡଗଣ୍ଡି ଅଲଗା କରି ଦେଇଥିଲେ । ପୀୟୂଷ ନ ଫେରିବାରୁ ମଙ୍ଗଳବାର ନିଖୋଜ ମାମଲା ରୁଜୁ କରାଯାଇଥିଲା । ପୀୟୂଷଙ୍କ ପିତା ଅଜୟ ସିଂ ମୃତ୍ୟୁବରଣ କରିସାଥିବା ବେଳେ ମା କାମିନୀଙ୍କ ସହ ସେ ସାଦିଆପୁରର ଗୁରୁଦ୍ୱାର ନିକଟରେ ରହୁଥିଲେ । ପୀୟୂଷ ସରସ୍ୱତୀ ବିଦ୍ୟାମନ୍ଦିରରେ ଏକାଦଶ ଶ୍ରେଣୀରେ ପଢୁଥିଲେ । ସକାଳେ ସ୍କୁଲ୍‌କୁ ଯିବା ପରେ ପୀୟୂଷ ଘରକୁ ଫେରି ନଥିଲେ । କିନ୍ତୁ ସେ ସ୍କୁଲକୁ ଯାଇନଥିବା କାମିନୀ ଜାଣିବାକୁ ପାଇଥିଲେ । ଫଳରେ ସେ ପୁଲିସରେ ଅଭିଯୋଗ କରିଥିଲେ । ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଶରଣ ସିଂଙ୍କୁ ଗିରଫ କରିଥିଲା । ଶରଣ ନିଜ ଅପରାଧ ସ୍ୱୀକାର କରିଛନ୍ତି । ଅଧିକ ତଦନ୍ତ ପାଇଁ ଶରଣଙ୍କ ସମେତ ତାଙ୍କ ପତ୍ନୀ ଓ ଅନ୍ୟ ଜଣେ ପୁଅକୁ ପୁଲିସ ପଚରାଉଚରା କରୁଛି ।

## ୪ ମହଲା କୋଠା ଭୁଶୁଡ଼ି ୧୭ ମୃତ, ୯ ଆହତ

### ଜନ୍ମଦିନ ପାଳନ ବେଳେ ଅଘଟଣ

### ବିଲ୍ଡର୍ ଗିରଫ



■ ମୁମ୍ବାଇ, ୨୮।୮ (ଏଜେନ୍ସି): ମହାରାଷ୍ଟ୍ରର ପାଲଘର ଜିଲ୍ଲାରେ ଏକ ୪ ମହଲା ବିଶିଷ୍ଟ କୋଠା ଭୁଶୁଡ଼ିବା ଫଳରେ ୧୭ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୯ ଜଣ ଆହତ ହୋଇଛନ୍ତି । ମୁମ୍ବାଇ ନିକଟସ୍ଥ ବିରାର ଅଞ୍ଚଳର ବିଜୟ ନଗରରେ ଅଗଷ୍ଟ ୨୬ରେ ରାତି ୧୨.୦୫ରେ ପାଖାପାଖି ୫୦ ଫ୍ଲାଟ ବିଶିଷ୍ଟ ୪ ତାଲା କୋଠା ରମାବାଇ ଆପାର୍ଟମେଣ୍ଟର ୧୨ଟି ଫ୍ଲାଟ୍ ନିକଟରେ ଥିବା ଏକ ଚାଳ ଘର ଉପରେ ଭୁଶିଡି ପଡ଼ିଥିଲା । ଉଦ୍ଧାରକାର୍ଯ୍ୟ ଚାଲିଥିବା ବେଳେ ଗୁରୁବାର ୫ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଘଟଣା ବେଳେ ଚତୁର୍ଥ ମହଲାରେ ଜଣେ ଏକ ବର୍ଷୀୟ ଝିଅର ଜନ୍ମଦିନ ପାଳନ କରାଯାଉଥିଲା ଓ ପାର୍ଟି ଦିଆଯାଉଥିଲା । ଏହି ଝିଅ ସମେତ ତା'ର ମା ଓ ଆଉ କେତେଜଣ ଅତିଥି ଏଥିରେ ମୃତ୍ୟୁବରଣ କରିଛନ୍ତି । ଆହତ ହୋଇଥିବା ▶ପୃଷ୍ଠା-୭

## ଟ୍ରମ୍ପ ଟାରିଫ

# ୫.୮%କୁ ଖସିବ ଜିଡିପି

### ପ୍ରଭାବିତ ହେବେ ଦେଶର ନିଯୁକ୍ତିଭିତ୍ତିକ ଶିଳ୍ପର ୨.୧ କୋଟି ଶ୍ରମିକ




**ବୟନ ସାମଗ୍ରୀ, ରତ୍ନ ଅଳଙ୍କାର, ସାମୁଦ୍ରିକ ଖାଦ୍ୟ ଶିଳ୍ପ ସର୍ବାଧିକ କ୍ଷତିଗ୍ରସ୍ତ**

**ଅଟୋ ଯନ୍ତ୍ରାଂଶ ଉପରେ ୨୫%; ଇସ୍ପାତ ଓ ଆଲୁମିନିୟମରେ ୫୦%**

**ଭାରତରୁ ରପ୍ତାନୀ ହେଉଥିବା ୬୦% ସାମଗ୍ରୀ ଉପରେ ୫୦% ଟାରିଫ**


**ସେମିକଣ୍ଡକ୍ଟର, ଜେନେରିକ୍ ଔଷଧ, ଇଲେକ୍ଟ୍ରୋନିକ ସାମଗ୍ରୀ ବାଦ୍**

■ ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି): ଅଗଷ୍ଟ ୨୭ ତାରିଖରୁ ଭାରତୀୟ ଆମଦାନୀ ଉପରେ ଅତିରିକ୍ତ ୨୫% 'ରୁଷ୍ ଜୋରିମାନା' ଲାଗୁ କରିଛି ଆମେରିକା । ପୂର୍ବରୁ ଭାରତ ଉପରେ ୨୫% ଟାରିଫ୍ ବା ଶୁଳ୍କ ଲାଗୁ ହୋଇଥିବା ବେଳେ ସମ୍ପ୍ରତି ଅତିରିକ୍ତ ୨୫% ଜୋରିମାନା ଶୁଳ୍କ ହାରକୁ ୫୦%ରେ ପହଞ୍ଚାଇଛି । ଗୋଟିଏ ରିପୋର୍ଟ ଅନୁସାରେ ଆମେରିକା ନିଜ ଆବଶ୍ୟକତା ନିମନ୍ତେ ଭାରତରୁ ଆମଦାନୀ କରୁଥିବା ଜେନେରିକ ଔଷଧ, ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟରକୁ ଅତିରିକ୍ତ ଜୋରିମାନାରୁ ବାଦ ଦେଇଛି । ସେହିପରି ଅଟୋ ଯନ୍ତ୍ରାଂଶ ଉପରେ ୨୫% ଟାରିଫ ଲାଗୁ କରିଥିବା ସମୟରେ ଆଲୁମିନିୟମ ସାମଗ୍ରୀ ଉପରେ ୫୦% ଟିକସ ଲଦିଛି । ମାତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଭାରତୀୟ ନିଯୁକ୍ତିଭିତ୍ତିକ ବୟନ, ଚମଡ଼ା, ରତ୍ନ ଓ ଅଳଙ୍କାର ଶିଳ୍ପ ଦ୍ୱାରା ଉତ୍ପାଦିତ ସାମଗ୍ରୀ ଉପରେ ଆମେରିକା ଲାଗୁ କରିଥିବା ୫୦% ଶୁଳ୍କ ଭାରତୀୟ ଅର୍ଥନୀତିକୁ ଗଭୀର ଭାବରେ ପ୍ରଭାବିତ କରିବ ବୋଲି ଆକଳନ କରାଯାଉଛି । ଆମେରିକାର ଏହି ଶୁଳ୍କ ଭାରତ ଉପରେ ବଳବତ୍ତର ରହିଲେ ଆଗାମୀ ୬ ମାସ ପରେ ପରିସ୍ଥିତି ଭୟଙ୍କର ହେବ ଓ ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ୨କୋଟି ୧୦ ଲକ୍ଷ କ୍ଷତିଗ୍ରସ୍ତ ହେବେ ବୋଲି ପ୍ରାରମ୍ଭିକ ଭାବରେ ଆଶଙ୍କା କରାଯାଉଛି ।

ଅନ୍ୟପକ୍ଷରେ ଟ୍ରମ୍ପ ଟାରିଫ୍‌ର ପ୍ରଭାବ ଭାରତୀୟ ପୁଞ୍ଜି ବଜାରରେ ମଧ ଅନୁଭୂତ ହୋଇଛି । ଗତକାଲି ଭାରତୀୟ ପୁଞ୍ଜି ବଜାର ବନ୍ଦ ରହିଥିବା ବେଳେ ଆଜି ସେନସେକ୍ସ ୭୦୦ ପଏଣ୍ଟ ହ୍ରାସ ପାଇଛି । ଅନ୍ୟପକ୍ଷରେ ଅର୍ଥନୀତି ସଂକ୍ରାନ୍ତରେ ଅନ୍ତର୍ଜାତୀୟ ରେଟିଂ ଏଜେନ୍ସି ନୋମ୍ୟୁରା ଟାରିଫ୍ ପ୍ରଭାବରେ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ପୂର୍ବାନୁମାନ ୬.୨ରୁ ୫.୮ ପ୍ରତିଶତକୁ ହ୍ରାସ ପାଇବ ବୋଲି ଆକଳନ କରିଛି । ନ୍ୟୋମୁରା ରିପୋର୍ଟ ଅନୁସାରେ ଆର୍ଥିକବର୍ଷ ୨୦୨୫-୨୬ରେ ୨୫% ପ୍ରତିଶତ ପାରସ୍ପରିକ ଶୁଳ୍କ ବଳବତ୍ତର ରହିପାରେ । ନଭେମ୍ବର ପରେ ଅତିରିକ୍ତ ୨୫% ଶୁଳ୍କ ହଟାଇ ଦିଆଯିବାର ସମ୍ଭାବନା ରହିଛି । ତଥାପି ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୨ରୁ ୫.୮ ପ୍ରତିଶତକୁ ହ୍ରାସ ପାଇପାରେ । ତେବେ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି)ରେ ସଂସ୍କାର ଅଣାଗଲେ କିଛି ପରିମାଣରେ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ । ଆମେରିକା ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ, ▶ପୃଷ୍ଠା-୭

## ବିହାର ବିଧାନସଭା ନିର୍ବାଚନ

# ଜେଡିୟୁ ପୁଣି ବଡ଼ଭାଇ




■ ପାଟନା, ୨୮।୮ (ଏଜେନ୍ସି): ବିହାରରେ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଯାଉଥିବା ରାଜ୍ୟ ବିଧାନସଭା ନିର୍ବାଚନରେ ଆସନ ଭାଗବଣ୍ଟାକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଏନ୍‌ଡିଏରେ ସହମତି ପ୍ରକାଶ ପାଇଥିବା ଜଣାପଡ଼ିଛି । ଦିଲ୍ଲୀରେ ଏନେଇ ଆଲୋଚନା ହୋଇଛି ଏବଂ ଯେକୌଣସି ମୁହୂର୍ତ୍ତରେ ଏହା ଘୋଷଣା ହୋଇପାରେ ବୋଲି କୁହାଯାଉଛି ।

ମିଳିଥିବା ସୂଚନା ଅନୁଯାୟୀ ବିଧାନସଭାର ମୋଟ୍ ୨୪୩ଟି ଆସନ ମଧ୍ୟରୁ ନୀତୀଶଙ୍କ ଜନତାଦଳ(ୟୁ)କୁ ସର୍ବାଧିକ ୧୦୨ଟି ଆସନ ମିଳିଥିବା ବେଳେ ବିଜେପି ଭାଗରେ ୧୦୧ ଆସନ ପଡ଼ିଛି । ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀର ଚେହେରା ରୂପେ ଉପସ୍ଥାପନ କରିବାକୁ ଯାଇ ଏଭଳି ନିଷ୍ପତ୍ତି ହୋଇଛି । ଗତ ବିଧାନସଭା ନିର୍ବାଚନର ବିଜେପି ତୁଳନାରେ କମ୍ ଆସନ ପାଇଥିଲେ ମଧ ନୀତୀଶ ମୁଖ୍ୟମନ୍ତ୍ରୀ ରହିଥିଲେ । ସେହିଭଳି ଗତ ନିର୍ବାଚନରେ ଏନ୍‌ଡିଏ ପାଇଁ ଘାତକ ସାବ୍ୟସ୍ତ ହୋଇଥିବା ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମବିଳାଶ)କୁ ୨୦ଟି ଆସନ ଦିଆଯାଇଛି । ଗତ ବିଧାନସଭା ନିର୍ବାଚନରେ ତାଙ୍କ ଦଳ ସ୍ୱାଧୀନ ଭାବେ ଲଢ଼ିଥିବାରୁ ଅତିକମରେ ୩୦ଟି ଆସନର କ୍ଷତି ସହିଥିଲା ଏନ୍‌ଡିଏ । ସେହି ନିର୍ବାଚନରେ ତାଙ୍କ ପାର୍ଟି ଗୋଟିଏ ଆସନ ଜିତିଥିଲେ ମଧ ୩୦ଟିରେ ଏନଡିଏ ପ୍ରାର୍ଥୀଙ୍କ ପାଇଁ ପରାଜୟର କାରଣ ହୋଇଥିଲା । ତାଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ୨୦ଟି ଆସନ ଦିଆଯାଇଛି ।

ଏହାବାଦ୍ ଜିତେନ ରାମ ମାନ୍‌ଝୀଙ୍କ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା (ଏଚ୍‌ଏମ୍) ଓ ଉପେନ୍ଦ୍ର କୁଶୱାହଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆରଏଲ୍‌ଏମ୍)କୁ ୧୦ଟି ଲେଖାଏଁ ଆସନ ଦିଆଯାଇଛି । କିନ୍ତୁ ▶ପୃଷ୍ଠା-୭

## ମା' ସମଲେଇଙ୍କୁ ନବାନ୍ନ ଲାଗି



■ସମ୍ବଲପୁର, ୨୮।୮ (ସମିସ): ପଶ୍ଚିମଓଡ଼ିଶାରେ ଗୁରୁବାର ପାରମ୍ପରିକ ଉତ୍ସାହ ଉଦ୍ଦୀପନାର ସହ ଗଣପର୍ବ ନୂଆଁଖାଇ ପାଳିତ ହୋଇଯାଇଛି । ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ନିର୍ଦ୍ଧାରିତ ଲଗ୍ନରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ସହ ବିଭିନ୍ନ ଦେବାଦେବୀଙ୍କଠାରେ ନବାନ୍ନ ଲାଗି ହେବାପରେ ଗ୍ରାମଦେବୀ, ଇଷ୍ଟଦେବୀ ତଥା ଘରେ ଠାକୁରଙ୍କୁ ଭୋଗ ଲଗେଇ ଲୋକେ ନୂଆଁ ଖାଇଛନ୍ତି ।

ମା' ସମଲେଶ୍ୱରୀଙ୍କ ମୂଳପୀଠ ସମ୍ବଲପୁରରେ ଆଜି ଭୋର ୪ଟାରୁ ମା' ସମଲେଶ୍ୱରୀଙ୍କୁ ସ୍ନାନାଦି ପରେ ସମ୍ବଲପୁରୀ ପାଟବସ୍ତ୍ର, ଅଳଙ୍କାର ଆଦି ବେଶଭୂଷା ପରେ ପୂଜକମାନେ ▶ପୃଷ୍ଠା-୭

### ଚା' ଦୋକାନକୁ ପଶିଲା ବସ୍

## ଗରାଖ ମୃତ, ମାଲିକାଣୀ ଗୁରୁତର

■ ବ୍ରାହ୍ମଣୀଗାଁ, ୨୮।୮ (ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁରେ ଆଜି ସକାଳେ ଏକ ବସ୍ ଚା' ଦୋକାନକୁ ମାଡ଼ିଯିବାରୁ ଚା' ପିଉଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବ୍ରାହ୍ମଣୀ ଗାଁ ଧର୍ମସାହିର ବଣ୍ଡାସା ମାଝୀ(୬୦) । ଦୁର୍ଘଟଣାରେ ଗୁରୁତର ଚା' ଦୋକାନ ମାଲିକାଣୀ ବଣ୍ଡାଗୁଡ଼ି ମାଝୀ(୫୪)ଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି ।

ଆଜି ସକାଳ ପ୍ରାୟ ୬ଟାରେ ପଦ୍ମାଳୟା ନାମକ ଏକ ଯାତ୍ରୀବାହୀ ବସ୍ ଗଦାପୁରରୁ-ବ୍ରହ୍ମପୁର ଯିବାବେଳେ ବ୍ରାହ୍ମଣୀଗାଁ ନିକଟରେ ଅନ୍ୟଏକ ଘରୋଇ ବସ୍‌କୁ ଓଭରଟେକ୍ ବେଳେ ଚାଳକ ଭାରସାମ୍ୟ ହରାଇବାରୁ ରାସ୍ତା କଡ଼ରେ ଥିବା ଏକ କାର୍‌କୁ ଧକ୍କା ଦେଇ ଚା' ଦୋକାନକୁ ମାଡ଼ିଯାଇଥିଲା । ସେଠାରେ ଚା' ପିଉଥିବା ବଣ୍ଡାସାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଚା' ଦୋକାନ ମାଲିକାଣୀ ବଣ୍ଡାଗୁଡ଼ି ▶ପୃଷ୍ଠା-୭

## ଦିନରେ ପ୍ରବଚନ; ରାତିରେ ଚୋରି



### ଅପରାଧରୁ ଦୂରେଇ ଯିବାକୁ ବାର୍ତ୍ତା ବାଣ୍ଟି ନିଜେ କରୁଥିଲା ଅପରାଧ

**୨୦୦ ଗ୍ରାମ ସୁନା, ୧ଲକ୍ଷ ଟଙ୍କା ଜବତ**

**ଚୋରି ସୁନା ବନ୍ଧକ ରଖି ଆଣୁଥିଲା ଟଙ୍କା**

**ୟୁ-ଟ୍ୟୁବ୍‌ରେ 'ଚେଞ୍ଜ ୟୋର୍ ଲାଇଫ୍' ନାମରେ ଖୋଲିଥିଲା ଚ୍ୟାନେଲ**

**ବନ୍ଦ ଥିବା ଘରକୁ କରୁଥିଲା ଟାର୍ଗେଟ**

■ ଭୁବନେଶ୍ୱର, ୨୮।୮ (ସମିସ): ଦିନରେ ପ୍ରବଚନ ଦେଇ ରାତିରେ ଚୋରି କରୁଥିଲା । ପୁଲିସ ହାତରେ ଧରାପଡ଼ିଛି ଏମିତି ଏକ ଦୁର୍ଦ୍ଦାନ୍ତ ଚୋର । ୟୁ-ଟ୍ୟୁବ୍‌ରେ 'ଚେଞ୍ଜ ୟୋର୍ ଲାଇଫ୍' ନାମକ ଏକ ଚ୍ୟାନେଲ ଖୋଲି ପ୍ରବଚନ ଦେଉଥିଲା । ଖରାପ କାମ ନ କରିବାକୁ ଲୋକଙ୍କୁ ପରାମର୍ଶ ଦେଉଥିଲା । ରାତି ହେଲେ ସ୍କୁଟି ଧରି ବାହାରି ପଡୁଥିଲା ଚୋରି କରିବାକୁ । ବନ୍ଦ ଥିବା ଘରକୁ ଟାର୍ଗେଟ କରୁଥିଲା । ଏଭଳି ଛଦ୍ମବେଶୀ ଚୋରକୁ ଧରିଛି ପୁଲିସ । ତା' ନିକଟରୁ ୨୦୦ ଗ୍ରାମର ସୁନା ଅଳଙ୍କାର, ନଗଦ ୧ଲକ୍ଷ ଟଙ୍କା, ସ୍କୁଟି ଏବଂ ଲୁହାରଡ୍ ଜବତ ହୋଇଛି । ▶ପୃଷ୍ଠା-୭

## ଦୁର୍ଦ୍ଦିନରେ କପା ଚାଷୀ

# ଉତ୍ପାଦନ ବଢୁଛି; ଦର ବଢୁନି



ବିହନ ପାଇଁ ବାହାର ରାଜ୍ୟକୁ ଭରସା

■ ଭୁବନେଶ୍ୱର, ୨୮।୮ (ସମିସ): କପା ଏକ ଅର୍ଥ ଉପାର୍ଜନକାରୀ ଫସଲ । ଚାଷ ପାଇଁ ଓଡ଼ିଶା ଜଳବାୟୁ ବି ଅନୁକୂଳ । ମାତ୍ର କପା ଚାଷ ଆଖିଦୃଶିଆ ଭାବେ ବଢ଼ିପାରୁନି । ଚାଷୀ ଆୟ ବୃଦ୍ଧିରେ ବି ସହାୟ ହୋଇପାରୁନି । ଏତଦବ୍ୟତୀତ କପା ବିହନ ପାଇଁ ଚାଷୀମାନେ ଦହଗଞ୍ଜ ହେଉଛନ୍ତି । ଆଜି ପର୍ଯ୍ୟନ୍ତ ବିହନ ପାଇବା ଦିଗରେ ଚାଷୀମାନେ ଆତ୍ମନିର୍ଭର ହୋଇପାରୁନାହାନ୍ତି । ପ୍ରତିବର୍ଷ ବିହନ ପାଇଁ ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ଯେତିକି କପା ଉତ୍ପାଦନ ହେଉଛି, ଚାଷୀଙ୍କୁ ତା'ର ଉଚିତ୍ ମୂଲ୍ୟ ମିଳୁନି । ଆମ ରାଜ୍ୟରେ ସୂତା କଳ ବନ୍ଦ ହୋଇଯିବା ଯୋଗୁଁ କପା ଚାଷୀଙ୍କ ଉନ୍ନତି ହୋଇପାରୁନି ବୋଲି ବିଶେଷଜ୍ଞମାନେ ପ୍ରକାଶ କରୁଛନ୍ତି । ବାହାର ରାଜ୍ୟର ବେପାରୀ ଶାଗ-ମାଛ ଦରରେ ଓଡ଼ିଶାରୁ କପା କିଣି ନେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।

କୃଷି ବିଭାଗ ସୂଚନାନୁସାରେ, ଓଡ଼ିଶାରେ କପା ଚାଷ ୧୯୮୫ ମସିହା ପରଠାରୁ କ୍ରମାଗତ ଭାବେ ବୃଦ୍ଧି ପାଉଛି । ପ୍ରଥମେ ୫ ହଜାର ହେକ୍ଟର ଜମିରେ ଚାଷ ହୋଇ ୫ହଜାର ଗାଣ୍ଠି ଉତ୍ପାଦନ ହୋଇଥିଲା । ୨୦୧୨ ମସିହାରେ ୧.୧୧ ହେକ୍ଟର ଜମିରୁ ୨.୭୧ ଲକ୍ଷ ଗାଣ୍ଠି ଉତ୍ପାଦନ ହେଉଥିବାବେଳେ ୨୦୨୨ରେ ୭.୯ ଲକ୍ଷ ଗାଣ୍ଠିକୁ ବୃଦ୍ଧି ପାଇଥିଲା । ଏବେ ପାଖାପାଖି ୯ଲକ୍ଷ ଗାଣ୍ଠି ଉତ୍ପାଦନ ହେଉଛି । କପା ଚାଷ ପୂର୍ବରୁ କଳାହାଣ୍ଡି, ବଲାଙ୍ଗିର, ରାୟଗଡ଼ା ଓ ନୂଆପଡ଼ା ଜିଲ୍ଲାରେ ହେଉଥିବାବେଳେ ଏବେ ଏହା ଗଞ୍ଜାମ, ସୋନପୁର, ଗଜପତି, ବୌଦ୍ଧ, ବରଗଡ଼, ଫୁଲବାଣୀ ଓ କୋରାପୁଟରେ ହେଉଛି । ଆମ ରାଜ୍ୟର ଢିପ ଜମିରେ ଚାଷ ହେଉଥିବା ସ୍ଥାନୀୟ କିସମର ଧାନ, ସୁଆଁ, ଗୁଲ୍‌ଜି, ହରଡ଼, ମାଣ୍ଡିଆ ପ୍ରଭୃତି ଅପେକ୍ଷାକୃତ ସ୍ୱଳ୍ପ ଲାଭଜନକ ଶସ୍ୟ ▶ପୃଷ୍ଠା-୭




# ଦିନେଶ ପଟ୍ଟନାୟକ କାନାଡ଼ାରେ ଭାରତର ଉଚ୍ଚାୟୁକ୍ତ ନିଯୁକ୍ତ



ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି): ଭାରତ ଏବଂ କାନାଡ଼ା ଦ୍ୱିପାକ୍ଷିକ ସମ୍ବନ୍ଧ ସୁଧାରିବାକୁ ଲାଗିଛନ୍ତି। ଏହି କ୍ରମରେ ଦୁଇ ଦେଶ ଗୁରୁବାର ପରସ୍ପର ପାଇଁ ରାଷ୍ଟ୍ରଦୂତ ନିଯୁକ୍ତ କରିଛନ୍ତି। ଓଡ଼ିଶାରେ ଜନ୍ମିତ କୂଟନୀତିଜ୍ଞ ଦିନେଶ କେ ପଟ୍ଟନାୟକଙ୍କୁ ଭାରତ ସରକାର କାନାଡ଼ାର ନୂଆ ଉଚ୍ଚାୟୁକ୍ତ ନିଯୁକ୍ତ କରିଛନ୍ତି। ସେହିପରି କାନାଡ଼ା କ୍ରିଷ୍ଟୋଫର କୁଟରଙ୍କୁ ଭାରତର ନୂଆ କୂଟନୀତିଜ୍ଞ କରିଛି। କାନାନିସ୍କରେ ଅନୁଷ୍ଠିତ ଜି୭ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର କାନାଡ଼ା ସମକକ୍ଷ ମାର୍କ କାର୍ଣ୍ଣେଙ୍କ ସହ ଆଲୋଚନା ପରେ ଏହି ଅଗ୍ରଗତି ଦେଖାଦେଇଛି। ୧୯୯୦ ବ୍ୟାଚ୍‌ର ଭାରତୀୟ ବିଦେଶ ସେବା ଅଧିକାରୀ ଶ୍ରୀ ପଟ୍ଟନାୟକ ଏବେ ସ୍ପେନ ।।ରେ ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରୁଛନ୍ତି। ସେ ଖୁବଶୀଘ୍ର ନୂଆ ଦାୟିତ୍ୱ ଗ୍ରହଣ କରିବେ ବୋଲି ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି।

## ପରିବାରରେ ୩ ପିଲା ଜରୁରୀ: ମୋହନ ଭାଗବତ

ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂ ସେବକ (ଆରଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଦେଶର ସୁରକ୍ଷା ଓ ପରିବାର ବ୍ୟବସ୍ଥା ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରତ୍ୟେକ ପରିବାରରେ ଅତିକମ୍‌ରେ ୩ଟି ପିଲା ରହିବା ଜରୁରୀ ବୋଲି ସେ କହିଛନ୍ତି। ଏପରି ହେଲେ ଭାରତୀୟ ସଂସ୍କୃତି ସହିତ ସନାତନ ଧର୍ମ ସୁରକ୍ଷିତ ରହିବ। ଏହି କ୍ରମରେ ସେ ଅଖଣ୍ଡ ଭାରତ କଥା ପୁଣି ଥରେ ଦୋହରାଇଥିଲେ। ଆମ ସମସ୍ତଙ୍କର ଗୋଟିଏ ପରିଚୟ ଓ ଆମେ ସବୁ ହିନ୍ଦୁ ବୋଲି ସେ କହିଥିଲେ। ଆରଏସ୍‌ଏସ୍ ସ୍ଥାପନର ୧୦୦ ବର୍ଷ ପୂରଣ ହେବାକୁ ଯାଉଥିବାରୁ ସଂଘ ତରଫରୁ ଦେଶ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବେଆଇନ ଅନୁପ୍ରବେଶ ଓ ଧର୍ମାନ୍ତରଣକୁ ରୋକିବା ନିହାତି ଜରୁରୀ। ଏହାକୁ ରୋକା ନଗଲେ ଜନସଂଖ୍ୟାରେ ଅସନ୍ତୁଳନ ସୃଷ୍ଟି ହେବ ଓ ଭବିଷ୍ୟତରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟିହେବ। ୭୫ ବର୍ଷ ହେଲେ ରାଜନୀତିରୁ ସନ୍ୟାସ ନେବା କଥା କେବେ କହିନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିଜେପି ତଥା କେନ୍ଦ୍ର ସରକାର ଓ ବିଭିନ୍ନ ସରକାରଙ୍କ ସହ ଆରଏସ୍‌ଏସ୍‌ର ମତଭେଦ ରହିଛି। କିନ୍ତୁ ସବୁ ସରକାରଙ୍କ ସହ ଭଲ ସମ୍ପର୍କ ରହିଛି। ଆମ ଭିତର କୌଣସି ବିଚାରଗତ ପାର୍ଥକ୍ୟ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ପୁଣି ଶିକ୍ଷାର ଅର୍ଥ କେବଳ ସାକ୍ଷରତା ନୁହଁ। ବରଂ ଶିକ୍ଷା ଦ୍ୱାରା ଜଣେ ପ୍ରକୃତ ମଣିଷ ହେବାର ସୌଭାଗ୍ୟ ପାଇଥାଏ ବୋଲି ସେ କହିଛନ୍ତି।

## ଇଞ୍ଜିନିୟରଙ୍କ ସହ ୫୦ମି କଥା ହେବା ସତ୍ତ୍ୱେ ଏଫ୍-୩୫ ବିମାନ ଦୁର୍ଘଟଣାଗ୍ରସ୍ତ

ଆଲାସ୍କା, ୨୮।୮ (ଏଜେନ୍ସି): ଆମେରିକା ଆଲାସ୍କାର ଏଲସନ ଏୟାର ବେସ୍‌ରେ ୨୦୦ ମିଲିଅନ ଆମେରିକୀୟ ଡଲାର ଅର୍ଥାତ ପାଖାପାଖି ୧୪୮୫ କୋଟି ଟଙ୍କା ମୂଲ୍ୟର ଏକ ୫ମ ପିଢ଼ିର ଷ୍ଟେଲ୍‌ଥ ଏଫ୍-୩୫ ଲଢ଼ୁଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଧ୍ୱଂସ ପାଇଛି। ଟ୍ରେନିଂ ଫ୍ଲାଇଟ୍ ଅବସରରେ ଆମେରିକା ବାୟୁସେନାର ଜଣେ ପାଇଲଟ ମଝି ଆକାଶରେ କନଫରେନ୍ସରେ ଇଞ୍ଜିନିୟରଙ୍କ ସହ ବୈଷୟିକ ତ୍ରୁଟି ନେଇ ୫୦ ମିନିଟ ଧରି କଥା ହୋଇଥିଲେ ମଧ୍ୟ ଏଫ୍-୩୫ ବିମାନକୁ ରକ୍ଷା କରିପାରି ନାହାନ୍ତି। ବିମାନଟି ତଳକୁ ଖସି ଏୟାର ବେଶ୍‌ରେ ପିଟି ହୋଇ ନିଆଁ ଗୋଳାରେ ପରିଣତ ହୋଇଯାଇଥିଲା। ତେବେ ପାଇଲଟ ପାରାଚୁଟ ଯୋଗେ ଓହ୍ଲାଇବାରୁ ସୁରକ୍ଷିତ ଅଛନ୍ତି। ବିମାନର ହାଇଡ୍ରୋଲିକ୍ ଲାଇନ୍ସ ନୋଜ ଓ ମୁଖ୍ୟ ଲାଣ୍ଡିଂ ଗିୟରରେ ବରଫ ଜମିବା କାରଣରୁ ଏହି ଦୁର୍ଘଟଣା ଘଟିଛି ବୋଲି ଅନୁମାନ କରାଯାଉଛି।

## ତିନି ଛୁଆଙ୍କୁ ହତ୍ୟା କଲା ମା

ହାଇଦରାବାଦ୍, ୨୮।୮ (ଏଜେନ୍ସି): ସାଉଦି ଆରବର ଅଲ ଖୋବାର ସହରରେ ରହୁଥିବା ହାଇଦରାବାଦ ମହିଳା ହୁମେରା ଅମରିନ ବାଥ୍‌ଟବ୍‌ରେ ନିଜର ୩ ଛୁଆକୁ ବୁଡାଇ ମାରିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ଭ୍ରମଣ ଭିସାରେ ସାଉଦି ଆରବ ଯାଇଥିଲେ। ସେ ମଙ୍ଗଳବାର ନିଜର ୭ ବର୍ଷୀୟ ଯାଆଁଳା ପିଲା ସାଦେକ,ଆଦେଶ ଅହମ୍ମଦ ଏବଂ ସାନ ପୁଅ ୩ ବର୍ଷୀୟ ୟୁସୁଫ ଅହମ୍ମଦଙ୍କୁ ହତ୍ୟା କରିଥିଲେ। କାମରୁ ଫେରି ଅମରିନ୍‌ଙ୍କ ସ୍ୱାମୀ ଘରୁ ଆସି ପିଲାଙ୍କୁ ମୃତ ଅବସ୍ଥାରେ ଦେଖିବା ପରେ ସାଉଦି କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ପୁଲିସ ଅମରିନ୍‌ଙ୍କୁ ଗିରଫ କରିବା ପରେ ତଦନ୍ତ ଆରମ୍ଭ କରିଛି। ମହିଳାଙ୍କ ମାନସିକ ସ୍ଥିତି ଠିକ୍ ନଥିଲା ବୋଲି କୁହାଯାଉଛି।

## ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ


ଶ୍ରୀନଗର, ୨୮।୮ (ଏଜେନ୍ସି): ଜମ୍ମୁ-କଶ୍ମୀର ବନ୍ଦିପୋରା ଜିଲ୍ଲାରେ ଗୁରେଜ ସେକ୍ଟରରେ ଗୁରୁବାର ସୁରକ୍ଷାବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଅନୁପ୍ରବେଶ ନେଇ ସେନାକୁ ସୂଚନା ପରେ ପୁଲିସ ସହ ଅପରେସନ ଆରମ୍ଭ କରାଯାଇଥିଲା। ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇଥିଲେ। କିନ୍ତୁ ସେନା ତରଫରୁ ପାଲଟା ଗୁଳି ଚାଳନା ପରେ ଦୁଇ ଆତଙ୍କବାଦୀ ଟଳି ପଡ଼ିଥିଲେ।

# ଭାରତ ବିରୋଧରେ ଆମେରିକାର ବିଷୋଦ୍‌ଗାର

## ରୁଷ୍-ଚୀନ୍ ସହ ଭାରତର ସଂପର୍କ ବିଶ୍ୱ ପାଇଁ ବିପଦ

ୱାସିଂଟନ, ୨୮।୮ (ଏଜେନ୍ସି): ଚଢ଼ା ଶୁଳ୍କକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ରୁଷଠାରୁ ତୈଳ କିଣିବାକୁ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇ ଥିବା ୫୦ ପ୍ରତିଶତ ଶୁଳ୍କକୁ ଭାରତ ବିରୋଧ କରିଛି। ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ର ନିଜେ ରୁଷ୍ ସହ ବାଣିଜ୍ୟ ବ୍ୟବସାୟ କରୁଥିବାବେଳେ ଚୁଛାଟାରେ ଭାରତ ଉପରେ ଅଭିଯୋଗ ଲଗାଉଛନ୍ତି ବୋଲି କୁହାଯାଉଛି। ଏପରି ସମୟରେ ଟ୍ରମ୍ପଙ୍କ ବାଣିଜ୍ୟ ପରାମର୍ଶଦାତା ପିଟର ନଭାରୋ ୟୁକ୍ରେନ ଯୁଦ୍ଧକୁ ନେଇ ପୁଣି ଭାରତକୁ ଦୋଷ ଦେଇଛନ୍ତି। ସେ ଗମ୍ଭୀର ଅଭିଯୋଗ ଲଗାଇ ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର 'ମୋଦୀ ୱାର' କହିଛନ୍ତି। ଭାରତ ୟୁକ୍ରେନ ଯୁଦ୍ଧକୁ ପ୍ରୋତ୍ସାହନ ଦେଉଛି ଏବଂ ଡବଲ୍ ଗେମ୍ ଖେଳୁଥିବା ସେ ଅଭିଯୋଗ କରିଛନ୍ତି। ଏହା ସହିତ ସେ ଆମେରିକାର ଉଦ୍ଦେଶ୍ୟକୁ ମଧ୍ୟ ପିଟର ସମସ୍ତଙ୍କ ସାମ୍ନାରେ ରଖିଛନ୍ତି। ସେ କହିଛନ୍ତି ଯେ ୟୁକ୍ରେନ ଯୁଦ୍ଧ ବନ୍ଦ କରିବାର ମାର୍ଗ ଦେଇ ଯାଉଛି। ଯଦି ଭାରତ ଆଜି ରୁଷରୁ ତେଲ କିଣିବା ବନ୍ଦ କରିଦେବ ତେବେ କାଲିଠାରୁ ଲଗାଯାଇଥିବା ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କକୁ ଉଚ୍ଛେଦ କରିଦିଆଯିବ ବୋଲି କହିଛନ୍ତି।

> "ୟୁକ୍ରେନ ଯୁଦ୍ଧ ହେଉଛି 'ମୋଦୀ ୱାର' ଆଜି ବେପାର ବନ୍ଦ କଲେ, କାଲି ଅତିରିକ୍ତ ଶୁଳ୍କ ହଟିବ"



ବୁଧବାର ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତକାର ଦେଇ ପିଟର ଏଭଳି ଅଭିଯୋଗ ଲଗାଇଛନ୍ତି।

ନଭାରୋ କହିଥିଲେ ଯେ ରୁଷରୁ ଶସ୍ତା ତେଲ କିଣି ଭାରତ ତାହାକୁ ରିଫାଇନ କରୁଛି ଏବଂ ଏହାକୁ ଉଚ୍ଚା ଦରରେ ବିକୁଛି। ଏହା ଦ୍ୱାରା ରୁଷକୁ ଯୁଦ୍ଧ ପାଇଁ ଟଙ୍କା ମିଳୁଛି। ଏହି ଦେଶ ୟୁକ୍ରେନ ଉପରେ ଜୋରଦାର ଆକ୍ରମଣ କରୁଛି। ଏହାକୁ ନେଇ ନଭାରୋ ଭାରତକୁ ଚେତାବନୀ ଦେଇଛନ୍ତି। ରୁଷ୍ ଏବଂ ଚୀନ୍ ସହିତ ଭାରତର ସମ୍ବନ୍ଧ ବୃଦ୍ଧି ବିଶ୍ୱ ପାଇଁ ବିପଦ ପାଲଟି ପାରେ ବୋଲି କହିଛନ୍ତି। ଏକଛତ୍ରବାଦ ଦେଶ ସହ ଭାରତ ସମ୍ବନ୍ଧ ବଢାଉଛି। ଅକ୍ସାଇ ଚୀନ୍ ସହିତ ଭାରତର ଅନେକ ଅଞ୍ଚଳକୁ ବେଜିଂ କବ୍‌ଜା କରି ନେଇଛି। ରୁଷ୍ ସହ ମଧ୍ୟ ଭାରତ ସମ୍ପର୍କ ଛିନ୍ନ କରିବା ଦରକାର। କାରଣ ମସ୍କୋ ଭାରତର ବନ୍ଧୁ ନୁହେଁ। ଭାରତୀୟ ନେତା ଆମ ଆଖିରେ ଆଖି ମିଶାଇ ରୁଷଠାରୁ ତୈଳ କିଣିବା ବନ୍ଦ କରିବେନି ବୋଲି କହୁଛନ୍ତି। ଏହାର ଅର୍ଥ କ'ଣ? ଭାରତକୁ ବିକ୍ରି କରି ମିଳୁଥିବା ଅର୍ଥରେ ରୁଷ୍ ଯୁଦ୍ଧ ପାଇଁ ଅସ୍ତ୍ରଶସ୍ତ୍ର କିଣୁଛି। ୟୁକ୍ରେନରେ ହେଉଥିବା ଆକ୍ରମଣରେ ଅନେକ ଲୋକ ମରୁଛନ୍ତି। ପୁଣି ୟୁକ୍ରେନ ଆମେରିକା ଏବଂ ୟୁରୋପ ପାଖକୁ ଆସି ଅଧିକ ଅର୍ଥ ମାଗୁଛି। ଏହି ଭଳି ଭାବେ ଆମେରିକା ଟିକସଦାତାଙ୍କ କ୍ଷତି ହେଉଛି।

ଆମେରିକା ସାମଗ୍ରୀ ଉପରେ ଭାରତ ଲଗାଇଥିବା ଶୁଳ୍କକୁ ମଧ୍ୟ ନଭାରୋ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ଭାରତ ନୀତି ଯୋଗୁଁ ଆମେରିକାରେ ସମସ୍ତଙ୍କର କ୍ଷତି ହେଉଛି। ଭାରତର ଚଢ଼ା ଶୁଳ୍କ ଯୋଗୁଁ ଜନତା, ବ୍ୟବସାୟୀ, କର୍ମଜୀବୀ ହାରି ଯାଉଛନ୍ତି। ଏଥିପାଇଁ ଆମେରିକା ନିଯୁକ୍ତି ସୁଯୋଗ ହରାଉଛି। କାରଖାନା ବନ୍ଦ ହେଉଛି, ଲୋକଙ୍କ ଆମଦାନୀ ବଢୁଛି। ଆମେରିକା ଟିକସଦାତାଙ୍କୁ କ୍ଷତି ସହିବାକୁ ପଡୁଛି। କାରଣ ତାଙ୍କ ଅର୍ଥ 'ମୋଦୀଙ୍କ ଯୁଦ୍ଧ'ରେ ବ୍ୟବହାର ହେଉଛି। ସେହିପରି ନଭାରୋ ତେଲ ଆମଦାନୀ ଉପରେ ଭାରତ ଦାବିକୁ ଖାରଜ କରିଦେଇଛନ୍ତି। ସେ ମୋଦୀଙ୍କୁ ଅହଙ୍କାରୀ କହିଛନ୍ତି। ଟ୍ରମ୍ପଙ୍କ ଏହି ପରାମର୍ଶଦାତାଙ୍କ ଅନୁଯାୟୀ ଭାରତ ଦିନକୁ ରୁଷ୍‌ଠାରୁ ୧୫ ଲକ୍ଷ ବ୍ୟାରେଲ ତୈଳ କିଣୁଛି। ଏହା ୟୁକ୍ରେନ ଲୋକଙ୍କୁ ମାରିବା ପାଇଁ ଅସ୍ତ୍ରଶସ୍ତ୍ର, ଡ୍ରୋନ ଏବଂ ବୋମା କିଣିବା ପାଇଁ ଯଥେଷ୍ଟ। ନଭାରୋ ଆମେରିକା ଶୁଳ୍କକୁ ଉଚିତ ଦର୍ଶାଇ ଭାରତର ବାଣିଜ୍ୟ ନୀତିକୁ ଅନୁଚିତ ଦର୍ଶାଇଛନ୍ତି। ଧୋକା ଦେଉଥିବାରୁ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଯାଇଛି। ଭାରତକୁ ରୁଷ୍ ତେଲର ଆବଶ୍ୟକତା ନାହିଁ। କେବଳ ଲାଭ ପାଇଁ ଏହା କିଣାଯାଉଛି। ମୋଦୀ ଜଣେ ମହାନ ନେତା। ବିଶ୍ୱର ଅର୍ଥ ବ୍ୟବସ୍ଥାକୁ ଭାରତ କି ଯୋଗଦାନ ଦେଉଛି ତାହା ଭାବିବା ଦରକାର। ଏହି ପଦକ୍ଷେପ ଶାନ୍ତି ନୁହେଁ, ଯୁଦ୍ଧକୁ ଖୋରାକ ଯୋଗାଉଛି।

# କିଭ୍ ଉପରେ ରୁଷିଆର ଭୟଙ୍କର ଆକ୍ରମଣ

କିଭ୍, ୨୮।୮ (ଏଜେନ୍ସି): ୟୁକ୍ରେନ ରାଜଧାନୀ କିଭ୍ ଉପରେ ରୁଷିଆ ସବୁଠୁ ଭୟଙ୍କର ଆକ୍ରମଣ କରିଛି। ରୁଷ ମଙ୍ଗଳବାର ରାତିରେ କିଭ୍‌କୁ ଲକ୍ଷ୍ୟ କରି ୬୦୦ ଡ୍ରୋନ୍ ଓ ୩୦ ବାଲାଷ୍ଟିକ ମିସାଇଲ ମାଡ଼ କରିଛି। ଏଥିରେ ୧୪ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୪୪ ଜଣ ଆହତ ହୋଇଛନ୍ତି ବୋଲି ୟୁକ୍ରେନ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ୪ ଜଣ ଛୋଟପିଲା ସାମିଲ ରହିଛନ୍ତି। ରୁଷର ଏହି ଆକ୍ରମଣ ସବୁଠାରୁ ବିଧ୍ୱଂସକାରୀ ବିବେଚିତ ହେଉଛି। କିଭ୍‌ସ୍ଥିତ ୟୁକ୍ରେନର ସେନା ଠିକଣା, ଏୟାର ବେସ ଉପରେ ଆକ୍ରମଣ କରାଯାଇଛି ବୋଲି ରୁଷ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରୁଷ୍ ଏହି ଆକ୍ରମଣରେ ହାଇପରସୋନିକ୍ 'କିନଝାଲ' ମିସାଇଲ, ହାଇ ପ୍ରେସିସନ ଏୟାର- ଲଞ୍ଚ ମିସାଇଲ ବ୍ୟବହାର କରିଥିଲା। କିଭ୍‌ରେ ମୋଟ୍ ଉପରେ ୨୦ଟି ସ୍ଥାନ ଉପରେ ରୁଷ ଆକ୍ରମଣ କରିଛି ବୋଲି ୟୁକ୍ରେନ କହିଛି। ଏଥିରେ ଏକ ୫ ମହଲା ବିଶିଷ୍ଟ କୋଠା ଧ୍ୱଂସ ପାଇଛି। ଏହି କୋଠାରେ ୧୨୦ ଜଣ ଲୋକ ରହୁଥିଲେ। ଉଦ୍ଧାରକାର୍ଯ୍ୟ ଜାରି ରହିଛି। ରୁଷିଆ ୬୦୦ଟି ଡ୍ରୋନ୍ ଓ ୩୦ଟି ବାଲାଷ୍ଟିକ ଓ କ୍ରୁଜ୍ ମିସାଇଲ୍ ଦ୍ୱାରା ଆକ୍ରମଣ କରିଥିଲା। ଏହାର ପ୍ରଭାବରେ ପ୍ରାୟ ଏକ ଲକ୍ଷ ଘରେ ବିଜୁଳି ଚାଲିଯାଇଛି। ସେହିପରି ଭିନିସିଆରେ ମଧ୍ୟ ୬୦ ହଜାର ଘରେ ବିଜୁଳି କଟିଯାଇଛି। ରୁଷିଆ ଶାନ୍ତି ପ୍ରୟାସକୁ ଗ୍ରହଣ କରୁନାହିଁ ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡାମିର ଜେଲେଁସ୍କି କହିଛନ୍ତି। କଥାବାର୍ତ୍ତା ନକରି ରୁଷିଆ ବାଲାଷ୍ଟିକ ମିସାଇଲ ବ୍ୟବହାର କରୁଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ସେହିପରି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ରୁଷିଆର ଏହି ଆକ୍ରମଣକୁ ଆତଙ୍କବାଦ ସହ ତୁଳନା କରିଛନ୍ତି। ୟୁରୋପିଆନ ୟୁନିୟନ ଅଧ୍ୟକ୍ଷ ଉରସୁଲା ଭୋନ ଡେର ଲେୟେନ ମଧ୍ୟ ରୁଷିଆକୁ ଏଭଳି ଆକ୍ରମଣ ନ କରିବାକୁ ପରାମର୍ଶ ଦେଇଛନ୍ତି।

> ୧୪ ମୃତ, ୪୪ ଆହତ
>
> ୬୦୦ ଡ୍ରୋନ, ୩୦ ବାଲିଷ୍ଟିକ ମିସାଇଲ ମାଡ଼



## ନେପାଳ ଦେଇ ବିହାରରେ ପଶିଲେ ୩ ପାକ୍ ଆତଙ୍କବାଦୀ

ପାଟନା, ୨୮।୮ (ଏଜେନ୍ସି): ନେପାଳ ବାଟ ଦେଇ ୩ ଜଣ ପାକିସ୍ତାନୀ ଆତଙ୍କବାଦୀ ବିହାରରେ ଅନୁପ୍ରବେଶ କରିଛନ୍ତି। ଏହି ୩ ଆତଙ୍କୀଙ୍କ ଫଟୋ ଜାରି କରିଛି ପୁଲିସ। ଏମାନେ ଆତଙ୍କବାଦୀ ସଂଗଠନ ଜୈଶ-ଇ- ମହମ୍ମଦ ସହିତ ଜଡ଼ିତ ବୋଲି କୁହାଯାଇଛି। ପୁଲିସ ଯେଉଁ ୩ ଆତଙ୍କୀଙ୍କ ଫଟୋ ଜାରି କରିଛି ସେମାନଙ୍କ ନାମ ହେଲା ଆସନୈନ ଅଲି, ଆଦିଲ ହୁସେନ ଓ ମହମ୍ମଦ ଉସ୍‌ମାନ। ହାସନୈନ ରାୱଲପିଣ୍ଡି, ଆଦିଲ ଉମରକୋଟ ଓ ଉସ୍ମାନ ବାହବଲପୁରର ବାସିନ୍ଦା ବୋଲି ଜଣା ପଡ଼ିଛି। ଏହି ଆତଙ୍କୀ ଅରରିୟା ଜିଲ୍ଲା ବାଟ ଦେଇ ବିହାରରେ ପ୍ରବେଶ କରିଛନ୍ତି ବୋଲି ଆଶଙ୍କା କରାଯାଉଛି। ପୁଲିସ ମୁଖ୍ୟ କାର୍ଯ୍ୟାଳୟ ତରଫରୁ ସବୁ ଜିଲ୍ଲାକୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଛି। ଏହି ଆତଙ୍କୀଙ୍କ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏମାନଙ୍କ ସମ୍ପର୍କରେ ସୂଚନା ଦେଲେ ବିହାର ସରକାର ୫୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ଆତଙ୍କବାଦୀମାନେ ଯେଉଁ ବାଟ ଦେଇ ଅନୁପ୍ରବେଶ କରିଛନ୍ତି ସେହିବାଟ ଦେଇ ରାହୁଲ ଗାନ୍ଧୀଙ୍କ ଭୋଟର ଅଧିକାର ଯାତ୍ରା ଚାଲୁଛି। ତେଣୁ ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ବିହାର ୭ଟି ଜିଲ୍ଲା ନେପାଳ ସୀମାକୁ ଲାଗିରହିଛି। ରାହୁଲ ଏହି ଜିଲ୍ଲାଗୁଡ଼ିକୁ ଯାଇସାରିଛନ୍ତି କିମ୍ବା ଯିବାର କାର୍ଯ୍ୟକ୍ରମ ରହିଛି। ଏହି ଆତଙ୍କବାଦୀମାନେ ବିହାରରେ ବଡ଼ କାଣ୍ଡ ଘଟାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ଆତଙ୍କବାଦୀ ଅନୁପ୍ରବେଶକୁ ଦୃଷ୍ଟିରେ ରଖି ରାହୁଲଙ୍କ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଛି। ରାହୁଲ ସୀତାମଢ଼ିରେ ମାତା ଜାନକୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ରୋଡ ଶୋ'କୁ ବାତିଲ କରାଯାଇଛି।

> ସୂଚନା ଦେଲେ ୫୦, ୦୦୦ ଟଙ୍କା ପୁରସ୍କାର
>
> ରାହୁଲ ଗାନ୍ଧୀଙ୍କ ଭୋଟ ଅଧିକାର ଯାତ୍ରାରେ ପରିବର୍ତ୍ତନ

## ବିଲ୍ ଅନୁମୋଦନ ନେଇ ରାଜ୍ୟପାଳଙ୍କୁ ଅସୀମିତ ସମୟ ଦିଆଯାଇନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି): ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କ ପାଇଁ କଣ୍ଟ ଧାର୍ଯ୍ୟ ମାମଲାରେ ଉପରେ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ବିଲ୍‌କୁ ଅନୁମୋଦନ ଦେବା ପାଇଁ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ଦୀର୍ଘ ଦିନ ପର୍ଯ୍ୟନ୍ତ ସମୟ ଦେଲେ ସମ୍ବିଧାନ ଧାରା ୨୦୦ରେ ଥିବା ନିୟମ 'ଯଥାଶୀଘ୍ର'ର ଉଦ୍ଦେଶ୍ୟ ପୂରଣ ହେବ ନାହିଁ ବୋଲି ସାମ୍ବିଧାନିକ ଖଣ୍ଡପୀଠ କହିଛନ୍ତି। ବିଧାନସଭାରେ ପାରିତ ବିଲ୍ ଉପରେ ନିଷ୍ପତ୍ତି ନେବା ବିରୋଧରେ ରାଜ୍ୟଗୁଡ଼ିକ ଦାଏର କରିଥିବା ରିଟ୍ ଆବେଦନକୁ କେନ୍ଦ୍ର ବିରୋଧ କରିଥିବାବେଳେ ଖଣ୍ଡପୀଠ ଏହି ଟିପ୍ପଣୀ କରିଛନ୍ତି। କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ରାଜ୍ୟ ସରକାରଗୁଡ଼ିକ ଧାରା ୩୨କୁ ବ୍ୟବହାର କରିପାରିବେ ନାହିଁ। କାରଣ ମୌଳିକ ଅଧିକାର ସାଧାରଣ ଲୋକଙ୍କ ପାଇଁ ଥାଏ, ରାଜ୍ୟଗୁଡ଼ିକ ପାଇଁ ନୁହେଁ। ରାଜ୍ୟଙ୍କୁ ଏଭଳି ଅଧିକାର ମିଳିଛି କି ନାହିଁ ତାହା ରାଷ୍ଟ୍ରପତି ଜାଣିବାକୁ ଚାହୁଁଛନ୍ତି। ଏହା ସହିତ ଧାରା ୩୬୧ ଅନୁଯାୟୀ ନିଜ ନିଷ୍ପତ୍ତି ପାଇଁ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ କୋର୍ଟରେ ଦାୟୀ କରାଯାଇପାରିବ ନାହିଁ।

କେନ୍ଦ୍ର ପକ୍ଷରୁ କୁହାଯାଇଥିଲା ଯେ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ କୋର୍ଟ କୌଣସି ନିର୍ଦ୍ଦେଶ ଦେଇପାରିବେ ନାହିଁ।କାରଣ ତାଙ୍କ ନିଷ୍ପତ୍ତି ନ୍ୟାୟିକ ସମୀକ୍ଷା ପରିସରରେ ଆସୁନାହିଁ। ଏହାକୁ ନେଇ ଖଣ୍ଡପୀଠ କହିଥିଲେ ଯେ କୌଣସି ରାଜ୍ୟପାଳ ୬ ମାସ ପର୍ଯ୍ୟନ୍ତ ବିଲ୍‌କୁ ପକାଇ ରଖିବା ମଧ୍ୟ ଉଚିତ ନୁହେଁ। ସମ୍ବିଧାନ ନିର୍ମାତାମାନେ ଜାଣିଶୁଣି ପ୍ରଥମେ ଧାରା ୨୦୦ରେ ଥିବା ୬ ସପ୍ତାହର ନିୟମକୁ ବଦଳାଇ 'ଯଥାଶୀଘ୍ର' କରି ଦେଇଥିଲେ। ବିଲ୍ ଉପରେ ନିଷ୍ପତ୍ତି ନେବା ପାଇଁ ଏହାକୁ ଅଣଦେଖା କରାଯାଇପାରିବ କି ବୋଲି ସୁପ୍ରିମକୋର୍ଟ କେନ୍ଦ୍ରକୁ ପଚାରି ଥିଲେ।

## ମା'କୁ ମାରି ଗୀତ ଗାଇଲା ପୁଅ


ରାୟପୁର, ୨୮।୮ (ଏଜେନ୍ସି): ଛତିଶଗଡ଼ର ଯଶପୁର ଜିଲ୍ଲାର କୁନ୍‌କୁରୀ ଥାନା ଅଞ୍ଚଳରେ ପୁଅ ନିଜ ମାଆକୁ ଟାଙ୍ଗିଆରେ ହାଣି ମାରିବା ପରେ ମୃତଦେହ ପାଖରେ ବସି ରାଗରେ ଗୀତ ଗାଇଛି। ପାଖକୁ ଆସୁଥିବା ଲୋକଙ୍କୁ ସେ ଟାଙ୍ଗିଆ ହଲାଇ ଭୟଭୀତ କରାଇବାକୁ ପଛାଇନାହିଁ। ଏହି ବ୍ୟକ୍ତି ହେଉଛନ୍ତି ଜିତ ରାମ ଯାଦବ। ସେ ନିଜ ୫୯ ବର୍ଷୀୟ ମା ଗୁଲାବୀଙ୍କୁ ମଙ୍ଗଳବାର ସକାଳ ୫ଟାରେ ହତ୍ୟା କରିଥିଲା। ଗୁଲାବୀ ମରିବା ପର୍ଯ୍ୟନ୍ତ ସେ ତାଙ୍କୁ ଟାଙ୍ଗିଆରେ ହାଣି ଚାଲିଥିଲା ବୋଲି ଜଣେ ପ୍ରତ୍ୟେକ୍ଷଦର୍ଶୀ ପୁଲିସକୁ କହିଛନ୍ତି। ପୁଲିସ ପହଞ୍ଚିଥିଲେ ବି ଟାଙ୍ଗିଆ ଧରି ଡରାଇବାରୁ ଜିତ୍‌କୁ କାବୁ କରିବାକୁ ପୁଲିସକୁ ୪ ଘଣ୍ଟା ଲାଗିଥିଲା। ହତ୍ୟାର କାରଣ ସମ୍ପର୍କରେ କିଛି ଜଣା ପଡ଼ିନାହିଁ। ତେବେ ଜିତ୍ ମାନସିକ ବିକାରଗ୍ରସ୍ତ ଥିଲା ବୋଲି କୁହାଯାଉଛି।

# ନିଜକୁ ଅସୁରକ୍ଷିତ ମଣୁଛନ୍ତି ୪୦% ସହରାଞ୍ଚଳ ମହିଳା

ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି): ଦେଶରେ ମହିଳା ବିରୋଧୀ ହିଂସା ବୃଦ୍ଧି ପାଉଥିବାବେଳେ ଏକ ଚିନ୍ତାଜନକ ରିପୋର୍ଟ ସାମ୍ନାକୁ ଆସିଛି। ସହରରେ ରହୁଥିବା ୪୦ ପ୍ରତିଶତ ମହିଳା ନିଜକୁ ଅସୁରକ୍ଷିତ ମଣୁଛନ୍ତି। ନ୍ୟାସନାଲ ଆନୁଆଲ ରିପୋର୍ଟ ଆଣ୍ଡ ଇଣ୍ଡେକ୍ସ ଅନ୍ ୱିମେନ୍ସ ସେଫ୍‌ଟି (ଏନଏଆରଆଇ)-୨୦୨୫ରୁ ଏହା ଜଣାପଡ଼ିଛି। ୩୧ ସହରର ୧୨,୭୭୦ ମହିଳାଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ଗୁରୁବାର ଏହି ରିପୋର୍ଟ ଜାରି କରାଯାଇଥିଲା। ଏହା ଅନୁଯାୟୀ ୨୦୨୪ରେ ୭ ପ୍ରତିଶତ ମହିଳା ଉତ୍ପୀଡ଼ନର ଶିକାର ହେଉଥିବା କହିଥିଲେ। ଏମାନଙ୍କ ମଧ୍ୟରୁ ୧୮-୨୪ ବର୍ଷର ମହିଳା ସର୍ବାଧିକ ବିପଦର ସମ୍ମୁଖୀନ ହେଉଥିଲେ। ଏହା ଏନ୍‌ସିଆରବିର ୨୦୨୨ ତଥ୍ୟ ଅନୁଯାୟୀ ଶହେଗୁଣ। ସହରର ଗଳିରେ ମହିଳାଙ୍କୁ ଅଶ୍ଳୀଳ ନଜରରେ ଚାହିଁବା, ଗାଳିଗୁଲଜ, ଛୁଇଁବା ଆଦି ଉତ୍ପୀଡ଼ନ ସାମିଲ ରହିଛି। ଦୁର୍ବଳ ଭିତ୍ତିଭୂମି ବ୍ୟବସ୍ଥା, ଖରାପ ଆଲୋକୀକରଣ ଏବଂ ପର୍ଯ୍ୟାପ୍ତ ସାର୍ବଜନୀନ ପରିବହନ ବ୍ୟବସ୍ଥା ନ ଥିବାରୁ ଏପରି ହେଉଛି। କୋଲକାତା, ଦିଲ୍ଲୀ ଭଳି ସହରରେ ମହିଳା ଏଭଳି ନିର୍ଯାତନାର ଶିକାର ହେଉଛନ୍ତି। ଏହା ପଛକୁ ରାଞ୍ଚି, ଶ୍ରୀନଗର, ପାଟନା, ଜୟପୁର ଏବଂ ଫରିଦାବାଦ ରହିଛି। ଏହି ସବୁ ସହର ମହିଳାଙ୍କ ପାଇଁ କମ୍ ସୁରକ୍ଷିତ। ଏହି ସହରରେ ସଂସ୍ଥାଗତ ପ୍ରତିକ୍ରିୟା ଦୁର୍ବଳ ରହିଛି। ପିତୃକୈନ୍ଦ୍ରିକ ଚିନ୍ତାଧାରା ଏବଂ ସହରୀ ମନୋଭାବ ବହୁତ କମ୍ ଥିବାରୁ ସୁରକ୍ଷା ସ୍ଥିତି ଖରାପ ରହିଛି।

କୋହିମା, ବିଶାଖପାଟଣା, ଭୁବନେଶ୍ୱର, ଆଇଜୋଲ, ଗ୍ୟାଙ୍ଗଟକ, ଇଟାନଗର ଏବଂ ମୁମ୍ବାଇ ମହିଳାଙ୍କ ପାଇଁ ସବୁଠୁ ସୁରକ୍ଷିତ ସହର ପାଲଟିଛି। ରିପୋର୍ଟରେ କୁହାଯାଇଛି ଯେ କୋହିମା ଏବଂ ଅନ୍ୟ ସବୁଠୁ ସୁରକ୍ଷିତ ସହରରେ ମହିଳାଙ୍କୁ ଅଧିକ ସମାନତା, ନାଗରିକ ସହଭାଗୀ, ଉତ୍ତମ ପୁଲିସ ବ୍ୟବସ୍ଥା ଏବଂ ମହିଳାଙ୍କ ପାଇଁ ଅନୁକୂଳ ବ୍ୟବସ୍ଥା ମିଳୁଛି। ରିପୋର୍ଟରେ କୁହାଯାଇଛି ଯେ ରେକର୍ଡରେ ନ ଥିବା ମାମଲାକୁ ବିଚାରକୁ ନେବାକୁ ପ୍ରୟାସ କରାଯାଇଛି। ପଞ୍ଜିକୃତ ମାମଲାଠାରୁ ବାସ୍ତବତା ଅଧିକ ଭୟଙ୍କର ରହିଛି। ପୁଣି ଉତ୍ପୀଡ଼ନର ଶିକାର ହେବାକୁ ଏବଂ ସାମାଜିକ କଳଙ୍କ ଭୟରେ ଅନେକ ମହିଳା ଏତଲା ଦିଅନ୍ତି ନାହିଁ। ମାତ୍ର ୨୨ ପ୍ରତିଶତ ମହିଳା କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଅଭିଯୋଗ କରିଥାନ୍ତି। କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନ ନିରୋଧୀ ବ୍ୟବସ୍ଥା (ପିଓଏସ୍‌ଏଚ) ଅଛି କି ନାହିଁ ତାହା ୫୩ ପ୍ରତିଶତ ମହିଳା ଜାଣିନାହାନ୍ତି।

# ପୁଲିସର ଦ୍ୱନ୍ଦ୍ୱ ବଢ଼ାଇଲା ଡାକ୍ତରଙ୍କ ରିପୋର୍ଟ



ନୋଏଡ଼ା, ୨୮।୮ (ଏଜେନ୍ସି): ଉତ୍ତର ପ୍ରଦେଶ ଗ୍ରେଟର ନୋଏଡ଼ାର ନିକି ଭାଟିଙ୍କୁ ଯୌତୁକ ପାଇଁ ଜିଅନ୍ତା ପୋଡି ମାରିବା ମାମଲା ଦିନକୁ ଦିନ ନୂଆ ମୋଡ଼ ନେବାରେ ଲାଗିଛି। ନିକି ନିଜକୁ ନିଆଁ ଲଗାଇ ଥିଲେ କି ସ୍ୱାମୀ ବିପିନ ଭାଟି ତାଙ୍କୁ ନିଆଁ ଲଗାଇ ଦେଇଥିଲେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ଗତ ୨୧ ତାରିଖ ସନ୍ଧ୍ୟା ୫ଟା୩୦ରେ ଘରର ପାହାଚରେ ଜଳନ୍ତା ଅବସ୍ଥାରେ ଓହ୍ଲାଉ ଥିବା ଦେଖାଯାଇଥିଲା। ଯାଞ୍ଚ ସମୟରେ ବିପିନଙ୍କ ଘରେ ୮ଟି ସିସିଟିଭି ଲାଗିଥିବା ଜଣାପଡ଼ିଥିଲା। କିନ୍ତୁ ଘଟଣା ଦିନ ସବୁ ସିସିଟିଭି ବନ୍ଦ ଥିଲା। ଏଥିପାଇଁ କିଛି ବି ରେକର୍ଡ ହୋଇପାରି ନ ଥିଲା। ନିକିଙ୍କ ଭଉଣୀ କାଞ୍ଚନ ନିଜ ମୋବାଇଲରେ ନିକି ଜଳୁଥିବା ଭିଡିଓ ସୁଟ୍ କରିଥିଲେ। ସେ ଏହାକୁ ପ୍ରମାଣ ଭାବେ ପୁଲିସକୁ ଦେଇଥିଲେ। ବିପିନଙ୍କ ପରିବାର ପକ୍ଷରୁ ମଧ୍ୟ ଅନେକ ଦାବି କରାଯାଇଛି। ପୁଲିସକୁ କିଛି ଭିଡିଓ ମଧ୍ୟ ଦେଇଛନ୍ତି। ଗତ ୭ ଦିନରେ ନିକିଙ୍କ ସହ ମାର୍‌ପିଟ ଏବଂ ମୃତ୍ୟୁ ସମ୍ବନ୍ଧିତ ୫ଟି ଭିଡିଓ ସାମ୍ନାକୁ ଆସିଲାଣି। ତଥାପି ବି ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନାହିଁ। ଏହି ସବୁ ଭିଡିଓକୁ ପୋଷ୍ଟ କରାଯାଇଥିବାର ତାରିଖ ଜଣା ପଡ଼ିଥିଲେ ବି କେବେ ସୁଟ୍ କରାଯାଇଥିଲା ତାହା ଜଣାପଡ଼ି ନାହିଁ। ଯାଞ୍ଚ ପାଇଁ ଏ ସବୁ ଭିଡିଓକୁ ଆଗ୍ରା ଏବଂ ଚଣ୍ଡିଗଡ଼ ସ୍ଥିତ ଫରେନସିକ ଲ୍ୟାବ୍‌କୁ ପଠାଇବା ପାଇଁ ପ୍ରସ୍ତୁତି କରାଯାଉଛି।

ଏହା ମଧ୍ୟରେ ବଡ଼ ସୂଚନା ସାମ୍ନାକୁ ଆସିଛି। ନିକି ମୃତ୍ୟୁ ପୂର୍ବରୁ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଦେହରେ ନିଆଁ ଲାଗି ଯାଇଥିଲା ବୋଲି ଡାକ୍ତରକୁ କହିଥିବା ଦାବି ହେଉଛି। ଡାକ୍ତରଖାନା ଜଣେ ଡାକ୍ତର ଏବଂ ନର୍ସ କହିଛନ୍ତି ଯେ ହସ୍ପିଟାଲକୁ ଆଣିବା ସମୟରେ ନିକି କଥାବାର୍ତ୍ତା କରିପାରୁ ଥିଲେ। ପୁଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ ହସ୍ପିଟାଲ ବାହାରର ସିସିଟିଭି ଫୁଟେଜରେ ନିକିଙ୍କ ଶାଶୁ, ଶଶୁର, ଦେଢ଼ଶୁର ଏବଂ ପଡୋଶୀ କାର୍‌ରେ ବସିଥିବା ଦେଖାଯାଉଛି। ତେବେ ଭାଟିଙ୍କ ଘରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣର କୌଣସି ପ୍ରମାଣ ମିଳି ନ ଥିବା କୁହାଯାଇଛି। ନିକିଙ୍କୁ ବୟାନ ଦେବା ପାଇଁ ବାଧ କରାଯାଇଥିଲା କି ନାହିଁ ଏବେ ତାହାର ତଦନ୍ତ ଚାଲିଛି। ଫରେନସିକ ରିପୋର୍ଟରୁ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ବ୍ୟବଚ୍ଛେଦ ରିପୋର୍ଟରେ ୮୦% ପୋଡ଼ିଯିବା ଯୋଗୁଁ ନିକିଙ୍କ ମୃତ୍ୟୁ ହୋଇଥିଲା ବୋଲି କୁହାଯାଇଛି। ସେହିପରି ବିପିନ ହିଁ ନିଆଁ ଲଗାଇ ହତ୍ୟା କରିଥିଲା ବୋଲି ନିକିଙ୍କ ଭଉଣୀ କାଞ୍ଚନ କହିଥିଲେ।

# ଆଜିଠୁ କମିବ ବର୍ଷା; ପହିଲାରୁ ପୁଣି ବଢ଼ିବ

ଭୁବନେଶ୍ୱର,୨୮।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ରାଜ୍ୟଠାରୁ ଧୀରେ ଧୀରେ ଦୂରକୁ ଯାଉଛି। ବର୍ତ୍ତମାନ ଏହି ଲଘୁଚାପ କେନ୍ଦ୍ରୀୟ ଛିତିଶଗଡ଼ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିଛି। ଯଦିଓ ଏହା ପ୍ରଭାବରେ ରାଜ୍ୟରେ ବର୍ତ୍ତମାନ ବର୍ଷାର ପରିମାଣ ହ୍ରାସ ପାଇଛି; ମାତ୍ର ଲଘୁଚାପ ଯୋଗୁଁ ଗତ ୨ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ୟାପକ ବର୍ଷା ହୋଇଛି। ପ୍ରଥମେ ଲଘୁଚାପ ଯୋଗୁଁ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇଥିବା ବେଳେ ସେଠାରେ ବିଭିନ୍ନ ନଦୀରେ ଜଳସ୍ତର ବଢ଼ିଛି। ବିଶେଷକରି ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଆଦି ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ଯୋଗୁଁ ଜନଜୀବନ ବିଶେଷ ଭାବେ ପ୍ରଭାବିତ ହୋଇଛି। ଗୁରୁବାର ଲଘୁଚାପ ପ୍ରଭାବରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହୋଇଥିବା ବେଳେ ଏବେ ଛତିଶଗଡ଼ ସୀମାନ୍ତବର୍ତ୍ତୀ ଜିଲ୍ଲାର କିଛି କିଛି ସ୍ଥାନରେ ବର୍ଷା ଲାଗି ରହିଛି। ଶୁକ୍ରବାରଠାରୁ ଦୁଇ ଦିନ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ କମିବାକୁ ଥିଲେ ମଧ୍ୟ ୧ ତାରିଖରୁ ପୁଣି ଥରେ ବର୍ଷାର ପ୍ରଭାବ ବଢ଼ିବା ନେଇ ଆଶଙ୍କା କରାଯାଇଛି। କାରଣ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଉତ୍ତର ଓଡିଶା ଉପକୂଳରେ ପୁଣି ଏକ ଲଘୁଚାପ ସୃଷ୍ଟି ନେଇ ସମ୍ଭାବନା ରହିଛି। ଯାହାଫଳରେ ସେପ୍ଟେମ୍ବରରୁ ପହିଲାରୁ ରାଜ୍ୟରେ ଜାରି ରହିବ ବର୍ଷା ବୃଦ୍ଧି ପାଇବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରାର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଛତିଶଗଡ଼ ଉପରେ ବର୍ତ୍ତମାନ ଲଘୁଚାପଟି ସକ୍ରିୟରହିଛି। ଗୁରୁବାର ସାରା ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାକୁ ଥିବା ବେଳେ ଶୁକ୍ରବାରଠାରୁ ବର୍ଷାର ପରିମାଣ କମିବା ସମ୍ଭାବନା ରହିଛି। ଉତ୍ତର ଓ ଉପକୂଳ ଓଡିଶାର କିଛି ଅଞ୍ଚଳରେ ହାଲୁକରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୩୦ ତାରିଖ ଯାଏ ପ୍ରବଳ ବର୍ଷାର ସମ୍ଭାବନା ନଥିବା ବେଳେ ପୁଣି ୩୧ରୁ ବର୍ଷା ବଢ଼ିବା ଆକଳନ କରାଯାଉଛି।

ଗତ ୨୪ ଘଣ୍ଟାରେ ୫ ସ୍ଥାନରେ ପ୍ରବଳ ଓ ୭ ସ୍ଥାନରେ ଅତିପ୍ରବଳ ବର୍ଷା ହୋଇଥିବା ବେଳେ କୋରାପୁଟ ଜୟପୁରରେ ସର୍ବାଧିକ ୧୮୬ ମିମି ବର୍ଷା ରେକର୍ଡ କରାଯାଇଛି। ମୌସୁମୀ ଋତୁରେ ଆଜିଯାଏଁ ସ୍ୱାଭାବିକ ବର୍ଷା ୮୮୪ ମିମି ତୁଳନାରେ ୮୫୪ ମିମି ବର୍ଷା ରେକର୍ଡ ହୋଇଛି।

## ରାୟପୁର ଗୋଲଟେବୁଲ ବୈଠକରେ ନିଷ୍ପତ୍ତି

# ସେପ୍ଟେମ୍ବରରେ ଦିଲ୍ଲୀରେ ହେବ ମହାନଦୀ ସଂସଦ

ଭୁବନେଶ୍ୱର, ୨୮।୮ (ସମିସ): ଅଣମୌସୁମୀ ସମୟରେ ଯେତିକି ପାଣି ଓଡ଼ିଶାର ଆବଶ୍ୟକତା ରହିଛି ତାକୁ ଛାଡ଼ିବା ଦରକାର। ଓଡ଼ିଶା ସରକାର ଓ ଛତିଶଗଡ଼ ସରକାର ମଧ୍ୟରେ ହେବାକୁ ଥିବା ଆପୋସ ଆଲୋଚନା ପୂର୍ବରୁ ଏହି ସର୍ତ୍ତ ରହିବା ଜରୁରୀ। ମହାନଦୀ ଜଳ ବିବାଦକୁ ନେଇ ଛତିଶଗଡ଼ ରାଜଧାନୀ ରାୟପୁରରେ ଆୟୋଜିତ ଗୋଲ୍ ଟେବୁଲ୍ ବୈଠକରେ ଏହି ମତ ପ୍ରକାଶ ପାଇଛି। ଗୁରୁବାର ମହାନଦୀର ସଙ୍କଟ ଓ ଜଳ ବିବାଦକୁ ନେଇ ଆୟୋଜିତ ଗୋଲ୍ ଟେବୁଲ ବୈଠକରେ ମହାନଦୀ ବଞ୍ଚାଅ ଆନ୍ଦୋଳନ, ନଦୀ ଘାଟି ମୋର୍ଚ୍ଚା ଓ ରାଷ୍ଟ୍ରୀୟ ଜଳ ବିରାଦରିର ଆଦିର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ଉଭୟ ଛତିଶଗଡ଼ ଏବଂ ଓଡ଼ିଶାର ଅନେକ ନଦୀ ଆନ୍ଦୋଳନର ନେତୃତ୍ୱ ଯୋଗ ଦେଇଥିଲେ।

ଜଳମାନବ ଡଃ ରାଜେନ୍ଦ୍ର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ମହାନଦୀ ଜଳ ବିବାଦର ଆପୋସ ସମାଧାନ ପାଇଁ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ସହମତିକୁ ବୈଠକରେ ସ୍ୱାଗତ କରାଯାଇଛି। ମାତ୍ର ଆପୋସ ଆଲୋଚନାକୁ



ଯିବା ପୂର୍ବରୁ ଅଣ ମୌସୁମୀ ସମୟରେ ଯେତିକି ପାଣି ଓଡ଼ିଶାର ଆବଶ୍ୟକତା ରହିଛି ତାକୁ ଛାଡ଼ିବାକୁ ସର୍ତ୍ତ ରହିବା ଜରୁରୀ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଦୁଇ ସରକାରଙ୍କ ଭିତରେ ଆପୋସ ସମାଧାନକୁ ସୀମିତ ନ ରଖି ନଦୀ ସହିତ ସଂଶ୍ଳିଷ୍ଟ ଅଂଶୀଦାରମାନଙ୍କୁ ଏଥିରେ ସାମିଲ କରିବା ପାଇଁ ଦୁଇ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। ମହାନଦୀ ଏବେ ସଙ୍କଟରେ ଏବଂ ଏହି ସଙ୍କଟରୁ ମୁକ୍ତି ପାଇଁ ଲୋକଙ୍କୁ ନଦୀ ସହିତ ଯୋଡିବା ଆବଶ୍ୟକ ବୋଲି ବିଚାର କରି ଆସନ୍ତା ନୂଆ ବର୍ଷରେ ମହାନଦୀ ମହୋତ୍ସବ ଆୟୋଜନ କରିବାର ନିଷ୍ପତ୍ତି ହୋଇଛି। ଏଥିରେ ଦୁଇ ରାଜ୍ୟର ସଂସ୍କୃତି, ସାହିତ୍ୟ, ଅର୍ଥନୀତି ଓ ସାମାଜିକ ଜୀବନ ସମ୍ପର୍କରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ଏଥିପାଇଁ ସେପ୍ଟେମ୍ବର ମାସରେ ମହାନଦୀ ଚେତନା ଯାତ୍ରା ମଧ୍ୟ ଆୟୋଜିତ ହେବ। ମହାନଦୀ ଜଳ ବିବାଦର ଆପୋସ ସମାଧାନ ସମ୍ପର୍କରେ ଦିଲ୍ଲୀଠାରେ ମହାନଦୀ ସଂସଦ ଅନୁଷ୍ଠିତ ହେବ। ସେପ୍ଟେମ୍ବର ଶେଷ ସପ୍ତାହରେ ଏଥିରେ ଓଡ଼ିଶା, ଛତିଶଗଡ଼ ସମେତ ଦେଶର ନଦୀ ବିଶେଷଜ୍ଞମାନେ ଯୋଗ ଦେବେ। କେନ୍ଦ୍ର ତଥା ଦୁଇ ରାଜ୍ୟ ସରକାରଙ୍କ ପ୍ରତିନିଧିମାନଙ୍କୁ ମଧ୍ୟ ଏହି ସଂସଦକୁ ଆମନ୍ତ୍ରଣ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଆଜିର ବୈଠକକୁ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ନଦୀ ଘାଟି ମୋର୍ଚ୍ଚାର ଆବାହକ ଗୌତମ ବନ୍ଦୋପାଧ୍ୟାୟ, ରାଷ୍ଟ୍ରୀୟ ଜଳ ବିରାଦରିର ନିର୍ଦ୍ଦେଶକ ଡଃ ସଞ୍ଜୟ ସିଂହ ଆୟୋଜନ କରିଥିଲେ। ଓଡ଼ିଶାରୁ ଏଥିରେ ବିଜୟ ପ୍ରଧାନ, ସଚ୍ଚିକାନ୍ତ ପ୍ରଧାନ, ଅର୍ଜୁନ ସାମନ୍ତରାୟ, ଅଶୋକ ପ୍ରଧାନ ପ୍ରମୁଖ ଯୋଗ ଦେଇଥିବା ବେଳେ ଛତିଶଗଡ଼ର ବିଭିନ୍ନ ନଦୀ ଅବବାହିକାରୁ ଅନେକ ସାମାଜିକ କର୍ମୀ, ଲୋକ ପ୍ରତିନିଧି, ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନର ମୁଖପାତ୍ର ପ୍ରସନ୍ନ ବିଷୋୟୀ ଗଣମାଧ୍ୟମକୁ କହିଛନ୍ତି।

# ୫୦% ପିଲା ବୁଝି ପାରୁନାହାନ୍ତି ବିଦ୍ୟାଳୟ ପାଠ୍ୟକ୍ରମ

ଭୁବନେଶ୍ୱର, ୨୮।୮ (ସମିସ): ବିଦ୍ୟାଳୟରେ ପଢ଼ାଯାଉଥିବା ପାଠ୍ୟକ୍ରମକୁ ଛାତ୍ରଛାତ୍ରୀମାନେ ବୁଝି ପାରୁ ନାହାନ୍ତି। ଏଥିପାଇଁ ସେମାନେ ଘରୋଇ କୋଚିଂ ଉପରେ ନିର୍ଭର ହେଉଛନ୍ତି। ଉଭୟ ସରକାରୀ ଓ ଘରୋଇ ବିଦ୍ୟାଳୟରେ ସମାନ ପରିସ୍ଥିତି। ଓଡ଼ିଶାରେ ପ୍ରାୟ ୫୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ଘରୋଇ କୋଚିଂ ସେଣ୍ଟର ଉପରେ ନିର୍ଭରଶୀଳ ହେଉଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ଶିକ୍ଷା ସମ୍ବନ୍ଧୀୟ ବ୍ୟାପକ ମଡ୍ୟୁଲାର ସର୍ଭେ (ସିଏମ୍‌ଏସ୍)ରୁ ଜଣା ପଡ଼ିଛି।

ଚଳିତ ବର୍ଷ ଏପ୍ରିଲ-ଜୁନ୍ ମାସରେ କରାଯାଇଥିବା ସର୍ଭେରୁ ଜଣାପଡିଛି ଯେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ ଶ୍ରେଣୀ ପର୍ଯ୍ୟନ୍ତ ୫୭.୧ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ କୋଚିଂ ନେଉଛନ୍ତି। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଅଧିକ ଛାତ୍ରଛାତ୍ରୀ କୋଚିଂ ଉପରେ ନିର୍ଭରଶୀଳ ଅଛନ୍ତି। ଗ୍ରାମାଞ୍ଚଳରେ ଏହାର ମାତ୍ରା ୫୪.୬ ପ୍ରତିଶତ ଥିବାବେଳେ ସହରାଞ୍ଚଳରେ ୬୬.୬ ପ୍ରତିଶତ ରହିଛି। ସେହିପରି ମାଧ୍ୟମିକ ସ୍ତର ଅର୍ଥାତ୍ ନବମ ଓ ଦଶମ ଶ୍ରେଣୀର ସବୁଠାରୁ ଅଧିକ ଅର୍ଥାତ୍ ୬୮.୭ ପ୍ରତିଶତ ପିଲାମାନେ

■ ଘରୋଇ କୋଚିଂ ଉପରେ ନିର୍ଭରଶୀଳ ଛାତ୍ରଛାତ୍ରୀ
■ ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଅଧିକ ଟ୍ୟୁସନ୍
■ ଅଧିକ କୋଚିଂ ନେଉଛନ୍ତି ନବମ ଓ ଦଶମ ଶ୍ରେଣୀ ପିଲା

କୋଚିଂ ନେଉଛନ୍ତି। ପ୍ରାଥମିକ ଶିକ୍ଷା ପୂର୍ବରୁ ୩୪.୨ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପିତାମାତା ନିଜେ ପଢ଼ାଉଛନ୍ତି କିମ୍ବା ପ୍ରାଥମିକ ଶ୍ରେଣୀ ପାଇଁ ପ୍ରସ୍ତୁତ କରିବାକୁ ଟ୍ୟୁସନ୍ ଦେଉଛନ୍ତି। ଅନୁରୂପ ଭାବେ ଛାତ୍ରଛାତ୍ରୀଙ୍କ ପାରିବାରିକ ଖର୍ଚ୍ଚ ଏବଂ କୋଚିଂ ଫି' ଉପରେ ମଧ୍ୟ ସର୍ଭେରେ ଗୁରୁତ୍ୱ ଦିଆଯାଇଥିଲା। ସହରାଞ୍ଚଳରେ ଘରୋଇ କୋଚିଂ ବାବଦକୁ ବାର୍ଷିକ ହାରାହାରି ୧୦,୮୯୯ ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ଗ୍ରାମାଞ୍ଚଳରେ ୩,୫୪୭ ଟଙ୍କା ବ୍ୟୟ ହେଉଛି। ଅର୍ଥାତ୍ ଗ୍ରାମାଞ୍ଚଳ ତୁଳନାରେ ପ୍ରାୟ ୩ଗୁଣା ଅଧିକ ଖର୍ଚ୍ଚ ସହରାଞ୍ଚଳରେ ହେଉଥିବା ଜଣା ପଡ଼ିଛି। ପ୍ରାଥମିକ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବାର୍ଷିକ ହାରାହାରି ୧,୨୩୮ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ମାଧ୍ୟମିକ ସ୍ତର ବେଳକୁ ଏହା ୧୦,୪୦୧ ଟଙ୍କାରେ ପହଞ୍ଚୁଛି।

ଘରୋଇ କୋଚିଂ ବ୍ୟତୀତ ସ୍କୁଲ୍ ଫି, ପରିବହନ, ୟୁନିଫର୍ମ, ପାଠ୍ୟପୁସ୍ତକ, ଷ୍ଟେସନାରୀ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ପରିବାରବର୍ଗ ବହନ କରୁଛନ୍ତି। ପ୍ରାଥମିକ ଶିକ୍ଷା ସ୍ତରରେ ସରକାରୀ ବିଦ୍ୟାଳୟର ପିଲାଙ୍କ ପାଇଁ ହାରାହାରି ୧,୧୯୬ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଘରୋଇ ବିଦ୍ୟାଳୟ ପିଲାଙ୍କ ପାଇଁ ହାରାହାରି ୨୪,୫୨୭ ଟଙ୍କା ବ୍ୟୟ କରୁଛନ୍ତି। ସେହିପରି ମାଧ୍ୟମିକ ଶିକ୍ଷା ସ୍ତରରେ ସରକାରୀ ସ୍କୁଲ ପିଲାଙ୍କ ପିଛା ୮,୧୧୭ ଟଙ୍କା ଏବଂ ଘରୋଇ ସ୍କୁଲ ପିଲାଙ୍କ ପିଛା ୪୦,୧୪୭ ଟଙ୍କା ଖର୍ଚ୍ଚ ହେଉଛି। ସହରାଞ୍ଚଳରେ ପଢୁଥିବା ପିଲାଙ୍କ ପାଇଁ ସମସ୍ତ ବର୍ଗରେ ଅଧିକ ଦେୟ ଦେବାକୁ ପଡୁଥିବା ସର୍ଭେରୁ ଜଣା ପଡ଼ିଛି। ଉଭୟ ସରକାରୀ ଓ ଘରୋଇ ବିଦ୍ୟାଳୟରେ ହାରାହାରି ଗୋଟିଏ ପିଲାର ପଢ଼ିବା ବାବଦକୁ ୧୪,୧୪୫ ଟଙ୍କା ପାଠ୍ୟକ୍ରମ ଫି' ରହୁଥିବାବେଳେ ପରିବହନ ବାବଦକୁ ୪,୪୩୮ ଟଙ୍କା ଖର୍ଚ୍ଚ ହେଉଥିବା ଆକଳନ କରାଯାଇଛି।

ସେହିପରି ରାଜ୍ୟର ୯୨ ପ୍ରତିଶତ ଛାତ୍ରଛାତ୍ରୀ ସେମାନଙ୍କ ଶିକ୍ଷା ପାଇଁ ପାଣ୍ଠିର ପ୍ରଥମ ଓ ପ୍ରମୁଖ ଉତ୍ସ ପରିବାର ସଦସ୍ୟଙ୍କଠାରୁ ଥିବାବେଳେ ମାତ୍ର ୨.୩ ପ୍ରତିଶତ ଛାତ୍ରଛାତ୍ରୀ ସରକାରୀ ବୃତ୍ତି ରାଶି ସେମାନଙ୍କର ପ୍ରମୁଖ ପାଣ୍ଠି ଥିଲା ବୋଲି ଦର୍ଶାଇଛନ୍ତି।

# ମନ୍ଦିରରେ ନିଆଁ ଲାଗି ଜଳିଗଲେ ତିନି ଠାକୁର

ବ୍ରହ୍ମଗିରି,୨୮।୮ (ସମିସ): ଗୁରୁବାର ବ୍ରହ୍ମଗିରି ଥାନା ଅନ୍ତର୍ଗତ କାଣ୍ଡଗୋଦା ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିର ଭିତରେ ନିଆଁ ଲାଗିଯାଇଛି। ଏହି ନିଆଁରେ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ତିନି ବିଗ୍ରହ ଜଳିଯାଇଛନ୍ତି। ମନ୍ଦିର ପୂଜକ ରାତିରେ ନୀତି ସାରି କବାଟ ବନ୍ଦ କରି



ଯିବାର କିଛି ସମୟ ପରେ ମନ୍ଦିରରୁ ଧୂଆଁ ବାହାରୁଥିବା ଦେଖି ଗାଁ ଲୋକେ ତାଲା ଭାଙ୍ଗି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ତିନି ବିଗ୍ରହ ନିଆଁରେ ଜଳି ସାରିଥିଲେ। ଅସାବଧାନତା ଯୋଗୁଁ ଦୀପରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

# ଆଜିଠୁ ଏସ୍‌ସି/ଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷଙ୍କ ସମ୍ମିଳନୀ

ଭୁବନେଶ୍ୱର,୨୮।୮ (ସମିସ): ଶୁକ୍ରବାରଠାରୁ ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ସଂସଦ ଓ ବିଧାନସଭାର ଅନୁସୂଚିତ ଜାତି (ଏସ୍‌ସି) ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) କଲ୍ୟାଣ କମିଟିର ଅଧ୍ୟକ୍ଷ

## ଉଦ୍‌ଘାଟନ କରିବେ ଲୋକସଭା ବାଚସ୍ପତି ଓମ୍ ବିର୍ଲା

ଏବଂ ସଦସ୍ୟମାନଙ୍କର ଦୁଇଦିନିଆ ଜାତୀୟ ସମ୍ମିଳନୀ। ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଆୟୋଜିତ ଏହି ସମ୍ମିଳନୀକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦଘାଟନ କରିବେ। ଏ ସମ୍ପର୍କରେ ବାଚସ୍ପତି ସୁରମା ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଦୀର୍ଘ ବର୍ଷର ବ୍ୟବଧାନ ପରେ ଓଡ଼ିଶାରେ ଏହି ଧରଣର ଜାତୀୟ ସମ୍ମିଳନୀ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଏବଂ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଡକ୍ଟର ଫଗନ ସିଂହ କୁଲସ୍ତେ ଏହି ସମାବେଶକୁ ସମ୍ବୋଧିତ କରିବେ। ସଂସଦ ଏବଂ ରାଜ୍ୟ / କେନ୍ଦ୍ର ଶାସିତ ପ୍ରଦେଶ ବିଧାନସଭାର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟ, ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଏବଂ ଓଡ଼ିଶା ବିଧାନସଭାର ସଦସ୍ୟ ଓ ସାଂସଦମାନେ ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ସମ୍ମିଳନୀରେ ସଂସଦ ଏବଂ ରାଜ୍ୟ / କେନ୍ଦ୍ର ଶାସିତ ପ୍ରଦେଶ ବିଧାନସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟମାନେ ଯୋଗଦେବେ। ଚଳିତ ସମ୍ମିଳନୀର ବିଷୟବସ୍ତୁ ରହିଛି "ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ କଲ୍ୟାଣ, ବିକାଶ ଏବଂ ସଶକ୍ତିକରଣରେ ସଂସଦୀୟ ଏବଂ ବିଧାନସଭା କମିଟିର ଭୂମିକା'।

## ମତ୍ସ୍ୟଜୀବୀଙ୍କ ପାଇଁ କାଳ ସାଜିଛି ପଥର ବନ୍ଧ

# ଋଷିକୁଲ୍ୟା ମୁହାଣରେ ଡଙ୍ଗା ଓଲଟି ଜଣେ ମୃତ

ଛତ୍ରପୁର/ଗଞ୍ଜାମ,୨୮।୮ (ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଡ଼ମପେଟା ନିକଟରେ ଅବସ୍ଥିତ ଋଷିକୁଲ୍ୟା ମୁହାଣରେ ଡ଼ଙ୍ଗା ଓଲଟି ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତ୍ରପୁର ବ୍ଲକ ସାନନୋଲିଆ ନୂଆଗାଁର ଏ. କାଲେୟା (୪୯)। ବୁଧବାର ରାତିରୁ ସେ ନିଖୋଜ ଥିବାବେଳେ ଗୁରୁବାର ସନ୍ଧ୍ୟାରେ ଅଳେଶ୍ୱର-ସିଦ୍ଧାନ୍ତନଗର ମଧ୍ୟଭାଗ ବେଳାଭୂମିରୁ ତାଙ୍କ ମୃତଦେହ ମିଳିଛି।

ସୂଚନା ପ୍ରକାରେ ବୁଧବାର ଭୋରରୁ ନୋଳିଆନୂଆଗାଁର ୭ଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ଋଷିକୁଲ୍ୟା ମୁହାଣ ଦେଇ ସମୁଦ୍ର ଭିତରକୁ ଯିବାବେଳେ ଏକ ଉଚ୍ଚ ଲହଡ଼ି ମାଡ଼ରେ ଡଙ୍ଗାଟି ଓଲଟି ପଡ଼ିଥିଲା। ପି. ଏରେୟା, ଏମ. ବାବାଜୀ, ପି. କାମେୟା, ପି. ରଘୁନାଥ, ଏମ୍. ମୋହନ ଓ ପି. ରାମେୟା ୬ ଜଣ ପହଁରି ପହଁରି କୂଳକୁ ଚାଲି ଆସିଥିବାବେଳେ କାଲେୟା ଡ଼ଙ୍ଗା ତଳେ ଚାପିହୋଇ ରହି ଯାଇଥିଲେ। ଅନ୍ଧାର ରାତିରେ ତାଙ୍କୁ ଉଦ୍ଧାର କରାଯାଇପାରିନଥିଲା। ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇନଥିଲେ। ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଅଧିକାରୀଙ୍କୁ କହିବା ସହ ନିଜେ ମତ୍ସ୍ୟଜୀବୀଙ୍କ ସହ ଡଙ୍ଗାରେ ସମୁଦ୍ରକୁ ଯାଇ ଖୋଜାଖୋଜି କରିଥିଲେ। ଗୁରୁବାର ସନ୍ଧ୍ୟାରେ ଅଳେଶ୍ୱର ବେଳାଭୂମିରେ କାଲେୟାଙ୍କ ମୃତଦେହ ଲାଗିଥିବା ସ୍ଥାନୀୟ ଜଣେ ଯୁବକ ଦେଖିଥିଲେ। ଖବର ପାଇ ରମ୍ଭା ଥାନା ପୁଲିସ



ଅଳେଶ୍ୱର ବେଳାଭୂମିରୁ ମିଳିଲା ମୃତଦେହ

ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛତ୍ରପୁର ମେଡ଼ିକାଲକୁ ପଠାଇଛି। ଅନ୍ୟପକ୍ଷରେ ଦୀର୍ଘବର୍ଷ ହେଲା ଗୋପାଳପୁର ପୋର୍ଟକୁ ସୁରକ୍ଷା ଦେବା ନିମନ୍ତେ ସମୁଦ୍ର ମଧ୍ୟରେ ପଥର ବନ୍ଧ ନିର୍ମାଣ ହୋଇଛି। ଫଳରେ ଦକ୍ଷିଣରେ ରାମେୟାପାଟଣାଠାରୁ ଉତ୍ତରରେ ପ୍ରୟାଗୀ ମଧ୍ୟରେ ଉଚ୍ଚ ଲହଡ଼ି ସୃଷ୍ଟି ହେଉଛି, ଯାହା ଆମ ପାଇଁ କାଳ ସାଜୁଛି ବୋଲି ମତ୍ସ୍ୟଜୀବୀ ଅଭିଯୋଗ କରି ଆସୁଛନ୍ତି। ସ୍ଥାନୀୟ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ରମ୍ଭା ଥାନା ଅଧିକାରୀ କୁମର ମୁଦୁଲି, ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର, ହୁମ୍ମା ଫାଣ୍ଡି ଅଧିକାରୀ ଶୁଭ୍ରଜିତ ସାମନ୍ତରାୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ।

# ଇଞ୍ଜେକ୍ସନ ନେବାପରେ ଶିଶୁ ଗୁରୁତର

ପଟ୍ଟାମୁଣ୍ଡାଇ,୨୮।୮ (ସମିସ): ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍‌ପିଟାଲରେ ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ ଯୋଗୁଁ ଜଣେ ଶିଶୁ ଗୁରୁତର ହେବା ଘଟଣାରେ ହସ୍‌ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇବା ସହିତ ଧାରଣା ଦିଆଯାଇଥିଲା। ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ମାଟିଆ ଗ୍ରାମର ଆନନ୍ଦ ମଲିକ ତାଙ୍କ ୪ ବର୍ଷର ପୁଅ ରୋହନଙ୍କୁ ଥଣ୍ଡା ଜ୍ୱର ହୋଇଥିବାରୁ ଚିକିତ୍ସା ପାଇଁ ୨୩ ତାରିଖରେ ପଟ୍ଟାମୁଣ୍ଡାଇ ହସ୍‌ପିଟାଲକୁ ଆଣିଥିଲେ। ସେଠାରେ ଡ୍ୟୁଟିରେ ଥିବା ଡାକ୍ତର ରୋହନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଓ ଇଞ୍ଜେକ୍ସନ ନେବା ପାଇଁ ପ୍ରେସକ୍ରିପସନ ଲେଖିଥିଲେ। ଏହା ପରେ ରୋହଙ୍କୁ ଇଞ୍ଜେକ୍ସନ ଦେବାରୁ ସେ ହଠାତ ଅସୁସ୍ଥ ହୋଇପଡ଼ିବା ସହିତ ବାମ ଗୋଡ଼ ତଳେ ଲାଗି ନ ଥିଲା। ଏ ନେଇ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇବା ସହିତ ଡାକ୍ତରଙ୍କ ଭୁଲ ଔଷଧ ଓ ଇଞ୍ଜେକ୍ସନ ଦ୍ୱାରା ରୋହନର ଏଭଳି ଅବସ୍ଥା ହୋଇଥିବା ରୋହନଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ରୋହନର ପରିବାର ଲୋକ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲଠାରୁ ଆରମ୍ଭ କରି ଥାନା ଓ ଜିଲ୍ଲାସ୍ତରୀୟ ହସ୍ପିଟାଲ ପର୍ଯ୍ୟନ୍ତ ନ୍ୟାୟ ପାଇଁ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେମାନଙ୍କ ଅଭିଯୋଗ କେହି ଶୁଣି ନ ଥିଲେ। ଉପଯୁକ୍ତ ତଦନ୍ତ ଓ ନ୍ୟାୟ ଦାବିରେ ଆଜି ରୋହନଙ୍କ ପରିବାର ସହିତ ମାଟିଆ ଗ୍ରାମର ଶତାଧିକ ଲୋକ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ପରିସରରେ ଧାରଣା ଦେଇଥିଲେ। ଫଳରେ ସବଡିଭିଜନ ହସ୍‌ପିଟାଲ ପରିସରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଗଣ୍ଡଗୋଳ ଆଶଙ୍କାରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପକ୍ଷରୁ ସବଡିଭିଜନ ହସ୍‌ପିଟାଲ ପରିସରରେ ପୁଲିସ ମୃତୟନ କରାଯାଇଥିଲା। ଶେଷରେ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍‌ପିଟାଲ ଡାକ୍ତର ଚନ୍ଦ୍ରଶେଖର ଦାଶ ଧାରଣାସ୍ଥଳକୁ ଆସି ରୋହନଙ୍କୁ ଦୁଇଜଣ ମେଡିକାଲ ଷ୍ଟାଫଙ୍କ ଦ୍ୱାରା ଆମ୍ବୁଲାନ୍ସ ଯୋଗେ କଟକ ଶିଶୁ ଭବନକୁ ପଠାଇବା ଓ ସମସ୍ତ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

**ପଟ୍ଟାମୁଣ୍ଡାଇ ହସ୍‌ପିଟାଲରେ ଉତ୍ତେଜନା ଓ ଧାରଣା**

# ଭାଇରାଲ୍ ଜ୍ୱର କବଳରେ ଓଡ଼ିଶା

ଭୁବନେଶ୍ୱର, ୨୮।୮ (ସମିସ): ଘରେ ଘରେ ଏବେ ଜ୍ୱର, କାଶ, ଥଣ୍ଡା। ଡେଙ୍ଗୁ, ମ୍ୟାଲେରିଆ ଆଦି ପରୀକ୍ଷା କଲେ ରିପୋର୍ଟ ନେଗେଟିଭ୍ ଆସୁଛି; କିନ୍ତୁ ୫ରୁ ୭ ଦିନ ପର୍ଯ୍ୟନ୍ତ ତଣ୍ଟି ଦରଜ ଓ ଗଳା ବସିବା ଭଳି ଲକ୍ଷଣ ଦେଖାଯାଉଛି। ଶରୀରରେ ତାପମାତ୍ରା କିଛି ଦିନ ଯାଏଁ ଲାଗି ରହୁଛି। ରାଜଧାନୀରେ ପ୍ରତି ୫ଜଣରେ ଜଣେ ଏବେ ଏହି ଜ୍ୱରରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଦୈନିକ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ଶହ ଶହ ରୋଗୀ ଆସୁଛନ୍ତି। ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଘରୋଇ ଚିକିତ୍ସାଳୟରେ ମଧ୍ୟ ରୋଗୀଙ୍କ ଲମ୍ବା ଧାଡ଼ି ଲାଗୁଛି। କେବଳ ରାଜଧାନୀ ନୁହେଁ, ସାରା ରାଜ୍ୟରେ ଅର୍ଦ୍ଧାଧିକ ଲୋକ ଏବେ ଏପରି ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ସୂଚନା ଅନୁସାରେ ଏହି ଜ୍ୱର ଓ ଥଣ୍ଡାରେ ଛୋଟ ପିଲା ଏଥିରେ ଅଧିକ ମାତ୍ରାରେ ସଂକ୍ରମିତ ହେଉଛନ୍ତି। ପିଲାଙ୍କଠାରୁ ବଡ଼ ଲୋକମାନଙ୍କୁ ବ୍ୟାପୁଛି। ପରିବାରର କୌଣସି ସଦସ୍ୟଙ୍କୁ ଏହି ଜ୍ୱର ହେଲେ ଧୀରେ ଧୀରେ ସମସ୍ତେ ସଂକ୍ରମିତ ହେଉଛନ୍ତି। କିଛି ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହାକୁ ଏଚ୍-୧ ଏନ୍-୧ ଭୂତାଣୁ କହୁଥିବା ବେଳେ କିଛି ଏହାକୁ ଭାଇରାଲ୍ ଫିଭର୍(ଜ୍ୱର) ବୋଲି କହୁଛନ୍ତି। ହେଲେ ସରକାରୀ ଭାବେ ଏହି ଜ୍ୱରକୁ ନେଇ କୌଣସି ସ୍ପଷ୍ଟ କରାଯାଇନାହିଁ। ତେଣୁ ଏହା କେଉଁ ପ୍ରକାର ଭୂତାଣୁ ବୋଲି କିଛି ସ୍ପଷ୍ଟ ହୋଇପାରୁନି। ରୋଗୀ ଡାକ୍ତରଖାନାରୁ ଓ ଔଷଧ ଦୋକାନରୁ ଥଣ୍ଡା ଓ ସାଧାରଣ ଜ୍ୱର ପାଇଁ ଉଦ୍ଦିଷ୍ଟ ପାରାସିଟାମଲ୍ ଔଷଧ ଖାଇ ସୁସ୍ଥ ଅନୁଭବ କରୁଥିବା କହୁଛନ୍ତି। ଖରା-ବର୍ଷା ସାଙ୍ଗକୁ ଗରମ ଗୁଳୁଗୁଳିରୁ ରକ୍ଷା ପାଇଁ ଲୋକମାନେ ପଙ୍ଖା, ଏସି ଆଦି ବ୍ୟବହାର କରୁଛନ୍ତି।

■ କରୋନା ଭଳି ଘରକୁ ଘର ବ୍ୟାପୁଛି ସଂକ୍ରମଣ
■ ପାଣିପାଗ ପରିବର୍ତ୍ତନକୁ ଦାୟୀ କଲେ ବିଶେଷଜ୍ଞ

ତେଣୁ ଶରୀର ହଠାତ୍ ଥଣ୍ଡା ଓ ଗରମ ଅନୁଭବ କରିବା ଯୋଗୁଁ ଏଭଳି ରୋଗ ଦେଖାଦେଉଥିବା ବିଶେଷଜ୍ଞମାନେ କହିଛନ୍ତି।

ଭାଇରାଲ୍ ଜ୍ୱର ଅତି ସହଜରେ ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ହେଉଛି। ବିଶେଷକରି ରୋଗୀ ମାସ୍କ ନ ପିନ୍ଧିଥିବା ବେଳେ ରୋଗୀର ପାଖରେ ବସିବା ଓ ରୋଗୀ ବ୍ୟବହାର କରୁଥିବା ଜିନିଷ ପତ୍ରକୁ ବ୍ୟବହାର କରିବା ଦ୍ୱାରା ହିଁ ସଂକ୍ରମଣ ବୃଦ୍ଧି ପାଉଛି। ତେଣୁ କରୋନା ମହାମାରୀ ସମୟରେ ଯେଭଳି ସାମାଜିକ ଦୂରତା ଓ ମାସ୍କ ବ୍ୟବହାର ବାଧ୍ୟତାମୂଳକ ହୋଇଥିଲା, ଏବେ ସେହି ପନ୍ଥା ଆପଣାଇବା ସହ ଆକ୍ରାନ୍ତ ବ୍ୟକ୍ତି ଥଣ୍ଡା ଓ ପାରାସିଟାମଲ୍ ଭଳି ଔଷଧ ଖାଇବା ଉଚିତ୍ ବୋଲି ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ଏହାସହ ଗରମ ବାମ୍ଫ ନେବାକୁ ଡାକ୍ତରମାନେ କହିଛନ୍ତି। ଛୋଟ ଶିଶୁଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ସମସ୍ତେ ଏହି ଚିକିତ୍ସା ପଦ୍ଧତିକୁ ଆପଣାଇବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ଭେଷଜ ବିଶେଷଜ୍ଞ ଡାକ୍ତର ମହେନ୍ଦ୍ର କୁମାର ବେହେରା କହିଛନ୍ତି, ସାଧାରଣତଃ ପାଗରେ ପରିବର୍ତ୍ତନ ଆସିବା କାରଣରୁ ଥଣ୍ଡା ଜ୍ୱର ହେବା ସ୍ୱାଭାବିକ। ଏହାକୁ ନେଇ ଆଦୌ ଚିନ୍ତିତ ହେବା ଉଚିତ ନୁହେଁ। ଏହା ସଂକ୍ରମିତ ଜ୍ୱର ହୋଇଥିବାରୁ ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ନ ବ୍ୟାପିବା ନେଇ ସତର୍କ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏଥିରେ ବରିଷ୍ଠ ନାଗରିକମାନେ ଟିକେ ଅଧିକ ସର୍ତକ ହୋଇ ଚଳିବା ଉଚିତ। କାରଣ ସେମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ସାଧାରଣତ କମ୍ ରହିଥାଏ। ତେଣୁ ଥରେ ଜ୍ୱରରେ ଆକ୍ରାନ୍ତ ହେଲେ ସୁସ୍ଥ ହେବା ପାଇଁ ମାତ୍ରାଧିକ ସମୟ ଲାଗିପାରେ। ସଂପୂର୍ଣ୍ଣ ସୁସ୍ଥ ହେବା ପାଇଁ ପାଖାପାଖି ୨୦ ଦିନ ସମୟ ଲାଗିବ ବୋଲି ସେ କହିଛନ୍ତି।

PARADEEP PARIVAHAN LIMITED

**PARADEEP PARIVAHAN LIMITED**

(CIN: L63090OR2000PLC006379)
Regd Office: Room no.204, Above OBC, Bank Street, Port Town, Paradeep, Jagatsinghpur 754142, Odisha, India
Phone no. 06722-223416, 0674-2590169, Mail: ho@paradeepparivahan.com
Corporate Office: A-29, Pallaspalli, Near AirPort, Bhubaneswar, Pin- 751020, Odisha, India
Tel/ Fax- 0674-2590169, Mail:info@paradeepparivahan.com
Web Site: www.paradeepparivahan.com

**NOTICE OF 25TH ANNUAL GENERAL MEETING AND REMOTE E-VOTING**

NOTICE IS HEREBY GIVEN THAT THE 25TH ANNUAL GENERAL MEETING (AGM) OF THE MEMBERS OF PARADEEP PARIVAHAN LIMITED WILL BE HELD ON FRIDAY, SEPTEMBER 19, 2025, AT 12.30 P.M.(IST) AT THE EMPIRES HOTEL PARADIP AT MARINE DRIVE ROAD, PARADIP PORT, JAGATSINGHPUR-754142, ODISHA, INDIA.

Notice of the AGM setting out the business to be transacted, along with Proxy Form, Annual Report of the Company for the year ended March 31, 2025 have been sent in electronic mode on August 28, 2025 to the members whose e-mail IDs are registered with the Company or Depository Participant(s).

Members are hereby informed that the notice of the 25th Annual General Meeting and 25th Annual Report of the company are available on the website of the company www.paradeepparivahan.com . The Notice & Annual Report are also available for inspection at the registered office of the company on all working days during business hours of the Company.

Pursuant to the provisions of Section 108 of the Companies Act, 2013 read with Rule 20 of the Companies (Management and Administration) Amendment Rules, 2015 and Regulation 44 of SEBI (Listing Obligation and Disclosure Requirement) Regulations, 2015, and Secretarial Standard on General Meetings issued by the Institute of Company Secretaries of India members are provided with the facility to cast their votes on all resolutions set forth in the Notice of the Annual General Meeting using electronic voting. The facility for voting through Ballot Paper shall also be made available at the AGM and the members attending the AGM, who have not cast their vote by remote e-voting and otherwise not barred from attending the meeting, shall be able to exercise their right to vote at the AGM through Ballot Paper. The members who have already cast their vote by remote e-voting may attend the AGM but shall not be entitled to cast their vote again. In order to enable its members, who do not have access to e-voting facility, to send their assent or dissent in writing in respect of the resolutions as set out in the Notice of Annual General Meeting; the Company has also enclosed a ballot form with the Annual Report for 2024-25.

All members are hereby informed that:

1. The ordinary and special business as set out in the Notice of AGM may be transacted through voting by electronic means;
2. Date of completion of dispatch of Notice of AGM and Annual Report: August 28, 2025;
3. The remote e-voting shall commence on Monday, September 15, 2025 at 9:00 a.m. (IST) and end on Thursday, September 18, 2025 at 5.00 p.m. (IST);
4. The remote e-voting shall not be allowed beyond Thursday, September 18, 2025 at 5.00 p.m. (IST);
5. The cut-off date for determining the eligibility to vote through remote e-voting or at the AGM will be Friday, September 12, 2025;
6. A person who has acquired shares and become a member of the Company after the dispatch of notice of Annual General Meeting and holding shares as of cut-off date, may obtain the login ID and password by sending a request at www.evoting.nsdl.com and https://ivote.bigshareonline.com . However, if the person is already registered with NSDL for remote e-voting then the existing user ID and password can be used for casting vote.
7. The facility for voting, either through electronic voting system or ballot or polling paper shall also be made available at the venue of the Annual General Meeting and Members who have not already casted their vote by remote e-voting shall be able to exercise their right at the Annual General Meeting. The Members who have casted their vote by remote e-voting prior to the Annual General Meeting may also attend the Annual General Meeting but shall not be entitled to cast their vote again.
8. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Friday, September 12, 2025 only shall be entitled to avail the facility of remote e-voting or voting through" electronic voting system" or ballot form at the AGM;
9. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd.
10. Members holding shares in physical form or who have not registered their e-mail addresses with the Company can cast their vote through remote e-voting or e-voting at the AGM by following the below process for obtaining the e-voting credentials:

a) In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self-attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com.

b) In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com

11. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email us to ivote@bigshareonline.com or call us at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information.

By Order of the Board of Directors
For PARADEEP PARIVAHAN LIMITED
SD/- Khalid Khan
Managing Director
DIN: 06432054

Place: Bhubaneswar
Date: 20.08.2025

**ବାଟବଣା ସ୍ୱଚ୍ଛ ଭାରତ ମିସନ**

# ଖୋଲା ପଡ଼ିଆ ପାଲଟିଛି ମୁକ୍ତାକାଶ ପାଇଖାନା

ଶେରଗଡ଼, ୨୮ ।୮ (ସମିସ)

ଶେରଗଡ଼ ସହରରେ ବାଟବଣା ହୋଇଛି ସ୍ୱଚ୍ଛ ଭାରତ ମିସନ। ମହତ ଉଦ୍ଦେଶ୍ୟ ରଖି ସରକାର ପ୍ରତି ପରିବାରକୁ ପ୍ରଦାନ କରିଥିଲେ ପାଇଖାନା। ଘରେ ଘରେ ତିଆରି ହୋଇଥିଲା ଶୌଚାଳୟ। ମାତ୍ର ବର୍ଷ କେଇଟାରେ ସରକାରଙ୍କ ଏହି ଯୋଜନା ବାଟ ହୁଡ଼ିଛି। କେଉଁଠି ପାଇଖାନା ଭାଙ୍ଗିରୁଜି ଗଲାଣି ତ ଆଉ କେଉଁଠି ଷ୍ଟୋର୍ ରୁମ ପାଲଟିଛି। କେଉଁଠି ପାଇଖାନା ଭିତରେ ଜାଳେଣି କାଠ ଗଦା ହୋଇଥିବା ବେଳେ ଆଉ କେଉଁଠି ପରିତ୍ୟକ୍ତ ହୋଇପଡ଼ିଛି। କେଉଁ ଉପାନ୍ତ ଅଞ୍ଚଳ ନୁହେଁ, ଶେରଗନ ସହରରେ ପ୍ରତିଦିନ ଏଭଳି ଚିତ୍ର ଦେଖିବାକୁ ମିଳୁଛି। ସରକାରୀ ତଥ୍ୟ ମୁତାବକ, ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ବ୍ଲକରେ ୧୪୫୭୭ ପରିବାର ଶୌଚାଳୟ ପାଇଛନ୍ତି। ଆରମ୍ଭରୁ ମାସ କେଇଟା ଲୋକେ ଏହି ପାଇଖାନା ବ୍ୟବହାର କରିଥିବା ବେଳେ ଅଧିକାଂଶ ପରିବାରରେ ସତେ ଯେମିତି ଅଲୋଡ଼ା ହୋଇପଡ଼ିଛି। ଶେରଗଡ଼ ସହର ଠାରୁ ବ୍ଲକର ବିଭିନ୍ନ ପଞ୍ଚାୟତର ଜୁଆଡେ ଦେଖିଲେ ଲୋକମାନେ ଶୌଚ ଲାଗି ପଡ଼ିଆ, ନାଳ, ପୋଖରୀ କୂଳକୁ ମୁହାଁଉଛନ୍ତି। ଏମିତିକି ବ୍ଲକ ଖୋଲା ମଳମୁକ୍ତ ବ୍ଲକ ଘୋଷଣା ହୋଇଥିବା ଶେରଗଡ଼ର ସ୍ଥିତି ସଙ୍ଗୀନ। ଶେରଗଡ଼ ସହରର ୮୦ ପ୍ରତିଶତ ପରିବାର ପାଇଖାନା ବ୍ୟବହାର କରୁଥିବା ବେଳେ ବ୍ଲକର ଗୋବିନ୍ଦପୁର, ଧନନ୍ତର, ଗୋଠଗାଁ, ଧବଳପୁର, ଠୁରୁବୁରାଇ, ନରେନ୍ଦ୍ରପୁର, କୁଲାଗଡ଼, ବନ୍ଧାଗୁଡା, ଖିରିଡା ଆଦି ପଞ୍ଚାୟତବାସୀ ବାହାରେ ମଳତ୍ୟାଗ କରୁଛନ୍ତି। ସଚେତନର ଅଭାବ ହେଉ କି ଲୋକଙ୍କ ମାନସିକତାରେ ପରିବର୍ତ୍ତନ ନଆସିବାରୁ ସରକାରୀ ଅର୍ଥ ଶ୍ରାଦ୍ଧ ସିନା ହେଲା, ଉଦ୍ଦେଶ୍ୟ ସାଧିତ ହେଲା ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଆକର୍ଷଣର କେନ୍ଦ୍ରବିନ୍ଦୁ ୧୪ ଫୁଟର ଗଣେଶ ମୂର୍ତ୍ତି



ଧରାକୋଟ, ୨୮ ।୮ (ସମିସ): ଧରାକୋଟ ଅଞ୍ଚଳର ପୁରପଲ୍ଲୀ ଗଣେଶ ପୂଜାରେ ଉତ୍ସବ ମୁଖରିତ ହୋଇ ଉଠିଛି। ଧରାକୋଟ ନିକଟସ୍ଥ ବରଡ଼ାବାଲି ପଞ୍ଚାଯତ କାର୍ଯ୍ୟାଳୟ ନିକଟସ୍ଥ ଶିବ ମନ୍ଦିର ଛକରେ ଗଜାନନ ଯୁବକ ସଂଘ ପକ୍ଷରୁ ଆୟୋଜିତ ଗଣେଶ ପୂଜା ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି। ୧୪ ଫୁଟ ଉଚ୍ଚ ଓ ୧୨ ଫୁଟ ଓସାରର ବିରାଟ ଗଣେଶ ପ୍ରତିମା ଏଠାରେ ସ୍ଥାପନ କରାଯାଇଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ଭଳିକି ଭଳି ରଙ୍ଗୀନ ଆଲୋକ ମାଳରେ ମଣ୍ଡପକୁ ସଜା ଯାଇଛି। ଗଣେଶ ପୂଜା ଦିନ ସନ୍ଧ୍ୟାରେ ମୂର୍ତ୍ତି ସ୍ଥାପନ ପରେ ମନ୍ତ୍ର ପାଠ କରି ରୀତି ନୀତି ଅନୁଯାୟୀ ପୂଜା ଅର୍ଚ୍ଚନା ହୋଇଥିଲା। ବିଶାଳକାୟ ଗଣେଶ ପ୍ରତିମା ଦେଖିବା ପାଇଁ ଶହ ଶହ ଶ୍ରଦ୍ଧାଳୁଙ୍କ ଏଠାରେ ଭିଡ ଜମୁଛି। ଏଠାରେ ସବୁଦିନ ସ୍ୱତନ୍ତ୍ର ଲଡୁ ଭୋଗ ଭକ୍ତ ମାନଙ୍କୁ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

# ଦୁର୍ଘଟଣାରେ ଛିଡ଼ିଗଲା ହାତ; ଯୁବକ ଗୁରୁତର

ବେଲଗୁଣ୍ଠା, ୨୮ ।୮ (ସମିସ): ବେଲଗୁଣ୍ଠା ଥାନା ଉଦ୍ଧୁରା ଛକ ନିକଟରେ ଗୁରୁବାର ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଘଟିଛି। ଏଥିରେ ଜଣେ ଯୁବକଙ୍କ ଦେହରୁ ହାତ ଅଲଗା ହୋଇଯାଇଛି। ଯୁବକ ଜଣଙ୍କ ହେଉଛନ୍ତି ଜଗନ୍ନାଥପ୍ରସାଦ ଥାନା ପଞ୍ଚଭୂତି ଗ୍ରାମର ଗୋବିନ୍ଦ ବିଷୋୟୀ (୪୫)। ସେ ବାଇକ୍ ଯୋଗେ ବେଲଗୁଣ୍ଠା ପଟୁ ନିମପଦର ଶଶୁର ଘରକୁ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଜଗନ୍ନାଥପ୍ରସାଦ ରାସ୍ତାର ଉଦ୍ଧୁରା ଗ୍ରାମ ଛକ ଠାରୁ ଅଳ୍ପ ଦୂରରେ ବହୁ ଦିନରୁ ରାସ୍ତାକଡ଼ରେ ରହିଥିବା ଏକ କ୍ରେନ ସହିତ ଧକ୍କା ହୋଇଥିଲେ। ଫଳରେ ଗୋବିନ୍ଦଙ୍କ ବାମ ପଟ ହାତ କାନ୍ଧ ପାଖରୁ କିଛି ଅଂଶ ଛାଡ଼ି ଅବଶିଷ୍ଟ ଛିଣ୍ଡି ଯାଇ କ୍ରେନ୍‌ରେ ଝୁଲି ରହିଥିଲା। ସେଠାରେ ଗୋବିନ୍ଦ ପଡ଼ିଯିବା ସହ ବାଇକଟି ବାମ ପଟରୁ ପ୍ରାୟ ୨୦୦ ମିଟର ରାସ୍ତା ଅତିକ୍ରମ କରି ଡାହାଣ ପଟ ବିଲକୁ ଖସି ଯାଇଥିଲା। ସ୍ଥାନୀୟ ଲୋକେ ଭଞ୍ଜନଗର ମେଡିକାଲକୁ ପଠାଇଥିଲେ। ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବରଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ପ୍ରମୋଦ କୁମାର ଚେଟି ତାଙ୍କ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ବାଇକ ଜବତ କରିଥିଲେ। ଗୋବିନ୍ଦଙ୍କ ସ୍ଥିତି ବର୍ତ୍ତମାନ ସଂକଟାପନ୍ନ ଥିବା ଜଣାପଡ଼ିଛି।

**● ସରକାରୀ ବସ୍‌ରୁ ଗଞ୍ଜେଇ ଜବତ**

# ଚାଲାଣକାରୀ ଚମ୍ପଟ

ଜୟପୁର, ୨୮ । ୮ (ସମିସ) : ଜୟପୁର ସରକାରୀ ବସ୍‌ଷ୍ଟାଣ୍ଡ ଠାରେ ଟାଉନ୍ ଥାନା ପୁଲିସ ସରାକାରୀ ବସ୍‌ରୁ ପ୍ରାୟ ୫ କିଲୋ ଗଞ୍ଜେଇ ଜବତ କରିଛି। କିନ୍ତୁ ଏହାକୁ କିଏ ଚାଲାଣ କରୁଥିବା ଜଣାପଡିନଥିବା ବେଳେ ବସ କର୍ମଚାରୀଙ୍କୁ ପୁଲିସ ପଚରାଉଚରା କରିଛି। ରାଜ୍ୟ ପରିବହନ ନିଗମର ଏକ ବସ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ ଯାତ୍ରା କରୁଥିବା ବେଳେ ବସ୍ ଭିତରେ ଏକ ବ୍ୟାଗ ରହିଥିବା ନେଇ ଜଣେ ସ୍ଥାନୀୟ ମହିଳାଙ୍କ ଠାରୁ ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବ୍ୟାଗକୁ ଯାଞ୍ଚ କରିଥିଲା। କିଛି ପ୍ୟାଣ୍ଟ, ସାର୍ଟ ସହ ପ୍ୟାକେଟ ହୋଇଥିବା ପ୍ରାୟ ୫ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି। କିନ୍ତୁ ପୁଲିସ ପହଞ୍ଚିବା ପୂର୍ବରୁ ଉକ୍ତ ବ୍ୟାଗକୁ ମହିଳା ଜଣକ ଖୋଲିବା ସହ ଯାଞ୍ଚ କରିଥିଲେ ଏବଂ ଏହା ଭିତରେ ଗଞ୍ଜେଇ ରହିଥିବା ଜାଣିବା ପରେ ପୁଲିସକୁ ସୂଚନା ଦେଇଥିଲେ। ଟାଉନଥାନା ପୁଲିସ ଉକ୍ତ ବ୍ୟାଗ ସମେତ ଗଞ୍ଜେଇ ପ୍ୟାକେଟକୁ ଜବତ କରିଛନ୍ତି ବୋଲି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି । ଏହିପରି ପୁଲିସ ସିସି ଟିଭି ଯାଞ୍ଚ କରୁଥିବା ବେଳେ ଅନ୍ୟାନ୍ୟ ବିଷୟ ଏବଂ ସୂଚନାକୁ ନେଇ ତଦନ୍ତ କରୁଥିବା ଜଣାପଡ଼ିଛି।



# ଏସ୍‌ଏସ୍‌ଭିଏମ୍‌ରେ ସ୍କାଉଟ୍ ଓ ଗାଇଡ୍ ପରୀକ୍ଷା



ପୋଲସରା, ୨୮ ।୮ (ସମିସ): ପୋଲସରା କାଳୀମନ୍ଦିର ସାହି ନିକଟସ୍ଥ ପୋଲସରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ତୃତୀୟ ସୋପାନ ସ୍କାଉଟ୍ ଓ ଗାଇଡର ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିକ୍ଷାନୁଷ୍ଠାନ ସମେତ ସ୍ଥାନୀୟ ପୋଲସରା ସରସ୍ୱତୀ ଶିଶୁ ବିଦ୍ୟାଭବନ, ବୁଢେଇଶୁଣି ପଞ୍ଚାୟତ ର ଗୋଠଳୀ ଉଚ୍ଚ ବିଦ୍ୟାଳୟ, ବେଲଗାଁର କନକଦୂର୍ଗା ବିଦ୍ୟାପୀଠ ମଧୁସୂଦନପୁର, ମା ଭରାଣ୍ଡି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମନ୍ଦାର ଏଙ୍ଗ କବିସୂର୍ଯ୍ୟନଗର ବ୍ଲକର ବଡ ଚଢ଼ିଆପଡ଼ା ଏସ ଏସ ହାଇସ୍କୁଲ ଓ ବୁଗୁଡ଼ା ବ୍ଲକର ବି. କରଡ଼ାବାଡ଼ି ପିଏମଶ୍ରୀ ସରକାରୀ ହାଇସ୍କୁଲକୁ ମିଶାଇ ୭ଟି ଶିକ୍ଷାନୁଷ୍ଠାନରୁ ମୋଟ୍ ୭୨ ଜଣ ସ୍କାଉଟ ଛାତ୍ରଙ୍କ ସମେତ ୨୯ ଜଣ ଗାଇଡ୍ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥିଭାବେ ଉକ୍ତ ଏସଏସଭିଏମର ଉପଦେଷ୍ଟା ଏବଂ ଖଲ୍ଲିକୋଟ ସଂକୁଳ ପ୍ରମୁଖ ବିଭୂତି ଭୂଷଣ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ତାଲିମଦାତା ଭାବେ ଜିଲ୍ଲା ତାଲିମ କମିଶନର (ସ୍କାଉଟ) ବିକ୍ରମ ମହାରଣା, ଜିଲ୍ଲା ସହକାରୀ ତାଲିମ କମିଶନର (ସ୍କାଉଟ) ଅରୁଣ କୁମାର ପଟ୍ଟନାୟକ ଓ ଗଂଜାମ ଜିଲ୍ଲା ରାଜ୍ୟ ପ୍ରତିନିଧି ଭାସ୍କର ରଣା ପ୍ରମୁଖ ଯୋଗଦେଇ ସ୍କାଉଟ ଓ ଗାଇଡ ବିଷୟରେ ଆଲୋକପାତ କରିଥିଲେ। ନୀଳକଣ୍ଠ ମହାରଣା, ବିଦ୍ୟାଧର ଷଡ଼ଙ୍ଗୀ, ସୁବୋଧ କାନ୍ତ ସେଠୀ, ଦେବାଶିଷ ଜେନା, ଶ୍ରୀଧର କୁମାର ରାଉତ, ଅରୁଣ ବିଷୋୟୀ, ହରିହର ସାହୁ ପ୍ରମୁଖ ସ୍କାଉଟ ମାଷ୍ଟର ଏଙ୍ଗ ଗାଇଡ କ୍ୟାପଟେନ ଉର୍ମିଳା ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ସାର ପାଇଁ ଲମ୍ବା ଲାଇନ, ହନ୍ତସନ୍ତ ଚାଷୀ



ଆସିକା, ୨୮ ।୮ (ସମିସ): ସରକାର ଚାଷୀଙ୍କୁ ଭୁଆଁ ବୁଲାଉଛନ୍ତି। ଚାଷୀଙ୍କୁ କରୁଛନ୍ତି ହନ୍ତସନ୍ତ। ସୋସାଇଟିରେ ମିଳୁନି ପିଡିଆ ଏବେ ଡିଲରଙ୍କ ପାଖରେ ଲମ୍ବା ଲାଇନ। ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତରୁ ସହ ସହ ଚାଷୀ ଆସି ବିଲରେ ସାର ପକାଇବା ପାଇଁ ସାର ନେବା ପାଇଁ ଜଗିଛନ୍ତି ଲମ୍ବା ଲାଇନ। ସାରର ଘୋର ଅବାବ ଚାଷୀଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ସାଜିଛି। ୟୁରିୟା ସାର ବସ୍ତାଏ ପାଇଁ ଚାଷୀଙ୍କୁ ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନରେ ଠିଆ ହେବାକୁ ପଡୁଛି। ଶହ ଶହ ଚାଷୀ ସବୁ କାମ ଛାଡି ରାତିରୁ ଆସି ଲାଇନରେ ଛିଡା ହେବା ପରେ କିଏ ଦଶ ଟା ତ କିଏ ଆଉ ଦିନ ବାର ଟା ଖରା ଟାଇଁ ଟାଇଁ ରେ ଛିଡା ହୋଇ ପିଡ଼ିଆ ବସ୍ତା ଟେ ଧରି ଡିଲର ପାଖରୁ ନେଉଛନ୍ତି। ଏବେ ପର୍ଯ୍ୟନ୍ତ ଆସିକା ଅଞ୍ଚଳର କୌଣସି ସୋସାଇଟିକୁ ୟୁରିୟା ସାର ଆସି ନଥିବାରୁ ଚାଷୀ ସାର ପାଇଁ ହନ୍ତସନ୍ତ ହେଉଥିବା ବେଳେ ଆସିକା ସହରର ଘରୋଇ ଦୋକାନରେ ଭିଡ଼ ଜମାଉଛନ୍ତି ଚାଷୀ। ସେପଟେ ସୋସାଇଟିରେ ପିଡିଆ ମିଳୁ ନଥିବା ଯୋଗୁଁ ଅଧିକ ଟଙ୍କା ଦେଇ ନେଉଛି ଚାଷୀ। ଏପଟେ ଚାଷ ଜମି ପାଇଁ ପିଡିଆ ଆବଶ୍ୟକ ଥିବା ବେଳେ କେବେ ମିଳିବ ପିଡିଆ ସୋସାଇଟିରେ ତାକୁ ଚାହିଁ ବସିଛନ୍ତି ଚାଷୀ। ଏନେଇ ଡିଲରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ସୋସାଇଟିରେ ମିଳୁନି ସାର ତେଣୁ ଚାଷୀ ମାନେ ସାର ନେବା ପାଇଁ ଲମ୍ବା ଲାଇନ କରିଛନ୍ତି।

# ମଧୁବୈଶ୍ୟ ସମାଜର ବାର୍ଷିକୋତ୍ସବ




ସାନଖେମୁଣ୍ଡି, ୨୮ ।୮ (ସମିସ): ସାନଖେମୁଣ୍ଡି ମଧୁ ବୈଶ୍ୟ ସମାଜର ବାର୍ଷିକୋତ୍ସବ ସ୍ଥାନୀୟ ପାଟପୁର ସ୍ଥିତ ନିଜସ୍ୱ କଲ୍ୟାଣ ମଣ୍ଡପରେ ସଭାପତି ନୃସିଂହ ପ୍ରସାଦ ସାହୁ ଏବଂ ସମ୍ପାଦକ କୃଷ୍ଣ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗ ଦେଇ ଲୋକମାନଙ୍କୁ ସମାଜର ଉନ୍ନତି ଦିଗରେ ବୁଝାଇବା ସହ ସମସ୍ତ ପ୍ରକାରର ସହଯୋଗ ଓ ସହାୟତା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏବଂ ଶ୍ରୀ ଜେନା ନିଜସ୍ୱ ହାତ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହାୟତା ଦେବାପାଇଁ ମଧ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ରୂପେ ପାଟପୁର ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ଡ.କୈଳାସ ଚନ୍ଦ୍ର ସ୍ୱାଇଁ, ଶିକ୍ଷକ ମୋଚିଆ ପ୍ରଧାନ ଯୋଗ ଦେଇ ଆଧ୍ୟାତ୍ମିକ, ସମାଜଉପଯୋଗୀ ଅଭିଭାଷଣ ପ୍ରଦାନ କରିଥିଲେ। ନାରୀନେତ୍ରୀ ଗୀତାଞ୍ଜଳି ସାହୁ, ବୁଦ୍ଧିମତୀ ସାହୁ, ରାଜଲକ୍ଷ୍ମୀ ସାହୁ ସହଯୋଗ କରିଥିଲେ। ସମସ୍ତ ମୁଠା ମେମ୍ବର ମାନଙ୍କ ସହଯୋଗରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଏଥିରେ ସକ୍ରିୟ ଯୁବ ସଭ୍ୟ ଜ୍ୟୋତି ରଞ୍ଜନ ସାହୁ ଓ ଉପସଭାପତି ହରିଶ୍ଚନ୍ଦ୍ର ସାହୁ, ଶ୍ରୀନିବାସ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ ଯୁବ ସମ୍ପାଦକ କୃଷ୍ଣ ଚନ୍ଦ୍ର ସାହୁ ସମ୍ପାଦନା କରିଥିଲେ।

# ମା' ରାମଚଣ୍ଡୀଙ୍କ ପୀଠରେ ସ୍ୱଚ୍ଛତା ଅଭିଯାନ



ଗଞ୍ଜାମ, ୨୮ ।୮ (ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡ଼ା ପଞ୍ଚାୟତର ନୀଳାଦ୍ରିପୁର ଗ୍ରାମ ପାହାଡ଼ ଶିଖରରେ ଅବସ୍ଥିତ ମା' ରାମଚଣ୍ଡୀ ଶକ୍ତିପୀଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ପୂଜା କମିଟି ବରିଷ୍ଠ ପରାମର୍ଶଦାତା ତଥା ଗଜପତି ଜିଲ୍ଲାର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରୋସେକ୍ୟୁଟର ରାଜେଶ କୁମାର ମିଶ୍ର ଓ ପରାମର୍ଶଦାତା ତ୍ରିପତି ବାଲାଜୀ ମିଶ୍ରଙ୍କ ପରାମର୍ଶରେ ପୂଜା କମିଟି ସଭାପତି ସି.ଏଚ. ଦୟାନନ୍ଦ ରେଡ୍ଡୀଙ୍କ ନେତୃତ୍ୱରେ ରାମଚଣ୍ଡୀ ପୂଜା କମିଟି, ସେବା ପ୍ରତିନିଧି ସଙ୍ଗଠନର ସଦସ୍ୟ, ଏନଏସି ଛତ୍ରପୁରର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କ ସହାୟତାରେ ତଥା କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଅଷ୍ଟମ ବାଟାଲିୟନର ଶତାଧିକ କର୍ମଚାରୀ ତଥା ସ୍ୱେଚ୍ଛାସେବୀଙ୍କୁ ନେଇ ଆଜି ଏକ ବିଶାଳ ସଫେଇ ଅଭିଯାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ସକାଳ ୭ଘଟିକାରୁ ଆରମ୍ଭ ହୋଇ ଦିବା ୧୦ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ଯେଉଁଥିରେ ନୂତନ ଭାବେ ଗଠନ କରାଯାଇଥିବା ମନ୍ଦିର ପୂଜା କମିଟିର ସମସ୍ତ ସଦସ୍ୟ ତଥା ମନ୍ଦିର ଟ୍ରଷ୍ଟି ଲକ୍ଷ୍ମୀନୃସିଂହ ପଣ୍ଡା, ପୂଜା କମିଟି ସମ୍ପାଦକ ବିମଳ ପଣ୍ଡା, ଉପସଭାପତି ଦିବାକର ନାୟକ, ଶିବରାମ ନାୟକ, କୁଞ୍ଜ ନାୟକ (କୋଷାଧ୍ୟକ୍ଷ), ଉପଦେଷ୍ଟା ବଂଶୀଧର ନାୟକ, ଶଙ୍କର ନାୟକ, ଓକିଲ ଲସିତ ବେହେରା, ସମାଜସେବୀ ମନୋଜ ମିଶ୍ର, ଏସ. ରବି, ସନ୍ତୋଷ ପଣ୍ଡା, ସୁଧୀର ମହାରଣା, ଉତ୍ତମ ନାୟକ, ନିଳାଞ୍ଚଳ ଚୌଧୁରୀ, ଦଣ୍ଡ ମହାରଣା, ସୁଶାନ୍ତ ଗୌଡ଼, ବରୁଣ ଚୌଧୁରୀ, ନାରାୟଣ ଚର୍ତ୍ତୀ, ଶଙ୍କର ଚର୍ତ୍ତୀ, ମକୁନ୍ଦ ନାୟକ ପ୍ରମୁଖ ସଦସ୍ୟ ଯୋଗ ଦେଇଥିଲେ। ମନ୍ଦିର ସଂଯୋଜକ କମଳ ପଣ୍ଡା ତଥା କରପଡ଼ା ସରପଞ୍ଚ ଅଜୟ ନାୟକ ଧନ୍ୟବାଦ ଦେଇଥିଲେ।

# ଜୁଆ ଆଡ୍ଡାରେ ଚଢ଼ଉ; ୫ ଗିରଫ

ପୋଲସରା, ୨୮ ।୮ (ସମିସ): ପୋଲସରା ଥାନା ପୁଲିସ ଏକ ଜୁଆ ଆଡ୍ଡାରେ ଚଢ଼ଉ କରି ୨୮୩୦୦ ଟଙ୍କା ଜବତ କରିବା ସହ ୫ ଜୁଆଡ଼ିଙ୍କୁ ଗିରଫ କରିଛି। ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ପୋଲସରା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଗତ ମଙ୍ଗଳବାର ବିଭିନ୍ନ ଜୁଆ ଆଡ୍ଡା ଉପରେ ଅତର୍କିତ ଚଢ଼ଉ କରିଥିଲା। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ବେଆଇନ ଭାବେ ଚାଲୁଥିବା ସବୁ ଜୁଆ ଆଡ୍ଡା ଉପରେ ତୀକ୍ଷ୍ଣ ନଜର ରଖି ଚଢ଼ାଉ ଜାରି ରହିବ ବୋଲି ଶ୍ରୀ ମାଝୀ ସୂଚନା ଦେଇଛନ୍ତି।

# ଶିଶୁ ମନ୍ଦିରରେ ଜେଜେ ବାପା ସମ୍ମିଳନୀ

ରମ୍ଭା, ୨୮ ।୮ (ସମିସ): ଶିଶୁ ବିକାଶ ବିଦ୍ୟା ମନ୍ଦିର, ଖଲ୍ଲିକୋଟ ତରଫରୁ ଗଣେଶଙ୍କ ପୂଜା ସହିତ ଜେଜେ ବାପା ଜେଜେ ମାଆ ସମ୍ମିଳନୀ ଅନୁଷ୍ଠାନ ପରିସରରେ ଆୟୋଜିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ଅନୁସୂୟା ମହାରଣା ଅନୁଷ୍ଠିତ ସମ୍ମିଳନୀରେ ଏ ସମ୍ପର୍କରେ ପ୍ରାକ୍ ସୂଚନା ପ୍ରଦାନ କରିଥିଲାବେଳେ ଉପସ୍ଥିତ ଆଚାର୍ଯ୍ୟା ମାନେ ଶିଶୁଙ୍କ ଜେଜେ ବାପା, ଜେଜେ ମାଆ, ଅଜା ଆଈ, ମାମୁଁ ମାଇଁ, କକା ଖୁଡିଙ୍କୁ ସ୍ୱାଗତ କରିଥିଲେ। ଉପସ୍ଥିତ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲା ସମୟରେ ଉଭୟ ଶିକ୍ଷାର୍ଥୀ, ଆଚାର୍ଯ୍ୟା, ଅଭିଭାବକ ଅଭିଭାବିକା ଦୀପ ମନ୍ତ୍ର ଉଚ୍ଚାରଣ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ତହସିଲଦାର ଡି. ମାଲେଶ୍ୱର ପାତ୍ର, ଯୁବ ସାହତ୍ୟିକ ତଥା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଡକ୍ଟର ଦ୍ୱାରିକାନାଥ ମହାରଣା ମୁଖ୍ୟବକ୍ତା, ପ୍ରଶିକ୍ଷକ ବିଷ୍ଣୁ ଚରଣ ଡାକୁଆ ସମ୍ମାନିତ ଅତିଥି, ଅନୁଷ୍ଠାନର ସମ୍ପାଦକ ଭାଗିରଥି ସ୍ୱାଇଁ ପ୍ରମୁଖ ଅତିଥି ଯୋଗଦେଇଥିଲେ। ସହକାରୀ ଆଚାର୍ଯ୍ୟା ସୁବାସିନୀ ପ୍ରଧାନ, କାଜଲ ବାରିକ, ଅଲିଭା ରାଣୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ମହାରଣା ଧନ୍ୟବାଦ ଦେଇଥିଲେ।

# ଗହଙ୍ଗୁ ଓମ୍ ଶାନ୍ତି ଭବନରେ ରକ୍ତଦାନ ଶିବିର

ଆସିକା, ୨୮ ।୮ (ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତି ଶକ୍ତି ଭବନର ଗହଙ୍ଗୁ ସ୍ଥିତ ଉପ-ସେବା କେନ୍ଦ୍ରରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଗହଙ୍ଗୁ ସରପଞ୍ଚ ମନୋଜ ପରିଡ଼ା ଉଦ୍‌ଘାଟନ କରିଥିଲେ। ଗହଙ୍ଗୁ ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଆୟୁଷ ଡାକ୍ତର ମନୋଜ କୁମାର ସ୍ୱାଇଁ, ବ୍ରହ୍ମପୁର୍ ଏମ କେସିଜି ମେଡିକାଲ କଲେଜ ବ୍ଲଡ୍ ବ୍ୟାଙ୍କ୍ ଅଧିକାରୀ ଡ଼ା. ଜ୍ୟୋତି ଯାଜ୍ଞସେନୀ ତଥା ବରିଷ୍ଠ ବ୍ରହ୍ମାକୁମାର ଲକ୍ଷ୍ମଣ ଓ ମୋହନ ଶିବିରର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ଏଥିରୁ୧୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲଡ୍ ବ୍ୟାଙ୍କ୍‌ର ସତ୍ୟ ସଂଗ୍ରାମ ପ୍ରଧାନ, ପ୍ରଦୀପ କୁମାର ସୁବୁଦ୍ଧି, ରାମ ହରି ପଣ୍ଡା, ଦାମୋଦର କାର୍କୀ, କେନ୍ଦୁପଦର ଏନ୍‌ବିସି କଲେଜର ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଓ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଉପ ସେବା କେନ୍ଦ୍ର ସଞ୍ଚାଳିକା ରାଜ ଯୋଗିନୀ ସ୍ମିତାରାଣୀ ତଥା ସମସ୍ତ ଭଉଣୀ ଭାଇ ସହଯୋଗ କରିଥିଲେ।

# ରାମ ମଣିଶ୍ୱର ପୀଠରେ ଚାରାରୋପଣ

ପାତ୍ରପୁର, ୨୮ ।୮ (ସମିସ): ପାତ୍ରପୁର ବ୍ଲକ ତଣ୍ଡିପୁର ସ୍ଥିତ ରାମମଣିଶ୍ୱର ଶିବ ମନ୍ଦିରରେ ଗୋପବନ୍ଧୁ ସେବା ସମିତି ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦେବେନ୍ଦ୍ର ରଣାଙ୍କ ନେତୃତ୍ୱରେ ସୁରଙ୍ଗୀ ବନ କାର୍ଯ୍ୟାଳୟ ସହଯୋଗରେ ବିଭିନ୍ନ ପ୍ରକାର ଔଷଧୀୟ ଚାରା ସହ ଅନ୍ୟ ପ୍ରଜାତିର ଚାରା ରୋପଣ ହୋଇଛି। ସାମନ୍ତିଆପଲ୍ଲୀ ରେଞ୍ଜର ମନୋଜ କୁମାର ପାତ୍ର ଯୋଗଦେଇ ଅସନ୍ତୁଳିତ ପରିବେଶକୁ ସନ୍ତୁଳିତ କରିବା ପାଇଁ ଗଛ ସଂଖ୍ୟା ବଢ଼ିବା ଆବଶ୍ୟକ ବୋଲି କହିଥିଲେ। ସରପଞ୍ଚ ରିତା ପାତ୍ର, ସମ୍ପାଦକ ପ୍ରସାଦ କୁମାର ମଲ୍ଲିକ, ଫରେଷ୍ଟର ଅରୁଣ ଚନ୍ଦ୍ର ଦାସ, ଭାରତୀ ବେହେରା, କର୍ମଚାରୀ ରାଧା ମାଧବ ବିଷୋୟୀ, ବିକାଶ କୁମାର ଗନ୍ତାୟତ, ଡାକ୍ତର ପୁରଞ୍ଜିତ ପାତ୍ର, ଡ଼ା.ଆଦ୍ରେସ ତ୍ରିପାଠୀ, ଡ଼ା.ରମେଶ ଚନ୍ଦ୍ର ପାତ୍ର, ଉପ.ସଭାପତି ଗୋପୀନାଥ ବେହେରା, ସମାଜ ସେବୀ ଯତୀନ ସାହୁ, ଦେବକୀ ନନ୍ଦନ ନାୟକ, ମହେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରି ସବୁଜ ବିପ୍ଳବର ବାର୍ତ୍ତା ଦେଇଥିଲେ। ଅରୁଣ କୁମାର ପ୍ରଧାନ, ଗୌତମ ରଣା, ଭାଗବତ ନାୟକ, ସିଦ୍ଧାର୍ଥ ଶଙ୍କର ମହାରଣା, କିଶୋର ମହାରଣା ପ୍ରମୁଖ ସହଯୋଗ କରିଥିଲେ।

# ଶିକ୍ଷାଦୂତଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୨୮ ।୮ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାରେ ଜଣେ ଶିକ୍ଷାଦୂତଙ୍କୁ ହତ୍ୟା କରିଛନ୍ତି ମାଓବାଦୀ। ସୁକୁମା ଜିଲ୍ଲା ଅନ୍ତର୍ଗତ ଜଗରଗୁଣ୍ଡା ଥାନା ଅଞ୍ଚଳର ସିଲଗେର ଗ୍ରାମରେ ଗତକାଲି ରାତିରେ କିଛି ସଶସ୍ତ୍ର ମାଓବାଦୀ ଆସି ଲକ୍ଷ୍ମଣ ବାରସେଙ୍କ ଘରକୁ ଯାଇ ଲକ୍ଷ୍ମଣଙ୍କୁ ଘରୁ ଉଠାଇ ଆଣି ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ସମୟରେ ଲକ୍ଷ୍ମଣଙ୍କୁ ବଞ୍ଚାଇବା ପାଇଁ ପରିବାର ଲୋକେ ଉଦ୍ୟମ କରିଥିବା ବେଳେ ସେମାନେ ମଧ ଆହତ ହୋଇଥିଲେ। ଖବର ପାଇ ଆଜି ସକାଳେ ଘଟଣାସ୍ଥଳରେ ଜଗରଗୁଣ୍ଡା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଚୈତନ୍ୟ ଝାଙ୍କି ଉଦ୍‌ଘାଟିତ

ଭଞ୍ଜନଗର, ୨୮ ।୮ (ସମିସ): ବ୍ରହ୍ମା କୁମାରୀସ୍ ଭଞ୍ଜନଗର ତରଫରୁ ପୁରୁଣା ବଜାର ସାହିରେ ଅଗ୍ରପୂଜ୍ୟ ଗଣେଶଙ୍କ ଚୈତନ୍ୟ ଝାଙ୍କି କେନ୍ଦ୍ର ସଞ୍ଚାଳିକା ବ୍ରହ୍ମା କୁମାରୀ ସନ୍ତୋଷିନୀ ଭଉଣୀଙ୍କ ସହଯୋଗରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ଦ୍ୱାରା ଉଦଘାଟନ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ସକାଳର ଭଞ୍ଜନଗର ଉପଖଣ୍ଡ ପ୍ରତିନିଧି ମନୋଜ କୁମାର କର ଉପସ୍ଥିତ ଥିଲେ। ସୁଖଶାନ୍ତି ଆନନ୍ଦ ପ୍ରାପ୍ତି ନିମନ୍ତେ ସତ୍ୟ ଗୀତା ଜ୍ଞାନ ଓ ସହଜ ରାଜଯୋଗ ଶିକ୍ଷା ଅନୁଷ୍ଠାନର ଭାଇଭଉଣୀଙ୍କ ଦ୍ୱାରା ପ୍ରଦାନ କରାଯାଉଛି। ଏହା ତିନି ଦିନ ବ୍ୟାପୀ ଚାଲୁ ରହିବ ବୋଲି କେନ୍ଦ୍ର ସଞ୍ଚାଳିକା ପ୍ରକାଶ କରିଛନ୍ତି।



# ଶାଳିଆ ଡ୍ୟାମ ଅଞ୍ଚଳରେ ପୁଲିସ ଫାଣ୍ଡି ନିର୍ମାଣ ଦାବି

କୋଦଳା, ୨୮ ।୮ (ସମିସ)

ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ଥାନା ଅଧୀନରେ ଥିବା ଶାଳିଆ ଡ୍ୟାମ ନିକଟରେ ନୂତନ ପୁଲିସ ଫାଣ୍ଡି ଖୋଲା ଯିବା ସକାଶେ ଗତ ସୋମବାର ଆୟୋଜିତ ଗଞ୍ଜାମ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅଙ୍ଗାରଗାଁ ଅଞ୍ଚଳର ରାଜନେତା, ବୁଦ୍ଧିଜୀବୀ, ସମାଜସେବୀ ମାନେ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଶାଳିଆ ଡ୍ୟାମ ଗଞ୍ଜାମ ଜିଲ୍ଲା ସହ ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଅଟେ। ବିଭିନ୍ନ ଜିଲ୍ଲାରୁ ପର୍ଯ୍ୟଟକ ମାନେ ବର୍ଷ ତମାମ ଏଠାକୁ ଆସନ୍ତି। ଶାଳିଆ ଡ୍ୟାମ ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାର ମଧ ଭାଗରେ ରହିଛି। ଡ୍ୟାମର ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବା, ପର୍ଯ୍ୟଟକଙ୍କୁ ସୁରକ୍ଷା ଦେବା ସହ ଆଖ ପାଖ ଅଙ୍ଗାରଗାଁ, ଷଣ୍ଢମୂଳ, ତାଳସର, ସାଙ୍କୁଡା, କୁମ୍ଭାରଗାଁ ପଞ୍ଚାୟତ ସମେତ ୧୦ଟି ପଞ୍ଚାୟତର ଲୋକଙ୍କ ଆଇନ ଶୃଙ୍ଖଳା, ଚୋରାମଦ କାରବାର, ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ଲାଗି ପୁଲିସ ମୁତୟନ କରିବା ଜରୁରୀ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ ହୋଇଛି। ଏଥିସହିତ ବେଗୁନିଆପଡ଼ା ଥାନା ଠାରୁ ପ୍ରାୟ ୨୦ କିମି ଦୂର ଶାଳିଆ ଡ୍ୟାମ ଅଟେ। ଏହି ଅଞ୍ଚଳରେ କୌଣସି ଅପ୍ରୀତିକର ପରିସ୍ଥିତି ଘଟିଲେ ପୁଲିସ ଆସିଲା ବେଳକୁ ଦୁର୍ବୃତ୍ତ ମାନେ ଚମ୍ପଟ ମାରି ଦେଉଛନ୍ତି। ଏଣୁ ଏହି ଅଞ୍ଚଳରେ ଏକ ପୁଲିସ ଫାଣ୍ଡି ଖୋଲିବା ନେଇ ଦୀର୍ଘ ବର୍ଷ ହେଲା ଦାବି ହୋଇଆସୁଛି। ସୋମବାର ଅଭିଯୋଗ ଶୁଣାଣିରେ ଅଙ୍ଗାରଗାଁ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ତଥା ବିଜେପି ନେତା ନାରାୟଣ ସୁମନ୍ତରାୟ, ପୂର୍ବତନ ସରପଞ୍ଚ ସରୋଜ କୁମାର ସାହୁ, ସମାଜସେବୀ ପ୍ରଶାନ୍ତ କୁମାର ପାତ୍ର, ଲଳିତ ପୋଲେଇ, ପ୍ରଶାନ୍ତ ଭୂୟାଁ, ବିଶ୍ୱନାଥ ବେହେରା, କାଳିଆ ମଣ୍ଡଳ, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ଶ୍ରୀକାନ୍ତ ସ୍ୱାଇଁ, କିଶୋର ସ୍ୱାଇଁ, କାଳିଆ ସାହୁ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏହାର ଅନୁଧ୍ୟାନ କରିବା ସହିତ କାର୍ଯ୍ୟକାରିତା ଉପରେ ଦୃଷ୍ଟିଦେବାକୁ ଶିବିରରେ ଯୋଗଦେଇଥିବା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜନ କୁମାର ଦେଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ଶିବିରରେ ଉପଜିଲ୍ଲାପାଳ ଶିବାଶିଷ ବରାଳ, ଏସଡିପିଓ ସୁଜିତ କୁମାର ନାୟକ, ଭାରପ୍ରାପ୍ତ ବିଡ଼ିଓ ସସ୍ମିତା ଶତପଥି, ଥାନା ଅଧିକାରୀ ଭଗବାନ ପୂଜାରୀ ଓ କୋଦଳା ଥାନା ଅଧିକାରୀ ସୁବାଷ ଚନ୍ଦ୍ର ବେହେରା ମଧ ଉପସ୍ଥିତ ଥିଲେ।

# ଜମି ବିକ୍ରି ନାଁରେ ମହିଳାଙ୍କ ଠାରୁ ୨.୮ ଲକ୍ଷ ଠକେଇ

ବ୍ରହ୍ମପୁର,୨୮ ।୮ (ସମିସ): ମାସିକ କିସ୍ତିରେ ଟଙ୍କା ଦେଇ ଜମି କିଣାବିକା ନାଁରେ ଜଣେ ଅସହାୟ ମହିଳାଙ୍କଠାରୁ ୨ଲକ୍ଷ ୮୦ହଜାର ଟଙ୍କା ଠକେଇ ହୋଇଛି। କୁକୁଡାଖଣ୍ଡି ଅଞ୍ଚଳର ଗୋଟିଏ ପରିବାର ଅଭିଯୋଗକାରୀ ମହିଳା ଓ ତାଙ୍କ ପୁଅ ଝିଅଠାରୁ କୌଶଳକ୍ରମେ ଏଡି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଏନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାପ୍ରକାରେ, ୨ବର୍ଷ ତଳେ କୁକୁଡାଖଣ୍ଡିର ଅପର୍ଣ୍ଣା ପାତ୍ରଙ୍କୁ ସେହି ଅଞ୍ଚଳର ଜଣେ ମହିଳା ଓ ତାଙ୍କ ପରିବାର ଲୋକେ ଏକ ଜମି କିଣିବାକୁ କହିଥିଲେ। ୪ଲକ୍ଷ ଟଙ୍କା ଦେଲେ ଉକ୍ତ ଜମି ଅପର୍ଣ୍ଣାଙ୍କ ନାମରେ ପଞ୍ଜିକରଣ କରିଦେବେ ବୋଲି କହିଥିଲେ। ହେଲେ ତାଙ୍କ ନିକଟରେ ଏତେ ଟଙ୍କା ନାହିଁ ବୋଲି ଅପର୍ଣ୍ଣା ଜଣାଇବା ପରେ ଅଭିଯୁକ୍ତମାନେ ତାଙ୍କୁ ମାସିକ ୨୦ହଜାର ଲେଖାଏଁ ୨୦ମାସ ଯାଏଁ ଟଙ୍କା ଦେବାକୁ କହିଥିଲେ। ଏହାପରେ ସେମାନେ ଜମି ପଞ୍ଜିକରଣ କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିକ୍ରମରେ ଅପର୍ଣ୍ଣା ଅଭିଯୁକ୍ତଙ୍କୁ ନଗଦ ୧ଲକ୍ଷ ୪୦ହଜାର ଦେଇଥିବା ବେଳେ ମାସିକ ୧୪ ହଜାର ଲେଖାଏଁ କିସ୍ତି ହିସାବରେ ୧୮ ମାସ ମଧ୍ୟରେ ଆଉ ୧ଲକ୍ଷ ୪୦ହଜାର ଟଙ୍କା ଦେଇଥିଲେ। ମୋଟ ୨ଲକ୍ଷ ୮୦ହଜାର ଟଙ୍କା ଦେବା ପରେ ଅପର୍ଣ୍ଣା ସଂପୃକ୍ତ ଜମି ଦେବାକୁ ଚାହୁଁଛନ୍ତି ବୋଲି ଅଭିଯୁକ୍ତଙ୍କୁ କହିଥିଲେ। ହେଲେ ଅଭିଯୁକ୍ତମାନେ ଜମି ଦେଖାଇବା ବଦଳରେ ତାଙ୍କୁ ଗାଳିଗୁଲଜ କରିଥିଲେ। ଜମି ପଞ୍ଜିକରଣ କରିବେ ନାହିଁ କିମ୍ବା ଟଙ୍କା ମଧ୍ୟ ଫେରାଇବେ ନାହିଁ ବୋଲି କହିଥିଲେ। ଯଦି ଟଙ୍କା ମାଗନ୍ତି ତେବେ ଜୀବନରେ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଅନ୍ୟଉପାୟ ନପାଇ ଅପର୍ଣ୍ଣା ସଦର ଥାନାକୁ ଯାଇ ଅଭିଯୁକ୍ତଙ୍କ ନାଁରେ ଏତଲା ଦେଇଥିଲେ।

## କାଲୁଆ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପିତ

ବ୍ରହ୍ମପୁର,୨୮ ।୮ (ସମିସ): ଗୋଷାଣୀନୂଆଗାଁର ଅଧିଷ୍ଠାତ୍ରୀ ଦେବୀ ମା'କାଲୁଆଙ୍କ ପ୍ରସିଦ୍ଧ ଯାତ୍ରା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ପୂଜା କମିଟି ସଦସ୍ୟଙ୍କ ନେତୃତ୍ୱରେ ଗ୍ରାମବାସୀ ଅସ୍ଥାୟୀ ମଣ୍ଡପରୁ ଘଣ୍ଟ, ମୃଦଙ୍ଗ, ବାଦ୍ୟ ବାଜଣା ସହ ଏକ ବିରାଟ ପଟୁଆରରେ ବାହାରି ମା'କାଲୁଆଙ୍କ ମନ୍ଦିରରେ ପହଞ୍ଚିଥିଲେ। ଏଠାରେ ମା'ଙ୍କୁ ଆବାହନ କରିଥିଲେ। ଆଜ୍ଞା ନେଇ ପୁଣି ମା'ଙ୍କ ଅସ୍ଥାୟୀ ମଣ୍ଡପକୁ ଫେରିଥିଲେ। ପରେ ଏଠାରେ ରୀତିନୀତି ଅନୁସାରେ ପୂଜାବିଧି ସହ ଶୁଭଖୁଣ୍ଟି ସ୍ଥାପନ ହୋଇଥିଲା। ସନ୍ଧ୍ୟାରେ ଯାତ୍ରା କମିଟି ସଦସ୍ୟଙ୍କ ବୈଠକରେ ମାଙ୍କ ଆସିବା ଓ ମୁଖ୍ୟ ମନ୍ଦିର ଫେରିବା ପାଇଁ ନିତି ନିର୍ଘଣ୍ଟ ମଧ୍ୟ ହୋଇଛି। ଗୁରୁବାର ସକାଳ ୧୦ଟାରେ ମୁଖ୍ୟ ମନ୍ଦିରରୁ ମାଙ୍କ ଆଦେଶ ମିଳିବା ପରେ ଶୁଭଖୁଣ୍ଟି ସ୍ଥାପିତ ହୋଇଥିଲା। ଆସନ୍ତା ସେପ୍ଟେମ୍ବର ୨୧ତାରିଖ ରାତ୍ର ୧୧ଟା ସମୟରେରେ ମୁଖ୍ୟ ମନ୍ଦିରରୁ ବାହାରି ସାହି ପରିକ୍ରମା କରି ଅସ୍ଥାୟୀ ମଣ୍ଡପ ବିଜେ କରିବେ। ସେହିପରି ଅକ୍ଟୋବର ୬ ତାରିଖ ମଧ୍ୟରାତ୍ରୀରେ ଅସ୍ଥାୟୀ ମନ୍ଦିରରୁ ବାହାରି ମୁଖ୍ୟ ମନ୍ଦିରକୁ ଫେରିବେ। କମିଟି ସଭାପତି ଜଗନ୍ନାଥ ଚୌଧୁରୀ, ସମ୍ପାଦକ ରିଟୁ ପଣ୍ଡା, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ପୂର୍ବତନ ମେୟର ଶିବଶଙ୍କର ଦାସ, ସଦସ୍ୟ ଶିଶିର ପଣ୍ଡା, କୁରେଶ ପାତ୍ର, ଶ୍ରୀକାନ୍ତ ସାହୁ, ନରସିଂହ ଚୌଧୁରୀ, କୃଷ୍ଣ ପାଢ଼ୀଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଧର୍ମ ପରାୟଣାଙ୍କ ପରଲୋକ




ବ୍ରହ୍ମପୁର,୨୮ ।୮ (ସମିସ): ସହର ସନ୍ନିକଟ ତଥା ଗୋବିନ୍ଦ ବିହାର ୬ନମ୍ବର ସମ୍ପ୍ରସାରଣ ଗଳିର ନିବାସୀ ତଥା ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଉପ ସଭାପତି ହରିହର ନାୟକଙ୍କ ମାତା ରମାଦେବୀ ନାୟକଙ୍କ ୯୪ବର୍ଷ ବୟସରେ ପରଲୋକ ହୋଇଛି। ସେ ଜଣେ ମେଳାପି, ମିଷ୍ଟଭାଷି, ଧର୍ମ ପରାୟଣା ମହିଳା ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ତିନି ପୁଅ, ପାଞ୍ଚ ଝିଅ, ବୋହୂ, ଜୋଇଁ ଓ ସମସ୍ତ ନାତି ନାତୁଣୀ ଉପସ୍ଥିତ ଥିଲେ।


## ଭଶାଣି ପାଇଁ ସଚେତନତା ବୈଠକ

ଛତ୍ରପୁର,୨୮ ।୮ (ସମିସ): ଚମାଖଣ୍ଡି ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଥାନାରେ ଗଣେଶ ପୂଜା ଭଷାଣିକୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଚମାଖଣ୍ଡି ଥାନା ଅଧୀନରେ ଥିବା କାଳିଆବାଲି, ନରେନ୍ଦ୍ରପୁର, ଟାଙ୍ଗଣାପଲ୍ଲୀ, କେଟିଏନପୁର, ଚମାଖଣ୍ଡି, ଟାକିରିଆ ବ୍ରହ୍ମପୁର ଗ୍ରାମରେ ହେଉଥିବା ପୂଜା କମିଟି ମାନଙ୍କୁ ଡକାଇ ଭଷାଣି ସମୟରେ ଗ୍ରାମରେ କିପରି ଭାବରେ ଶାନ୍ତି ଶୃଙ୍ଖଳା ସହିତ ଭଷାଣି କରାଯିବା ସହିତ ବାଣ ଓ ଡିଜେ ନ ବଜାଇବା ପାଇଁ ସଚେତନତା କରାଯାଇଛି। ବୈଠକରେ ଚମାଖଣ୍ଡି ଥାନା ଏସ୍ଆଇ ଅଭିଜିତ ସାମଲ, ଏସଆଇ ଲକ୍ଷ୍ମୀପ୍ରିୟା ମଲ୍ଲିକ, ଏଏସଆଇ ସୁଧୀର ଦୁପଟା, ବିଟ ହାଉସ ଅଧିକାରୀ ଅରୁଣ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଅଗ୍ରପୂଜ୍ୟଙ୍କୁ ସବୁଠି ଆରାଧନା; ମେଢ଼ ଲାଗି ଭିଡ଼











ବ୍ରହ୍ମପୁର,୨୮ ।୮ (ସମିସ)

ବ୍ରହ୍ମପୁର ସହରରେ ବିଭିନ୍ନ ପୂଜା କମିଟି, ସାହି ବାସିନ୍ଦା, ଘରୋଇ ଅନୁଷ୍ଠାନ ମାନଙ୍କ ପକ୍ଷରୁ ଗଣେଷ ପୂଜା ଧୁମଧାମର ସହକାରେ ଅନୁଷ୍ଠିତ ହେଉଛି। ପ୍ରତିଟି ପୂଜା କମିଟି ପକ୍ଷରୁ ମେଢକୁ ଆକର୍ଷଣୀୟ କରିବାକୁ ନାନାଦି ଡ଼େକରେସନ କରାଯାଇଛି। ଗତକାଲି ପୂଜା ଆରମ୍ଭ ହୋଇଥିବା ବେଳେ ଭିନ୍ନ ଭିନ୍ନ ଦିନ ମାନଙ୍କରେ ମୂର୍ତ୍ତି ବିସର୍ଜନ କରିବାକୁ ଯୋଜନା ହୋଇଛି। ଏହିକ୍ରମରେ ସହରବାସୀ ସମ୍ପ୍ରତି ବିଭିନ୍ନ ମେଢ ପରିଦର୍ଶନ କରୁଛନ୍ତି। ଗଜାନନଙ୍କୁ ଦର୍ଶନ କରିବା ସହିତ ପୂଜା ମଣ୍ଡପ ବୁଲି ଦେଖୁଛନ୍ତି। ଏବେ ସାହି ସାହିରେ ରଙ୍ଗ ବେରଙ୍ଗର ଆଲୋକମାଳା ଓ ସୁସଜ୍ଜିତ ମେଢ ଝଲସି ଉଠୁଛି। ସେହିଭଳି ବିଭିନ୍ନ କମିଟି ପକ୍ଷରୁ ପ୍ରସାଦ ବଣ୍ଟନ ସହିତ ସାଂସ୍କୃତି କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି।

## ● ଗଜପତିନଗର ଗଣେଶ ପୂଜା
## ଦର୍ଶନ କଲେ ମାନ୍ୟଗଣ୍ୟ




ବ୍ରହ୍ମପୁର,୨୮ ।୮ (ସମିସ): ବ୍ରହ୍ମପୁର ସହରର ଗଜପତି ନଗର ଉନ୍ନୟନ କମିଟି ପକ୍ଷରୁ ଆୟୋଜିତ ଗଣେଶ ପୂଜା ବେଶ ଧୁମଧାମରେ ଚାଲିଛି। ପ୍ରତିଦିନ ବହୁ ବିଶିଷ୍ଟ ବ୍ୟକ୍ତି ଆସି ଦର୍ଶନ କରୁଛନ୍ତି। ଏହିକ୍ରମରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ସ୍ଥାନୀୟ କର୍ପୋରେଟର ସମୀର କୁମାର ମିଶ୍ର, ବିଧାୟକଙ୍କ ପ୍ରତିନିଧି ଆଶୋକ କୁମାର ଶୁକ୍ଳ, ଭାବିନିପୁର ସରପଞ୍ଚ ଇ ରଞ୍ଜିତ ସାହୁ, ଡ଼ାକ୍ତର ଚନ୍ଦନ ଗନ୍ତାୟତ, ସମାଜସେବୀ ଲୋକନାଥ ମିଶ୍ରଙ୍କ ସମେତ ବହୁ ସଦସ୍ୟ ଦର୍ଶନ କରିଥିଲେ। ସୂଚନାପ୍ରକାରେ ଏଠାରେ ପ୍ରତିଦିନ ମଙ୍ଗଳ ଆଳତୀ, ନୈବେଦ୍ୟ, ସନ୍ଧ୍ୟା ଆଳତୀ ପ୍ରସାଦ ସେବନ ଆଦି ବ୍ୟବସ୍ଥା ହେଉଥିବା ବେଳେ ହଜାର ହଜାର ଶ୍ରଦ୍ଧାଳୁ ଆସି ନିୟମିତ ଦର୍ଶନ କରୁଛନ୍ତି।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ପ୍ରକଳ୍ପ ନିର୍ଦ୍ଦେଶକ



ପୁରୁଷୋତ୍ତମପୁର,୨୮ ।୮ (ସମିସ): ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗୁରୁବାର ମା'ତାରାତାରିଣୀ ମନ୍ଦିରକୁ ଆସି ମା'ଙ୍କ ଦର୍ଶନ କରି ସେଠାରେ ଚାଲି ଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଦେଖିଥିଲେ। ଏହା ପରେ ଗଞ୍ଜାମ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଥିବା ସମୟରେ ଆରମ୍ଭ କରିଥିବା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ବଡଖରିଡା ଗ୍ରାମ ସ୍ଥିତ କାଳେଶ୍ୱର ମନ୍ଦିରରେ ଗ୍ରାମୀଣ ଆଦର୍ଶ ପାର୍କକୁ ବୁଲି ଦେଖିବା ଓ ରକ୍ଷଣାବେକ୍ଷଣ ନେଇ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହ କଥା ହୋଇଥିଲେ। ଜନପ୍ରତିନିଧିମାନେ ସେଠାରେ ଥିବା ପୋଖରୀରେ ବୋଟିଂ ବ୍ୟବସ୍ଥା କରିବାକୁ ଅନୁଦାନ ପାଇଁ କହିଥିଲେ। ଏହି ଅବସରରେ ଗୃହ ନିର୍ମାଣ ପ୍ରକଳ୍ପ ଅଧିକାରୀ ସୌମ୍ୟରଞ୍ଜନ ହୋତା, ଅତିରିକ୍ତ ଉନ୍ନୟନ ଅଧିକାରୀ ବିଜୟ କୁମାର ବେହେରା, ବିଡ଼ିଓ ଶରତ କୁମାର ପାତ୍ର, ତହସିଲଦାର ବିନୋଦ କୁମାର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ, ସରପଞ୍ଚ ପ୍ରତିନିଧି ରମେଶ ଚନ୍ଦ୍ର ଦଳାଇ, ସମିତି ସଭ୍ୟ ଅନିଲ କୁମାର ଦାଶ, ଗ୍ରାମ ସେବକ ପାଣ୍ଡବ ରାଉତ,ଏମ୍‌ବିକେ, ସିଆରପି ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ ମହିଳା ମୃତ

ଖଲ୍ଲିକୋଟ,୨୮ ।୮ (ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶ୍ରୀକୃଷ୍ଣ ଶରଣପୁର ଗ୍ରାମର ସଜନୀ ପାହାନ (୩୩)। ସଜନୀ ଘରେ ଥିବାବେଳେ କୌଣସି କାରଣରୁ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଖଲ୍ଲିକୋଟ ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। କିପରି ସେ ବିଦ୍ୟୁତ ସଂସ୍ପର୍ଶରେ ଆସିଲେ ଜଣାପଡୁନାହିଁ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଗଣେଷ ଚତୁର୍ଥୀ ରାତିରେ ୨ ସ୍ଥାନରେ ଗଣ୍ଡଗୋଳ; ୩ ଆହତ

ବ୍ରହ୍ମପୁର,୨୮ ।୮ (ସମିସ): ଗଣେଷ ଚତୁର୍ଥୀ ରାତିରେ ସହରର ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ ହୋଇଛି। ସୂଚନାଯୋଗ୍ୟ ଯେ, ସଦର ଥାନା ଅନ୍ତର୍ଗତ କୁକୁଡାଖଣ୍ଡି ବେହେରାବନ୍ଧ ନିକଟରେ ବୁଧବାର ୨ନାବାଳକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗଣେଷ ପୂଜାକୁ ନେଇ ଏହି ଆକ୍ରମଣ ହୋଇଥିବା ବେଳେ ଗୋଟିଏ ନାବାଳକ ଗୋଷ୍ଠୀର ଆକ୍ରମଣରେ ଆଉ ଗୋଟିଏ ଗୋଷ୍ଠୀର ୨ଜଣ ନାବାଳକ ଆହତ ହୋଇଥିଲେ। ଆହତ ଦୁଇ ନାବାଳକଙ୍କ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ସଦର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି। ସେହିପରି ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ପାଏଲ ହଲ ସମ୍ମୁଖରେ ଥିବା ଦଳିତ ବସ୍ତିରେ ମଧ୍ୟରେ ଗଣ୍ଡଗୋଳ ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ସେହି ସାହିର ଯୁବକ ସୁଲତାନ ବେହେରା ଓରଫ ଟିପୁଙ୍କୁ ଖଣ୍ଡାରେ ଆକ୍ରମଣ କରାଯାଇଛି। ଟିପୁଙ୍କ ଗୋଡରେ ଗଭୀର ଆଘାତ ଲାଗିଛି। ୨୦୨୨ମସିହା ଅଗଷ୍ଟ ମାସରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଚିକେନ ବ୍ୟବସାୟୀ ମିଟୁ ଘଡ଼େଇଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ବୈଦ୍ୟନାଥପୁର ଥାନା ପୁଲିସ ଗୋଲାପଲ୍ଲୀ ସାହିର ଟିପୁ ଓରଫ୍ ସୁଲତାନ ବେହେରା, ମଣ୍ଟୁ ବେହେରା, ଛୋଟୁ ବେହେରା, ରାଜଗୁରୁ ମାଧେଇ ଓ ଚିନ୍ତାମଣି ନାୟକଙ୍କୁ ଗିରଫ କରିଥିଲା। ତେଣୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ସୂଚନା ରହିଛି ।

## ସର୍ଟସର୍କିଟରୁ ଜଳିଗଲା ଘର; ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ

ଛତ୍ରପୁର,୨୮ ।୮ (ସମିସ): ଛତ୍ରପୁର ଥାନା ଅନ୍ତର୍ଗତ ସୁନ୍ଦରପୁର ଗ୍ରାମ ସ୍ଥିତ (ମଠ) ଉପର ସାହିର ଯୁ ନାଗେଶ୍ୱର ଆଚାରୀଙ୍କ ଘରେ ଅଗ୍ନିକାଣ୍ଡ। ବିଦ୍ୟୁତ ସଟ ସର୍କିଟ ଯୋଗୁଁ ନିଆଁ ଲାଗିଲା ଘରେ। ଏହି ଅଗ୍ନିକାଣ୍ଡ ଲାଗି ଘରେ ଥିବା ଅନେକ ଫର୍ନୀଚର ସାମଗ୍ରୀ, ମେସିନ ଏବଂ ଅନ୍ୟାନ୍ୟ ସାମଗ୍ରୀ ଗୁଡିକ ପୋଡ଼ି ପାଉଁଶ ହୋଇଯାଇଛି। ଘର ଭିତରୁ ଧୂଆଁ ବାହାରୁଥିବାର ଦେଖିଥିଲେ। ଅଳ୍ପ କିଛି ସମୟ ମଧ୍ୟରେ ନିଆଁ ବ୍ୟାପି ଯାଇଥିଲା। ହୁତୁ ହୁତୁ ହୋଇ ସବୁ ଜଳିବାରେ ଲାଗିଥିଲା। ପରିବାର ଓ ସ୍ଥାନୀୟ ଲୋକ ପ୍ରଥମେ ନିଆଁ ଲିଭାଉ ଥିବା ସହ ଛତ୍ରପୁର ଅଗ୍ନିଶମ କାର୍ଯ୍ୟାଳୟଙ୍କୁ ମଧ୍ୟ ଜଣାଇଥିଲେ। ଏହାପରେ ଛତ୍ରପୁର ଅଗ୍ନିଶମ ବାହିନୀର ଟିମ୍ ଆସି ନିଆଁକୁ ଆୟତ୍ତ କରିଥିଲେ। ନିଆଁରେ ପୋଡି ହୋଇ ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣା ପଡ଼ିନଥିବା ବେଳେ ବିଦ୍ୟୁତ ସଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି। ନାଗେଶ୍ୱର ଜଣେ ଗରିବ ଶ୍ରେଣୀ ବ୍ୟକ୍ତି ଅଟନ୍ତି, ବିଭିନ୍ନ ଫର୍ନିଚର କାମ କରିବାକୁ ଲୋକଙ୍କ ସାମଗ୍ରୀଙ୍କୁ ତିଆରି କରିବାକୁ ଘରକୁ ଆଣିଥିବା ବେଳେ ଏପରି ଦୁଃଖଦ ଘଟଣା ଘଟିଛି। ଏବେ ତାଙ୍କ ପରିବାର ଚିନ୍ତା ପଡିଛନ୍ତି। ଅନ୍ୟପଟେ ସୁନ୍ଦରପୁର ସରପଞ୍ଚ ଗଗନ ବେହେରାଙ୍କ ଉପସ୍ଥିତିରେ ଆରଆଇ ସୁଶାନ୍ତ ଶବର ଗ୍ରାମରେ ପହଁଚି କ୍ଷତିଗ୍ରସ୍ତଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

# ଘର ଓ ସ୍କୁଲ ତାଲାଭାଙ୍ଗି ଲୁଟିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର,୨୮।୮ (ସମିସ)

ଗୋପାଳପୁର ଥାନା ଅନ୍ତର୍ଗତ ମୋନର୍କ ଛକ ନିକଟରେ ଥିବା ଭଞ୍ଜ ବିହାର ସରସ୍ୱତୀ ଶିଶୁ ମନ୍ଦିର ଓ ପର୍ଶୁରାମ ନଗରରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ଏନେଇ ଥାନାରେ ପୃଥକ ପୃଥକ ଅଭିଯୋଗ ହୋଇଛି।


ସୂଚନା ପ୍ରକାରେ, ଆଜି ସକାଳୁ ଭଞ୍ଜବିହାର ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦଣ୍ଡପାଣି ସାହୁ ସକାଳ ପ୍ରାୟ ୯ଟାରେ ସ୍କୁଲକୁ ଆସି ଦେଖିବା ବେଳକୁ ଗ୍ରୀଲ୍‌ର ତାଲା ଓ ଅଫିସ ରୁମ୍‌ର ତାଲା ଭାଙ୍ଗି କବାଟ ଖୋଲା ରହିଥିଲା। ଭିତରକୁ ଯାଇ ଦେଖିବା ବେଳକୁ କାଠ ଆଲମାରୀର ତାଲା ଭାଙ୍ଗିଥିବାବେଳେ ନଥିପତ୍ର ଗୁଡ଼ିକ ଏଣେତେଣେ ବିକ୍ଷିପ୍ତ ହୋଇ ପଡ଼ିଥିଲା। ଅନ୍ୟ ଏକ ରୁମ୍‌ର ଲୁହା ଆଲମାରୀ ଭାଙ୍ଗିବାକୁ ଚେଷ୍ଟା କରିଥିଲେ ମଧ୍ୟ ଦୁର୍ବୃତ୍ତ ବିଫଳ ହୋଇଥିଲେ। କମ୍ପ୍ୟୁଟର ନିକଟରେ ଥିବା ୟୁପିଏସ୍ ଓ କୁନି କୁନି ପିଲାଙ୍କ ପାଇଁ ଚକୋଲେଟ ଭର୍ତ୍ତି ଡବା ଚୋରି ହୋଇଥିବା ନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସେଠାରୁ ଭଙ୍ଗା ଯାଇଥିବା ତାଲା ଓ ଭାଙ୍ଗିବା ପାଇଁ ବ୍ୟବହାର କରିଥିବା ଲୁହା ରଡ଼ର ଖଣ୍ଡ ଜବତ କରିଥିଲା। ପରେ ସ୍ଥାନୀୟ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ପରେ ଗୋଟିଏ ସ୍ଥାନରୁ ୨ ଜଣକୁ ସନ୍ଦେହ କରି ସେମାନଙ୍କ ଠାରୁ ଏକ ବ୍ୟାଗରେ କିଛି ଚକୋଲେଟ ଓ ବ୍ୟବହାର କରିଥିବା ଲୁହାରଡ଼ ଜବତ କରି ସ୍କୁଲରୁ ମିଳିଥିବା ଲୁହା ରଡ଼ ଟୁକୁଡା ସହ ତାଳ ମେଳ କରିଥିଲା। ପରେ ସ୍କୁଲରେ ଚୋରି କରିଥିବା ରାଜି ହେବା ପରେ ୟୁପିଏସ୍‌ଟିକୁ ସ୍କୁଲ ନିକଟରେ ଏକ ବୁଦାରେ ଲୁଚାଇଥିବା କହିଥିଲା। ପୁଲିସ ସେଠାରୁ ୟୁପିଏସ୍ ଜବତ କରିଥିଲା। ପୁଲିସ ଏକ ମାମଲା ରୁଜୁ କରି ୨ ଜଣକୁ ଅଟକ ରଖି ତଦନ୍ତ କରୁଛି।

ସେହିପରି ମୋନାର୍କ ଛକ ପର୍ଶୁରାମ ନଗରରେ ରହୁଥିବା ମାର୍କଣ୍ଡ କାର୍ଜିଙ୍କ ତାଲା ବନ୍ଦ ଥିବା ଘରୁ ଦୁର୍ବୃତ୍ତ ପୁରୁଣା ସୁନା ଓ କିଛି ଟଙ୍କା ଚୋରି କରିନେଇଥିବା ଜଣାପଡ଼ିଛି। କାର୍ଜି ପ୍ରାୟ ୭ ଦିନ ହେବ ଏକ ମୃତ କାର୍ଯ୍ୟରେ ଯୋଗ ଦେବା ପାଇଁ ପାରଳାଖେମୁଣ୍ଡି ଯାଇଥିଲେ। ଆଜି ମୋବାଇଲ ଦ୍ୱାରା ସିସିଟିଭି ଫୁଟେଜ କାମ କରୁନଥିବା ଜାଣିପାରି ସାହିର ସମ୍ପର୍କୀୟଙ୍କୁ ଜଣାଇ ଥିଲେ। ସମ୍ପର୍କୀୟ ଲୋକ ଆଜି ଅପରାହ୍ନରେ ଦେଖିବା ବେଳକୁ ଘରର ତାଲା ଭାଙ୍ଗି କବାଟ ଖୋଲା ରହିଥିଲା। ଚୋରି ହୋଇଥିବା ଜାଣି ପାରି କାର୍ଜିଙ୍କୁ ଜଣାଇବା ସହ ପୁଲିସକୁ ଖବର ଦେଇଥିଲେ। ଗୋପାଳପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ଓ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସିସି କ୍ୟାମେରାର ତାର କାଟିବା ସହ ହାଡ଼ ଡିସ୍କ ନେଇ ଯାଇଥିବା ଏବଂ ଘରେ ଥିବା ୫ଟି ଆଲମାରୀ ଭାଙ୍ଗି କିଛି ସୁନା ଓ ଟଙ୍କା ଚୋରି ହୋଇଥିବା ନେଇ ତାଙ୍କ ପୁଅ ଆଶୁତୋଷ କାର୍ଜି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପ୍ରକାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା କହିଛି।

## ମଧୁବୈଶ୍ୟ ସମାଜର ଆଞ୍ଚଳିକ ସମ୍ମିଳନୀ

ଛତ୍ରପୁର,୨୮ ।୮ (ସମିସ): ଛତ୍ରପୁର ନ୍ୟୁ-ପୁଲିସ ଲାଇନ୍ ସ୍ଥିତ ଗଣେଶ ମନ୍ଦିର ପରିସରରେ ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ଆଞ୍ଚଳିକ ସମ୍ମିଳନୀ ସମାଜର ସଭାପତି ତଥା ହାଇକୋର୍ଟ ଆଇନଜୀବୀ ପଦ୍ମଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢୀ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହ ସମାଜର ଉନ୍ନତି କାମନା କରିଥିଲେ। ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ଉପସଭାପତି କୈଳାଶ ଚନ୍ଦ୍ର ସାହୁ, ଛତ୍ରପୁର ତାଲୁକା ସମ୍ପାଦକ ତ୍ରିନାଥ ସାହୁ, କୋଷାଧ୍ୟକ୍ଷ ଜଗନ୍ନାଥ ସାହୁ, କୃଳବେହେରା ଲୋକନାଥ ସାହୁ, ସଂଗଠନର ସମ୍ପାଦକ ଦେବେନ୍ଦ୍ର ନାଥ ସାହୁ, ରଞ୍ଜିତସାହୁ, କୈଳାସ ସାହୁ, ସନ୍ତୋଷ ସାହୁ, ମହିଳା ସଭାନେତ୍ରୀ ଗୋଲାପ ସାହୁ, ସମ୍ପାଦିକା ସବିତା ସାହୁ, ଲକ୍ଷ୍ମୀସାହୁ, ଜ୍ୟୋସ୍ନାସାହୁ ପ୍ରମୁଖ ଉପସ୍ଥିତ ରହି ମଧୁବୈଶ୍ୟ ଜାତିର କୌଳିକ ବୃତିକୁ ପ୍ରୋତ୍ସାହନ ନିମନ୍ତେ ସରକାରଙ୍କ ପକ୍ଷରୁ ଋଣ ସହାୟତା, ଉଚ୍ଚଶିକ୍ଷା ଓ ଚାକିରି କ୍ଷେତ୍ରରେ ଓବିସି ପ୍ରମାଣ ପତ୍ର ଲାଗୁ କରିବା ସହ ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିବାକୁ ସରକାରଙ୍କ ନିକଟରେ ନିବେଦନ କରିବାକୁ ସ୍ଥିର କରାଯାଇଛି। ଶେଷରେ ସମସ୍ତ ନବନିର୍ବାଚିତ ସଭ୍ୟ/ସଭ୍ୟା ମାନଙ୍କୁ ସମ୍ମାନିତ କରାଯାଇଥିଲା।

ସକାଳ
THE SAKALA



ଯେତେବେଳେ ଦ୍ୱନ୍ଦ୍ୱ ମୋ ମନକୁ ବିଦୀର୍ଣ୍ଣ କରେ, ହତାଶା ବିଷଣ୍ଣ କରେ, ଦିଗବଳୟରୁ ଆଶାର କିରଣ ଅସ୍ତ ହୋଇଯାଏ, ସେତେବେଳେ ମୁଁ ଭଗବତ୍ ଗୀତାର ବାଣୀକୁ ସ୍ମରଣ କରି ସ୍ଥିତପ୍ରଜ୍ଞ ହୋଇଯାଏ।

-ମହାତ୍ମା ଗାନ୍ଧୀ

## ବିକଳ୍ପ ସନ୍ଧାନର ସୁଯୋଗ

ଭାରତ ବିରୋଧରେ ବିଧିବଦ୍ଧ ଭାବେ ଆରମ୍ଭ ହୋଇସାରିଥିବା ଆମେରିକାର ବାଣିଜ୍ୟ ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତର ବୟନ, ରତ୍ନପଥର, ଅଳଙ୍କାର, ସାମୁଦ୍ରିକ ଖାଦ୍ୟ, ଅଟୋଯନ୍ତ୍ରାଂଶ ଶିଳ୍ପ ଗୁରୁତର ପ୍ରଭାବିତ ହୋଇଛି। ସବୁଠାରୁ ଅଧିକ ଓ ତତ୍କାଳ ପ୍ରଭାବିତ ହୋଇଛି ବୟନଶିଳ୍ପ। ଭାରତର ବୟନଶିଳ୍ପ ପେଣ୍ଠ କୁହାଯାଉଥିବା ଗୁଜରାଟର ସୁରତ, ତାମିଲ୍‌ନାଡୁର ତିରିପୁର ଓ ନୋଇଡ଼ାରେ କାରଖାନାମାନ ବନ୍ଦ ହୋଇଯାଇଛି। ଲକ୍ଷ ଲକ୍ଷ କାରିଗର ଚାକିରି ହରାଇଛନ୍ତି। କୋଭିଡ୍ ମହାମାରୀ ଜନିତ ଲକ୍‌ଡାଉନ୍ ଘୋଷଣା ପରେ ସୃଷ୍ଟି ହୋଇଥିବା ପରିସ୍ଥିତିର ଏକପ୍ରକାର ପୁନରାବୃତ୍ତି ଘଟିଛି। ଏବେ ବୟନ ଶିଳ୍ପ କ୍ଷେତ୍ରରେ ଅନୁଭୂତ ପ୍ରଭାବ ଖୁବ୍‌ଶୀଘ୍ର ଅର୍ଥନୀତିର ଅନ୍ୟାନ୍ୟ କ୍ଷେତ୍ରକୁ ସଂଚରିଯିବା ସ୍ୱାଭାବିକ ଥିବାରୁ ଚଳିତ ଆର୍ଥିକ ବର୍ଷରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ହ୍ରାସ ପାଇବା ଏକପ୍ରକାର ସୁନିଶ୍ଚିତ। ସାମଗ୍ରିକ ଭାବେ ଆମେରିକାର ବାଣିଜ୍ୟ ଶୁଳ୍କ ବୃଦ୍ଧି ଯୋଗୁଁ ଭାରତୀୟ ନିଯୁକ୍ତି ବଜାରରେ ପ୍ରାୟ ୩୦ ଲକ୍ଷ ଛଟେଇ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଓଡ଼ିଶାର ସର୍ବାଧିକ ପ୍ରବାସୀ ଶ୍ରମିକ ସୁରତର ବୟନଶିଳ୍ପରେ ନିୟୋଜିତ ଥିବାରୁ ସେଠାରେ କାମଧନ୍ଦା ବନ୍ଦ ହେଲେ ପ୍ରବାସୀ ଶ୍ରମିକଙ୍କ ଘରବାହୁଡ଼ା ଓଡ଼ିଶାରେ ଆଉ ଏକ ସଙ୍କଟକୁ ଜନ୍ମ ଦେବ। ତେଣୁ ରାଜ୍ୟ ସରକାର ଏଥିପ୍ରତି ସତର୍କ ଓ ସଜାଗ ହେବା ଆବଶ୍ୟକ।

ରୁଷ୍‌ରୁ ଭାରତ ତୁଳନାରେ ଚୀନ୍ ଅଧିକ ତୈଳ ଆମଦାନୀ କରୁଛି। କିନ୍ତୁ ଚୀନ୍ ଉପରେ ଟ୍ରମ୍ପ ସେଭଳି କଠୋର ହୋଇନାହାନ୍ତି। ଏଥିରୁ ପ୍ରମାଣିତ ହେଉଛି ଯେ ଭାରତୀୟ ଉତ୍ପାଦ ଉପରେ ଟ୍ରମ୍ପଙ୍କ ବର୍ଦ୍ଧିତ ଶୁଳ୍କ ଲାଗୁ ବା ବାଣିଜ୍ୟ ଯୁଦ୍ଧ ଘୋଷଣା ପଛରେ କେବଳ ରୁଷ୍‌ରୁ ତୈଳ ଆମଦାନୀ ଏକମାତ୍ର କାରଣ ନୁହେଁ। ଏହି କାରଣକୁ ଭାରତ ସାମ୍ନାକୁ ଆଣି ବିଶ୍ୱ ଦରବାରରେ ସ୍ୱାର୍ଥପର ଆମେରିକାର ମୁଖା ଖୋଲିବା ଉଚିତ। ଭାରତୀୟ ଉତ୍ପାଦର ଅନୁପସ୍ଥିତିରେ ଆମେରିକାର ଖାଉଟି ମଧ୍ୟ ପ୍ରଭାବିତ ହେବେ, ଯାହା ଚୀନ୍ ଦ୍ୱାରା ତତ୍କାଳ ପୂରଣ ହେବା ସମ୍ଭବ ନୁହେଁ। ତେଣୁ ଯେସାକୁ ତେସା ନୀତିରେ ଭାରତ ଆମେରିକାକୁ ଔଷଧ ରପ୍ତାନୀକୁ କାଣ୍ଟଛାଣ୍ଟ କରି ଆମ ବଜାରରେ ଆମେରିକା ଉତ୍ପାଦ ଉପରେ ଦ୍ୱିଗୁଣା ଶୁଳ୍କ ଲାଗୁ କରିବା ଉଚିତ ହେବ।

ସର୍ବୋପରି ଆମେରିକାର ଶୁଳ୍କ ବୃଦ୍ଧିର ଅଲଂଘ୍ୟ ପ୍ରଭାବ ଭାରତୀୟ ଅର୍ଥନୀତିର ଅନ୍ୟାନ୍ୟ ଦିଗକୁ ସଞ୍ଚରିଯିବା ପୂର୍ବରୁ ଭାରତ ସରକାର ଆଶୁ ପଦକ୍ଷେପ ନେବା ଜରୁରୀ। ଭାରତୀୟ ଉତ୍ପାଦ ପାଇଁ ଆମେରିକା ଏକମାତ୍ର ବିକଳ୍ପ ନୁହେଁ। କିନ୍ତୁ ଆମେରିକା ବଜାର ଉପରେ ଆମର ମାତ୍ରାଧିକ ନିର୍ଭରଶୀଳତା ଏବଂ ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ରର ସହାଚାର୍ଯ୍ୟର ଆସକ୍ତି ଯୋଗୁଁ ଆଜି ଆମ ରପ୍ତାନୀ ଶିଳ୍ପକୁ ଏ ଦଶା ଭୋଗିବାକୁ ପଡୁଛି। ଯଦି ବେଳ ଥାଉଁ ବିକଳ୍ପ ବଜାର ଖୋଜିବାର ଚେଷ୍ଟା କରିଥା'ନ୍ତେ ତେବେ ଆଜି ଆମେ ମଧ୍ୟ ଆମେରିକାକୁ ଚୀନ୍ ସୁଲଭ ନାଲି ଆଖି ଦେଖାଇ ନମନୀୟ କରିପାରିଥା'ନ୍ତେ। ଏବେ ମଧ୍ୟ ବେଶୀ ବିଳମ୍ବ ହୋଇନାହିଁ। ଆମର ବାଣିଜ୍ୟ-ଅର୍ଥନୀତିକୁ ନିଜ ଗୋଡ଼ରେ ଠିଆ ହେବାର ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ କରିବାରେ ଆମେରିକାର ବାଣିଜ୍ୟ ଯୁଦ୍ଧ ଆମକୁ ଏକ ସୁଯୋଗ ଦେଇଛି। ଓଡ଼ିଶା ମଧ୍ୟ ଦାଦନ-ଶ୍ରମିକ ରଣନୀତିରେ ଯୁଗୋପଯୋଗୀ ପରିବର୍ତ୍ତନ ଆଣିବା ଲାଗି ମାନସ ମନ୍ଥନ ଆରମ୍ଭ କରିବାର ଅବକାଶ ସୃଷ୍ଟି ହୋଇଛି। ଏହି ସମୟର ସଦୁପଯୋଗ କରି ସୁଯୋଗର ସନ୍ଧାନ ଆମେ ଯେତେଶୀଘ୍ର କରିପାରିବା ଆମେରିକାକୁ ଉଚିତ ଶିକ୍ଷା ତ ମିଳିବ, ଭାରତୀୟ ଅର୍ଥନୀତି ମଧ୍ୟ ଅଦମନୀୟ ହୋଇପାରିବ। ●

## ଅରଣ୍ୟର ରୋଦନ

ବିକାଶ ଆଳରେ ବ୍ୟାପକ ବୃକ୍ଷଛେଦନର ପରିବେଶ ଉପରେ ପ୍ରତ୍ୟକ୍ଷ ପ୍ରଭାବ ବିଷୟରେ ପରିବେଶବିତ୍‌ମାନେ ସପ୍ରମାଣ ଚେତାବନୀ ଦେଇ ଆସୁଛନ୍ତି। ଜଙ୍ଗଲକ୍ଷୟ ପ୍ରାଣୀମାନଙ୍କ ଜୀବନଚକ୍ରକୁ ପରୋକ୍ଷ ପ୍ରଭାବିତ କରୁଥିବା ଅନେକ ଗବେଷଣାରୁ ଜଣାପଡ଼ିଛି। ଏବେ କିନ୍ତୁ ଜଙ୍ଗଲକ୍ଷୟର ମଣିଷମାନଙ୍କ ଉପରେ ପ୍ରତ୍ୟକ୍ଷ ପ୍ରଭାବର ପ୍ରମାଣ ମିଳିଛି। ବିଖ୍ୟାତ ବିଜ୍ଞାନ ପତ୍ରିକା 'ନେଚର୍'ର ଗତ ୨୭ ତାରିଖରେ ପ୍ରକାଶିତ ସଂଖ୍ୟାରେ ଉଲ୍ଲେଖିତ ଏକ ଗବେଷଣାଲବ୍ଧ ସନ୍ଦର୍ଭର ତଥ୍ୟ ଅନୁଯାୟୀ ଗତ ଦୁଇ ଦଶନ୍ଧିରେ ଜଙ୍ଗଲ କ୍ଷୟ ଯୋଗୁଁ ବାର୍ଷିକ ହାରାହାରି ୨୮ ହଜାର ଲୋକଙ୍କ ଜୀବନ ହାନି ଘଟିଛି। ସବୁଠାରୁ ଅଧିକ ପ୍ରଭାବ ପଡ଼ିଛି ଦକ୍ଷିଣ-ଏସିଆରେ। ଉକ୍ତ ସନ୍ଦର୍ଭର ଦାବି ଅନୁଯାୟୀ ଚଳିତ ଶତାବ୍ଦୀର ଦୁଇ ଦଶନ୍ଧି ମଧ୍ୟରେ କୃଷି ଓ ବାସସ୍ଥାନ ନିର୍ମାଣ ପାଇଁ ୧୬୦ ଲକ୍ଷ ବର୍ଗ କିମି ଜଙ୍ଗଲ ନଷ୍ଟ ହୋଇଛି। ଫଳରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ମାତ୍ରା ବୃଦ୍ଧି ଏବଂ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଘଟିଛି, ଯାହାର ସିଧାସଳଖ ପ୍ରଭାବ ମଣିଷ ଜୀବନ ଉପରେ ପଡ଼ିଛି।

ଏକପକ୍ଷରେ ବିଶ୍ୱ ତାପମାତ୍ରାକୁ ଶିଳ୍ପ ବିପ୍ଳବ ପୂର୍ବବର୍ତ୍ତୀ ସମୟର ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ସୀମିତ ରଖିବାକୁ ପରିବେଶ ଶିଖର ସମ୍ମିଳନୀମାନଙ୍କରେ ସଂକଳ୍ପ ପାରିତ ହେଉଛି। ଅପରପକ୍ଷରେ ପରିବେଶର ସୁରକ୍ଷାର କବଚ ଜଙ୍ଗଲକୁ ଅତି ନିଷ୍ଠୁର ଭାବେ ନଷ୍ଟ କରାଯାଉଛି। ବିକାଶର ମାୟାଜାଲରେ ମଣିଷ ଏତେ ଅନ୍ଧ ହୋଇଯାଇଛି ଯେ ନିଜ ସହିତ ମାନବ ସଭ୍ୟତାକୁ ବିଲୟ ଆଡ଼କୁ ନେଇଯାଉଛି, ତାହା ସେ ନିଜେ ଜାଣିପାରୁନାହିଁ। ବିକାଶ ପାଇଁ ଆଇନକାନୁନ୍‌କୁ ଦଳିଚକଟି ଚାଲିଛି। ନୂତନ ବନାଞ୍ଚଳ ଯେ ସୃଷ୍ଟି ହେଉନାହିଁ ତା' ନୁହେଁ। କିନ୍ତୁ ବନୀକରଣ ତୁଳନାରେ ଅରଣ୍ୟ ଉଭାନ୍‌ର ପରିମାଣ ବଢ଼ି ଚାଲିଛି। ଭିତ୍ତିଭୂମି ବିକାଶ ନାମରେ ଶହଶହ ବର୍ଷ ପୁରୁଣା ଗଛ ବଦଳରେ କାଗଜଫୁଲ, କନିଅର ଫୁଲ ଗଛ ଶୋଭା ପାଉଛି। ପରିସଂଖ୍ୟାନରେ ଯେଉଁ ସବୁଜ ବଳୟ ଅଞ୍ଚଳ ବୃଦ୍ଧି ପାଇଥିବା ଦର୍ଶାଯାଇଛି ତାହା କେବଳ ଉପଗ୍ରହ ମାଧ୍ୟମରେ ଉତ୍ତୋଳିତ ଚିତ୍ର ଆଧାରରେ ପ୍ରସ୍ତୁତ ହେଉଥିବାରୁ ଯାହା କିଛି ଉପଗ୍ରହ କ୍ୟାମେରାରେ ସବୁଜ ଚିତ୍ରିତ ହେଉଛି ତାହାକୁ ପରିସଂଖ୍ୟାନବିତ୍‌ମାନେ ବନାଞ୍ଚଳ ବା ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୋଲି ଦର୍ଶାଉଛନ୍ତି। କିନ୍ତୁ ଗୋଟିଏ ବଡ଼ ଗଛର ବିକଳ୍ପ ଲକ୍ଷେ ଫୁଲଗଛ ଚାରା ନୁହେଁ, ଏହି ବାସ୍ତବତାକୁ ଗ୍ରହଣ କରିବାକୁ ପଡ଼ିବ।

ଅରଣ୍ୟ ଆମକୁ ବହୁବର୍ଷ ହେଲା ଆକୁଳ ନିବେଦନ କରୁଛି - ମୋତେ ମାର ନାହିଁ; ନଚେତ୍ ତୁମେ ମରିଯିବ। କିନ୍ତୁ ନିଷ୍ଠୁର ମଣିଷ ଅରଣ୍ୟର ସେହି ରୋଦନ ଶୁଣିବାର ଧୈର୍ଯ୍ୟ ଓ ଆନ୍ତରିକତା ହରାଇଛି। ●

# ବାଣିଜ୍ୟ-ଯୁଦ୍ଧ ଓ ଚିରସ୍ଥାୟୀ କୃଷିବିକାଶ

ବିଦ୍ୟାଧର ମହାରଣା

ଆମେରିକା ସହିତ ଭାରତର ବାଣିଜ୍ୟ ଯୁଦ୍ଧର ବିଗୁଲ୍ ବାଜିସାରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତର ରପ୍ତାନି ଶିଳ୍ପ ଗୁରୁତର ବାଧାପ୍ରାପ୍ତ ହୋଇଥିବା ବେଳେ ଆଗାମୀ ଦିନରେ କୃଷି ଆମଦାନୀ ଓ ଖାଦ୍ୟ ନିରାପତ୍ତା ଉପରେ ଏହାର ପ୍ରଭାବକୁ ଏଡ଼ାଇ ଦେଇ ହେବ ନାହିଁ ବୋଲି ବିଶେଷଜ୍ଞମାନେ ଆଶଙ୍କା କଲେଣି। ତେଣୁ ଏବେଠାରୁ ଭାରତ କୃଷି ଓ ଖାଦ୍ୟ ନିରାପତ୍ତାରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ଭାରତ ଆଜି ବିଶ୍ୱର ସବୁଠାରୁ ଅଧିକ ଜନବହୁଳ ରାଷ୍ଟ୍ରରୂପେ ଉଭା ହୋଇଛି। ଦେଶର ବିଶାଳକାୟ ଜନସମାଜକୁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ଆଗୁଆ ଯୋଜନା ପ୍ରସ୍ତୁତ କରା ନ ଗଲେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଭାରତ ବିଶ୍ୱରେ ସର୍ବାଧିକ ଡାଲି, କପା, ଝୋଟ ଓ ଦୁଗ୍ଧ ଉତ୍ପାଦନକାରୀ ରାଷ୍ଟ୍ର। ଚାଉଳ, ଆଖୁ, ଫଳ ଓ ପନିପରିବା ଉତ୍ପାଦନରେ ଭାରତ ଦ୍ୱିତୀୟ ସ୍ଥାନରେ ଅଛି। ୨୦୨୪-୨୫ ରେ ଦେଶରେ ଖାଦ୍ୟଶସ୍ୟ(ଶସ୍ୟ ଓ ଡାଲି) ଉତ୍ପାଦନ ୩୫୩ ନିୟୁତ ଟନ୍‌ରୁ ଅଧିକ ହେଲେ ମଧ୍ୟ ବିଶ୍ୱ କ୍ଷୁଧା ଅନୁକ୍ରମଣିକାରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନ ସମସ୍ତଙ୍କୁ ବ୍ୟଥିତ କରିଛି। ବିଶ୍ୱର ତାଲିକାଭୁକ୍ତ ୧୨୭ ଦେଶ ମଧ୍ୟରେ ଭାରତର ସ୍ଥାନ ୧୦୫ ଓ କ୍ଷୁଧା ସୂଚକାଙ୍କ ମାତ୍ର ୨୭.୩, ଯାହାକି ସାଂଘାତିକ। ଦେଶରେ ପ୍ରାୟ ୨୦ କୋଟି ଲୋକ ଖାଲି ପେଟରେ ଶୋଇବାକୁ ଯାଆନ୍ତି। ୧୯୫ ନିୟୁତ ଲୋକ ଅପପୁଷ୍ଟି ପ୍ରପୀଡ଼ିତ, ଯାହାକି ବିଶ୍ୱର ଏକ-ଚତୁର୍ଥାଂଶ। ତେଣୁ ଏବେଠାରୁ ଯୁଦ୍ଧକାଳୀନ ଭିତ୍ତିରେ କୃଷି ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ।

ଆଗାମୀ ଦିନରେ ଭାରତର ଖାଦ୍ୟ ଦ୍ରବ୍ୟଗୁଡ଼ିକର ଆବଶ୍ୟକତା କେତେହେବ ତାକୁ ବୈଜ୍ଞାନିକ ଓ ନିତି ଆୟୋଗ ହିସାବ କରିଛନ୍ତି। ନାବାର୍ଡ ୨୦୨୩ ମସିହାରେ ଏକ ପୁସ୍ତକ ପ୍ରକାଶ କରିଥିଲା, ଯାହାର ଶୀର୍ଷକ ଥିଲା 'ପ୍ରସପେକ୍ଟସ୍ ଅଫ୍ ଇଣ୍ଡିଆସ୍ ଡିମାଣ୍ଡ ଆଣ୍ଡ ସପ୍ଲାଇସ୍ ଅଫ୍ ଏଗ୍ରିକଲ୍‌ଚର କୋମୋଡିଟିଜ୍ ଟୁଆର୍ଡସ୍ ୨୦୩୦'। ଦେଶରେ ଜନସଂଖ୍ୟା ବୃଦ୍ଧି ହାର ବାର୍ଷିକ ୦.୯ ଶତାଂଶ ହେବ ବୋଲି ଜାତିସଂଘ ଆକଳନ କରିଛି। ଏହି ସମୟ ମଧ୍ୟରେ ଭାରତର ମୁଣ୍ଡପିଛା ଆୟ ବାର୍ଷିକ ୪.୧, ୫.୧ ଓ ୬.୧ ଶତାଂଶ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇ ତଦନୁଯାୟୀ ଖାଦ୍ୟର ଆବଶ୍ୟକତା ହିସାବ କରାଯାଇଛି। ଅଧିକ ରୋଜଗାର ଯୋଗୁଁ ଲୋକମାନଙ୍କ ଚାହିଦା ନିଶ୍ଚିତ ଭାବରେ ଖାଦ୍ୟଶସ୍ୟ ସହିତ ଖାଇବା ତେଲ, ଫଳ, ପନିପରିବା, କ୍ଷୀର, ମାଛ, ମାଂସ ଓ ଅଣ୍ଡା ଆଡ଼କୁ ଯିବ। ଆମେ ଯଦି ବାର୍ଷିକ ମୁଣ୍ଡପିଛା ଆୟ ବୃଦ୍ଧିକୁ ୫.୧ ଶତାଂଶ ଧରିବା ତାହାହେଲେ ଆମ ଦେଶର ଲୋକଙ୍କ ପାଇଁ ୨୦୩୦-୩୧ ରେ ବାର୍ଷିକ ୧୨୩.୮ ନିୟୁତ ଟନ୍ ଚାଉଳ, ୧୧୧.୮ ନିୟୁତ ଟନ୍ ଗହମ, ମୋଟା ଶସ୍ୟ ୪୭.୧ ନିୟୁତ ଟନ୍, ଡାଲି ୩୪.୫ ନିୟୁତ ଟନ୍, ତୈଳବୀଜ ୪୧ ନିୟୁତ ଟନ୍, ଚିନି ୩୦.୯ ନିୟୁତ ଟନ୍, ଫଳ ୧୩୪.୬ ନିୟୁତ ଟନ୍, ପନିପରିବା ୨୩୫.୧ ନିୟୁତ ଟନ, କ୍ଷୀର ୨୬୪.୩ ନିୟୁତ ଟନ୍ ଓ ମାଛ ମାଂସ ୧୧.୭ ନିୟୁତ ଟନ୍ ଆବଶ୍ୟକ ପଡ଼ିବ।

ଏତିକି ଖାଦ୍ୟ ଦ୍ରବ୍ୟ ଆମକୁ ଉତ୍ପାଦନ କରିବାକୁ ହେବ କିମ୍ବା ନିଅଣ୍ଟ ଭରଣା କରିବା ପାଇଁ ବିଦେଶରୁ ଆମଦାନୀ କରିବାକୁ ହେବ। ବର୍ତ୍ତମାନ ଆମ ଦେଶର ଚାଉଳ ଓ ଗହମ ଉତ୍ପାଦନ ଯଥାକ୍ରମେ ୧୪୯ ଓ ୧୧୭ ନିୟୁତ ଟନ୍ ହୋଇଥିବାରୁ ଏହା ଆବଶ୍ୟକତା ଅପେକ୍ଷା ଅଧିକ ଅଛି। କିନ୍ତୁ ଆମେ ଡାଲି ଓ ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ପଛରେ ପଡ଼ିଛୁ। ଆମ ଦେଶରେ ଯେଉଁ ହାରରେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଉଛି ତାହାକୁ ବିଚାରକୁ ନେଲେ ୨୦୩୦-୩୧ ବେଳକୁ ଶସ୍ୟ ଉତ୍ପାଦନ ୩୪୨.୩ ନିୟୁତ ଟନ୍, ଡାଲି ୩୫ ନିୟୁତ ଟନ୍, ଫଳ ୧୪୫.୨ ନିୟୁତ ଟନ୍ ଓ ପନିପରିବା ୨୫୩.୫ ନିୟୁତ ଟନ୍ ହେବାର ଆଶା କରାଯାଏ। ସୁତରାଂ ଅଭାବ ପଡ଼ିବ ଡାଲି, ତୈଳବୀଜ, କ୍ଷୀର, ମାଛ ଓ ମାଂସ। କହିବାରେ ଦ୍ୱିଧା ନାହିଁ ଯେ ୧୯୬୬ ପରେ ଦେଶରେ ସବୁଜ ବିପ୍ଳବର ସଫଳ ରୂପାୟନ ଆମକୁ ଖାଦ୍ୟଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ କରିପାରିଛି। ୧୯୫୧ ମସିହାରେ ମୁଣ୍ଡପିଛା ଖାଦ୍ୟ ଶସ୍ୟ ବାର୍ଷିକ ମାତ୍ର ୧୪୪ କିଲୋଗ୍ରାମ ଥିବା ବେଳେ ୧୯୭୧ ରେ ଏହା ୧୭୧ କିଲୋଗ୍ରାମକୁ ବୃଦ୍ଧି ପାଇଥିଲା। ଏବେତ ଏହା ୨୦୭ କିଲୋଗ୍ରାମରେ ପହଞ୍ଚିଲାଣି। କିନ୍ତୁ ଡାଲି, ତୈଳବୀଜ, କ୍ଷୀର, ଅଣ୍ଡା ଓ ମାଛ ମାଂସ ସେହି ଅନୁପାତରେ ବୃଦ୍ଧି ପାଉ ନ ଥିବା କାରଣରୁ ଅପପୁଷ୍ଟିର ଚିତ୍ର ସାମ୍ନାକୁ ଆସୁଛି।

ଖାଲି ଉତ୍ପାଦନ ହୋଇଗଲେ ଯେ ଖାଦ୍ୟ ଓ ପୁଷ୍ଟି ନିରାପତ୍ତା ହାସଲ ହେବ ଏହା ଭାବିବା ଭୁଲ। କାରଣ ଏପରି ନିରାପତ୍ତା ପାଇଁ ଉପଲବ୍ଧତା, କ୍ରୟଶକ୍ତି, ଖାଦ୍ୟ ଗ୍ରହଣୀୟତା ଓ ସ୍ଥାୟିତ୍ୱ ଆବଶ୍ୟକ। ରୋଜଗାର ଅଭାବରୁ ଗରିବ ଲୋକେ ଉପଯୁକ୍ତ ଖାଦ୍ୟ ପ୍ରାପ୍ତିରୁ ବଞ୍ଚିତ ହୁଅନ୍ତି। ଆଉ କେତେକ ଶିକ୍ଷା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଅଭାବରୁ ଖାଦ୍ୟକୁ ଭଲ ଭାବେ ଗ୍ରହଣ କରି ନ ପାରି ଅପପୁଷ୍ଟିର ଶିକାର ହୁଅନ୍ତି। ସୁତରାଂ ଖାଦ୍ୟ ନିରାପତ୍ତା ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ଜଡ଼ିତ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଶର ଖାଦ୍ୟ ଉତ୍ପାଦନ ଅସ୍ଥିର ହେବା ସହିତ ଏହାର ପ୍ରତିକୂଳ ପ୍ରଭାବ ସମସ୍ତଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଛି। ତେଣୁ ଦୀର୍ଘମିଆଦୀ କୃଷି ଯୋଜନା ପ୍ରଣୟନ ହେବା ବେଳେ ଏ ବିଷୟକୁ ମଧ୍ୟ ବିଚାରକୁ ନିଆଯିବା ଜରୁରୀ।

ଖାଦ୍ୟ ନିରାପତ୍ତା ଦୃଷ୍ଟିରୁ ଦେଶର ୮୦ କୋଟି ଲୋକଙ୍କୁ ମାଗଣାରେ ରାସନ ଦିଆ ଯାଉଛି, ଯାହାର ମୁଖ୍ୟ ଆଧାର ଧାନ ଓ ଗହମ। ତେଣୁ ଧାନ ଓ ଗହମ ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରାଯାଇ ଉତ୍ପାଦ ସଂଗ୍ରହଣ କରାଯାଉଛି। ଅଣଧାନ ଫସଲ ପାଇଁ କିଛି ପ୍ରୋତ୍ସାହନ ବ୍ୟବସ୍ଥା ଓ ଅଧିକ ସହାୟକ ମୂଲ୍ୟ ସ୍ଥିର କରାଯାଇଥିଲେ ମଧ୍ୟ ସଂଗ୍ରହଣ ଅଭାବରୁ ଚାଷୀ ଏହି ଫସଲ ପାଇଁ ବିଶେଷ ଆଗ୍ରହୀ ନୁହନ୍ତି। ପନିପରିବା, ଫଳ, କ୍ଷୀର, ମାଛ, ମାଂସ ଓ ଅଣ୍ଡା ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରାଯାଇ ନାହିଁ। ୨୦୨୧-୨୨ ବର୍ଷରେ ଧାନ ଉତ୍ପାଦନର ୩୭ ଶତାଂଶ ଓ ଗହମ ଉତ୍ପାଦନର ୧୭ ଶତାଂଶ ସର୍ବନିମ୍ନ ସହାୟକ ମୂଲ୍ୟରେ ସଂଗ୍ରହ କରାଯାଇଥିଲା ଏବଂ ମାତ୍ର ୬ ଶତାଂଶ କୃଷକ ଏହି ଫାଇଦା ହାସଲ କରିଥିଲେ। ଏଥିରୁ ସନ୍ଦେଶ ମିଳୁଛି ଯେ ସର୍ବନିମ୍ନ ସହାୟକ ମୂଲ୍ୟ କେବଳ ବଡ଼ ଚାଷୀଙ୍କୁ ଉପକୃତ କରୁଛି ଏବଂ ପଞ୍ଜାବ, ହରିଆଣା ଓ ଉତ୍ତରପ୍ରଦେଶ ପରି ଅଧିକ ଉତ୍ପାଦନ କରୁଥିବା ରାଜ୍ୟ ବିଶେଷ ଲାଭବାନ୍ ହେଉଛନ୍ତି। ଏପରି ବ୍ୟବସ୍ଥା ଯୋଗୁଁ ଡାଲି, ତୈଳବୀଜ ଓ ଅନ୍ୟାନ୍ୟ ଅର୍ଥକରୀ ଫସଲ ପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅବଶ୍ୟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଫସଲ ବିବିଧିକରଣ ପାଇଁ କୃଷକମାନଙ୍କୁ କେତେକ ପ୍ରୋତ୍ସାହନ ଦେଉଛନ୍ତି। ଉଦାହରଣ ସ୍ୱରୂପ ଭାରତ ସରକାର ଖାଇବା ତେଲ ଓ ପାମ୍ ତେଲ ମିସନ୍ ବାବଦରେ ୧୧୦୪୦ କୋଟି ଟଙ୍କାର ବ୍ୟୟବରାଦ କରି ୨୦୩୦-୩୧ ସୁଦ୍ଧା ୨.୮ ନିୟୁତ ଟନ୍ ପାମ୍ ତେଲ ଉତ୍ପାଦନ ଲକ୍ଷ୍ୟ ରଖିଛନ୍ତି।

ଧାନ ଓ ଗହମ ଫସଲରେ ଅଧିକ ସାର ଓ ଜଳ ବ୍ୟବହାର ଯୋଗୁଁ ପରିବେଶ ଉପରେ କୁପ୍ରଭାବ ପଡୁଥିବାରୁ ଏ କ୍ଷେତ୍ରରେ ରିହାତି ପରିମାଣ ସୀମିତ କରିବା ଉଚିତ ମନେହୁଏ। ବରଂ ମୃତ୍ତିକା ସ୍ୱାସ୍ଥ୍ୟ ରକ୍ଷା, ସେଚନ ଜଳର ଉତ୍ପାଦକତା ବୃଦ୍ଧି, ଧାରଣକ୍ଷମ କୃଷି ବିକାଶ, ଗବେଷଣା ଓ ଉନ୍ନୟନ ଉପରେ ଅଧିକ ବ୍ୟୟ ବରାଦ ହେବା ଆବଶ୍ୟକ। ଯଥାସମ୍ଭବ ଜୈବିକ କୃଷି, ପ୍ରାକୃତିକ କୃଷି ଓ ସମନ୍ୱିତ କୃଷିକୁ ପ୍ରାଧାନ୍ୟ ଦେବାକୁ ହେବ। କୃଷି ଭିତ୍ତିଭୂମି ବିକାଶ (ଜଳ ସେଚନ, ଭଣ୍ଡାରଣ, ରାସ୍ତା, ବିଜୁଳି ଶକ୍ତି), ସଂରକ୍ଷଣ, ପ୍ରକ୍ରିୟାକରଣ ଓ ବିପଣନରେ ସରକାରୀ-ଘରୋଇ ସହଭାଗିତାରେ ଅଧିକ ପୁଞ୍ଜି ନିବେଶ ଜରୁରୀ। ବିଶେଷ କରି ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ଏହି ସହଭାଗିତା ଅତ୍ୟନ୍ତ ଜରୁରୀ।

ଉତ୍ପାଦନଠାରୁ ପରିବହନ ଓ ଯୋଗାଣ ସହିତ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିବା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ମୂଲ୍ୟ ସଂଯୋଗ ଓ ଦକ୍ଷତାର ଆବଶ୍ୟକତା ଉପଲବ୍ଧି କରି ଯୋଜନା ପ୍ରଣୟନ କରିବାକୁ ହେବ। ସ୍ୱଚ୍ଛଳ ବର୍ଗର କୃଷକ ଡ୍ରୋନ, ରୋବୋଟ୍, ସେନସର ଏଆଇ, ମେସିନ୍ ଲର୍ଣ୍ଣିଂ, ହାଇଡ୍ରୋପୋନିକ, ଜୈବ ପ୍ରଯୁକ୍ତି ବିଦ୍ୟା ସମ୍ବଳିତ ହାଇଟେକ୍ ଓ ପରିଶୁଦ୍ଧ କୃଷି ପଦ୍ଧତି ଗ୍ରହଣ କରିବା ଆବଶ୍ୟକ। କୃଷି ପରିବେଶ ଉନ୍ନତିକରଣ, କାର୍ବନ ଫାର୍ମିଙ୍ଗ, ସଂରକ୍ଷଣ କୃଷି, ଜୈବିକ କୃଷି, ପାରିବାରିକ କୃଷି ଓ ଧାରଣକ୍ଷମ କୃଷି ପଦ୍ଧତି ଅନୁସରଣ କଲେ ପରିବେଶ ସୁରକ୍ଷା ସହିତ ଆମର ଆବଶ୍ୟକତା ଅନୁସାରେ ଖାଦ୍ୟ ଉତ୍ପାଦନ ହୋଇପାରିବ। କୃଷି ସହିତ ପଶୁପାଳନ, ମହୁଚାଷ, ଟସର ଚାଷ, ମତ୍ସ୍ୟ ଚାଷ ଓ ଦ୍ୱିତୀୟକ କୃଷି (ପ୍ରକ୍ରିୟାକରଣ) ଉପରେ ଧ୍ୟାନ କେନ୍ଦ୍ରିତ ମଧ୍ୟ ହେବା ଆବଶ୍ୟକ। ସଘନ କୃଷି ବିକାଶ ପାଇଁ ପିପିପି ମୋଡ୍‌ରେ ଆବଶ୍ୟକ ଏକ ଦକ୍ଷ ସମ୍ପ୍ରସାରଣ ସେବା ଓ କୃଷକ ଉତ୍ପାଦକ ସଂଗଠନଗୁଡ଼ିକର ସହାୟତା। ଏହାହିଁ ହେବ ଭବିଷ୍ୟତ ପାଇଁ ଆମ ଦେଶର କୃଷି ଯୋଜନା। ଭାରତ କୃଷିରେ ଆତ୍ମନିର୍ଭର ହେବାର ଏହା ହିଁ ସର୍ବୋତ୍ତମ ପନ୍ଥା। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ବିଷାଦ ଓ ବିଷାଦମନସ୍କତା

ପ୍ରଫେସର ଫକୀର ମୋହନ ସାହୁ

ବିଷାଦ(ଡିପ୍ରେସନ୍) ଓ ବିଷାଦମନସ୍କତା ଏକାକଥା ନୁହେଁ। ଅବଶ୍ୟ ବିଷାଦ ବା ଡିପ୍ରେସନ୍ ଶବ୍ଦଟି ଆମ ଦୈନନ୍ଦିନ ଜୀବନର ଏକ ନିତ୍ୟବ୍ୟବହୃତ ପରିଭାଷାର ରୂପ ନେଇଛି। ଆମର ଶାରୀରିକ ଅସୁସ୍ଥତା ପରିପ୍ରେକ୍ଷୀରେ ଥଣ୍ଡା, କାଶ ପରି ମାନସିକ ସ୍ୱାସ୍ଥ୍ୟ ଇଲାକାରେ ବିଷାଦ ସେପରି ଏକ ନକାରାତ୍ମକ ଅନୁଭବ। ବିଷାଦର ଲକ୍ଷଣ ଓ ନିରାକରଣ ଜାଣିବା ପୂର୍ବରୁ ଏହାର ସଂଜ୍ଞା ସଂପର୍କରେ ପରିଚିତ ରହିବାକୁ ପଡ଼ିବ। ବିଷାଦର ବିଭାଗୀକରଣ ମଧ୍ୟ ବୁଝିବାକୁ ହେବ।

ପ୍ରଥମେ ମନେରଖିବାକୁ ହେବ ଯେ ବିଷାଦ ହେଉଛି ଏକ ମାନସିକ ବିକୃତି। ବିଶ୍ୱର ଯେଉଁ ମାର୍ଗଦର୍ଶକ ପୁସ୍ତିକା ଅନୁଯାୟୀ ବିଷାଦକୁ ମାନସିକ ବିକୃତିର ଆଖ୍ୟା ଦିଆଯାଇଛି, ସେହି ମାନଦଣ୍ଡ ଅନୁଯାୟୀ ବିଷାଦ ହେଉଛି ମିଜାଜର ବିପର୍ଯ୍ୟୟ। ପ୍ରଶ୍ନ ଉଠିପାରେ ମାନସିକ ବିପର୍ଯ୍ୟୟ କ'ଣ? ଅତି ସରଳ ଭାଷାରେ କୁହାଯିବ ଯେ ଗୋଟିଏ ପରିସ୍ଥିତି ବା ପରିବେଶ ଯେଉଁ ମାତ୍ରାର ପ୍ରତିକ୍ରିୟା ଦର୍ଶାଇବା ଆବଶ୍ୟକ କରୁଛି, ତାହାଠାରୁ ମାତ୍ରାଧିକ ପ୍ରତିକ୍ରିୟା ଦର୍ଶାଇବା ହେଉଛି ମାନସିକ ବିପର୍ଯ୍ୟୟ। ଧରାଯାଉ ଜଣେ ବ୍ୟକ୍ତି ରାସ୍ତାରେ ଯାଉଥିବା ସମୟରେ ଗୋଟିଏ ଲୋକ ଦୁର୍ଘଟଣାଗ୍ରସ୍ତ ହୋଇ କ୍ଷତବିକ୍ଷତ ହୋଇଥିବାର ଦେଖିଲେ। ଏ କ୍ଷେତ୍ରରେ ସେ ଦୁଃଖ ଅନୁଭବ କରିବା ଏବଂ କିଛି ପରିମାଣରେ ବିଷାଦଗ୍ରସ୍ତ ହେବା, ମାନବୋଚିତ ନୁହେଁ କି? ଏ କ୍ଷେତ୍ରରେ ତାଙ୍କର ଦୁଃଖାନୁଭୂତି ପୂରାପୂରି ସ୍ୱାଭାବିକ ବିଚାର କରାଯିବ। କିନ୍ତୁ ସେ ଯଦି ଘରକୁ ଆସି ନିଜର ଖାଦ୍ୟପାନୀୟ ତ୍ୟାଗ କରନ୍ତି, ସ୍ନାନାଦି କର୍ମ ତ୍ୟାଗ କରନ୍ତି ଏବଂ ନିଜର ଯତ୍ନ ନ ନିଅନ୍ତି ତେବେ ବ୍ୟବହାରଟି ଅସ୍ୱାଭାବୀ ଧରାଯିବ। ଏପରି ମାନସିକ ସ୍ଥିତି ବିକୃତିସମ୍ପନ୍ନ ବିଚାର କରାଯିବ।

ସ୍ଥୂଳତଃ ପରିସ୍ଥିତିକୁ ଚାହିଁ ପ୍ରତିକ୍ରିୟା ମାତ୍ରାଧିକ ରହିବା ବିକୃତିର ମୁଖ୍ୟ ଚିହ୍ନ। ବିଷାଦ ବା ଡିପ୍ରେସନ୍ ପରିପ୍ରେକ୍ଷୀରେ ଯେଉଁ ବିଭାଗୀକରଣ ପରିକଳ୍ପନା କରାଯାଇଛି, ତାହା ଦୁଇଟି ଉପାଦାନ ଉପରେ ପର୍ଯ୍ୟବସିତ। ଗୋଟିଏ ଉପାଦାନ ହେଉଛି ବିଷାଦର ତୀବ୍ରତା। ଏହା ବେଶୀ କିମ୍ବା କମ୍ ହୋଇପାରେ। ମନୋବୈଜ୍ଞାନିକ ଭାଷାରେ ପ୍ରଥମଟିକୁ ବୃହତ୍ ବା ମେଜର୍ ଡିପ୍ରେସନ୍ କୁହାଯିବା ସ୍ଥଳେ ଅଳ୍ପମାତ୍ରାର ବିଷାଦକୁ ବିଷାଦମନସ୍କତା ବା ଡିସ୍‌ଥେମିଆ କୁହନ୍ତି। ଦ୍ୱିତୀୟ ଉପାଦାନଟି ହେଉଛି ବିଷାଦର ଦିଗ। ଦିଗ ବିଚାରରେ କେତେକ ବିଷାଦ ଏକପ୍ରାନ୍ତୀୟ ହେବା ସ୍ଥଳେ ଅନ୍ୟପ୍ରକାରର ବିଷାଦ ହେଉଛି ଦୁଇପ୍ରାନ୍ତୀୟ। ଏକପ୍ରାନ୍ତୀୟ ପରିଭାଷା ତାତ୍ପର୍ଯ୍ୟ ହେଉଛି ଯେ ଏପରି ବିଷାଦଗ୍ରସ୍ତ ବ୍ୟକ୍ତିମାନେ ହୁଏତ ଅତିଶୟ ଦୁଃଖର ମାନସିକତା ଦର୍ଶାନ୍ତି କିମ୍ବା ଉନ୍ମତ୍ତ ଅବସ୍ଥା (ଚିତ୍କାର କରିବା, ପାଟିକରିବା ମନୋଭାବ) ଦେଖାନ୍ତି; କିନ୍ତୁ ଦୁଇଟିଯାକ ଲକ୍ଷଣ ଦେଖାନ୍ତି ନାହିଁ। ଅନ୍ୟପକ୍ଷରେ ଦୁଇପ୍ରାନ୍ତୀୟ ବିଷାଦରେ ମାନସିକ ରୋଗୀ ବେଳେବେଳେ ଉନ୍ମତ୍ତଭାବ ଦର୍ଶାଇବା ସ୍ଥଳେ ଅନ୍ୟ ସମୟରେ ବିଷଣ୍ଣତା ଦର୍ଶାନ୍ତି। ମିଜାଜର ଦୋଳନ ଗୋଟିଏ ପଟରୁ ଅନ୍ୟପଟକୁ ଯାଉଥିବାରୁ ଏହାକୁ ଦୁଇପ୍ରାନ୍ତୀୟ ବିଷାଦ କୁହାଯାଏ। ଗୋଟିଏ ସଂକ୍ଷିପ୍ତ ଲେଖାର କଳେବର ମଧ୍ୟରେ ସବୁପ୍ରକାର ବିଷାଦର ଆଲୋଚନା ସମ୍ଭବପର ନୁହେଁ। ଏଠାରେ କେବଳ ବିଷାଦମନସ୍କତାର ଆଲୋଚନା କରାଯାଉଛି। ବାରାନ୍ତରେ ଅନ୍ୟଗୁଡ଼ିକ ଆଲୋଚିତ ହୋଇପାରେ।

ପୂର୍ବରୁ ସୂଚନା ଦିଆଯାଇଛି ଯେ ବିଷାଦମନସ୍କତାର ପୂରାପୂରି ବଡ଼ ଧରଣର ବିଷାଦ ବା ଡିପ୍ରେସନ୍ ନୁହେଁ। ଏଥିରେ ବିଷାଦର ଲକ୍ଷଣସବୁ ଥାଏ; ମାତ୍ର କମ୍ ମାତ୍ରାରେ ରହିଥାଏ। କିନ୍ତୁ ଏହା ଦୀର୍ଘକାଳୀନ। ଶିଶୁ ଓ କିଶୋର କିଶୋରୀ ପ୍ରାୟ ଏକବର୍ଷ ଏପରି ଲକ୍ଷଣ ଦର୍ଶାନ୍ତି। ଯୁବକଯୁବତୀ ଏବଂ ବର୍ଷୀୟାନ୍ ବ୍ୟକ୍ତି ଦୁଇବର୍ଷ କିମ୍ବା ତତୋଧିକ ସମୟ ଏପରି ଅସ୍ୱାଭାବୀ ବ୍ୟବହାର ଦର୍ଶାନ୍ତି। ମନ ସଦାସର୍ବଦା ଉଦାସିଆ ରହିବା, ମୁଖ୍ୟକାର୍ଯ୍ୟରେ ଆଗ୍ରହହୀନତା, ଅସ୍ଥିରତା, ଶୀଘ୍ର କ୍ଳାନ୍ତ ହୋଇପଡ଼ିବା, ନିଦ୍ରାହୀନତା କିମ୍ବା ବେଶୀ ନିଦ୍ରାଳୁତା ଏବଂ ଏକାଗ୍ରତାର ଅଭାବ ଓ ନିଷ୍ପତ୍ତି ଗ୍ରହଣର ଅସୁବିଧା ଏ ମାନସିକ ରୋଗ ଲକ୍ଷଣ। ପୁନଶ୍ଚ କୁହାଯିବ ଯେ ଏପରି ଲକ୍ଷଣସବୁର ତୀବ୍ରତା ଖୁବ୍ ବେଶୀ ନ ଥାଏ। ଅବଶ୍ୟ ମଝିରେ ମଝିରେ ବ୍ୟକ୍ତିର ଜୀବନ ସ୍ୱାଭାବିକ ହୋଇଉଠେ ଏବଂ ସେ ସ୍ୱାଭାବିକ ବ୍ୟବହାର ପ୍ରଦର୍ଶନ କରନ୍ତି। ବିଷାଦକବଳିତ ଜୀବନ ମଧ୍ୟରେ ମଝିରେ ମଝିରେ ସ୍ୱାଭାବିକ ଜୀବନଯାତ୍ରାର ଘଟଣାଟି ବିଷାଦମନସ୍କତାର ଏକ ବିଶେଷ ଲକ୍ଷଣ। ମଝିରେ ମଝିରେ ସ୍ୱାଭାବିକତା ସତ୍ତ୍ୱେ ବିଷାଦର ବାଦଲ ଦୀର୍ଘସ୍ଥାୟୀ ହେଉଥିବାରୁ ପାରିବାରିକ, ସାମାଜିକ ଓ ବୃତ୍ତିଗତ ଜୀବନରେ କିଛି କ୍ଷତିସାଧିତ ହୁଏ। ଏତଦ୍‌ବ୍ୟତୀତ ମଝିରେ ମଝିରେ ଆସୁଥିବା ସ୍ୱାଭାବିକତା ଅଳ୍ପସ୍ଥାୟୀ(ଅଳ୍ପ କିଛିଦିନରୁ ଆରମ୍ଭ କରି ସର୍ବାଧିକ ଦୁଇମାସ ପର୍ଯ୍ୟନ୍ତ) ହୋଇଥାଏ।

ବିଷାଦମନସ୍କତାର ତୀବ୍ରତା ଓ ପରିଣତି ଭୟାନକ ହୋଇ ନ ଥିବାରୁ ଏ ଦିଗରେ ଆତଙ୍କିତ ନ ହେବା ପାଇଁ ପରାମର୍ଶ ଦିଆଯାଇଛି। ନିଜର ପ୍ରିୟକାର୍ଯ୍ୟରେ ମନୋନିବେଶ କରିବା ଏବଂ କର୍ମବ୍ୟସ୍ତ ରହିବା ସ୍ୱାଭାବିକ ଜୀବନ ପାଇଁ ଖୁବ୍ ସହାୟକ। ଅବଶ୍ୟ ମାନସିକ ଚାପ ବିଷାଦ ମନସ୍କତାକୁ ବୃଦ୍ଧି କରୁଥିବାରୁ ଚାପ ଏଡ଼ାଇବା ପାଇଁ ମନୋରଞ୍ଜନ, ଶାରୀରିକ ବ୍ୟାୟମ, ଯୋଗ ଓ ଧ୍ୟାନର ସକାରାତ୍ମକ ଭୂମିକାକୁ ଗୁରୁତ୍ୱ ଦିଆଯାଇଛି। ●

ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

## ଲଙ୍କିନୀ ମନ୍ଦିର

ଓଜସ୍ୱିନୀ

ଦେବୀ ଲଙ୍କିନୀ ଥିଲେ ରାବଣଙ୍କ ସୁବର୍ଣ୍ଣ ଲଙ୍କାର ରକ୍ଷାକର୍ତ୍ତ୍ରୀ। ପୌରାଣିକ କାହାଣୀ ଅନୁଯାୟୀ ଦେବୀ ଲଙ୍କିନୀ ପୂର୍ବଜନ୍ମରେ ବ୍ରହ୍ମଲୋକର ମୁଖ୍ୟ ଦ୍ୱାରପାଳ ଥିଲେ। ଅସୀମ ବଳଶାଳୀ କାରଣରୁ ଗର୍ବ ଓ ଅହଂକାର ବଶତଃ ସେ ବ୍ରହ୍ମଲୋକର ଅନ୍ୟ ପାରିଷଦମାନଙ୍କୁ ହତାଦର କରିବାକୁ ଲାଗିଲେ। ସୃଷ୍ଟିକର୍ତ୍ତା ବ୍ରହ୍ମା ଏ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଅଭିଶାପ ଦେଇ କହିଲେ - 'ବ୍ରହ୍ମଲୋକରେ ରହି ରହି ମଧ୍ୟ ତୁମ ମନରେ ଅହଂକାର ଭଳି ଆସୁରିକ ପ୍ରବୃତ୍ତି ଜନ୍ମ ନେଇସାରିଛି। ତେଣୁ ତୁମେ ଅସୁର ରାଜ୍ୟର ରକ୍ଷାକର୍ତ୍ତ୍ରୀ ଭାବେ ରହିବ।' ଦେବୀ ଲଙ୍କିନୀ ନିଜର ଭୁଲ୍ ବୁଝିପାରି ପ୍ରାୟଶ୍ଚିତ କରିବାକୁ ଚାହିଁଲେ। ବ୍ରହ୍ମା କହିଲେ, 'ତ୍ରେତୟା ଯୁଗରେ ଜଣେ ବାନର ତୁମକୁ ପରାସ୍ତ କରିବ। ସେହିଦିନ ତୁମେ ପୁଣିଥରେ ବ୍ରହ୍ମଲୋକକୁ ଫେରିଆସିବ।' ବ୍ରହ୍ମବାକ୍ୟ ଅନୁସାରେ ସୁବର୍ଣ୍ଣ ଲଙ୍କାର ଦ୍ୱାରପାଳ ଭାବେ ଲଙ୍କିନୀ ରହିଲେ ଏବଂ ମାତାସୀତାଙ୍କୁ ଠାବ କରିବାକୁ ଯାଇଥିବା ହନୁମାନଙ୍କ ଦ୍ୱାରା ପରାସ୍ତ ହୋଇ ବ୍ରହ୍ମଲୋକକୁ ଗମନ କରିଥିଲେ। ତେଣୁ ପୁରାଣ କଥା ଅନୁସାରେ ଲଙ୍କିନୀଙ୍କୁ ବ୍ରହ୍ମଲୋକ ନିବାସୀ, ଦିବ୍ୟଗୁଣରେ ପରିପୂର୍ଣ୍ଣା ଦେବୀ ଭାବେ ଭାରତର କେତେକ ସ୍ଥାନରେ ପୂଜା କରାଯାଉଛି।

ଛତିଶଗଡ଼ ଗରିଆବନ୍ଧ ଜିଲ୍ଲାର ଦେବଭୋଗ ଅଞ୍ଚଳରେ ଥିବା ଗାନ୍ଧୀ ଚୌକ୍‌ରେ ରହିଛି ଲଙ୍କିନୀ ଦେବୀଙ୍କ ମନ୍ଦିର। ବର୍ଷକୁ ଥରେ, କେବଳ ବିଜୟାଦଶମୀ ଦିନ ଏହି ମନ୍ଦିର ଖୋଲାଯାଏ। ଅନ୍ୟ ଦିନମାନଙ୍କରେ ଶ୍ରଦ୍ଧାଳୁମାନେ ମା'ଙ୍କ ମନ୍ଦିର ବାହାରେ ଭୋଗ ଲଗାଇ ପୂଜାର୍ଚ୍ଚନା କରିଥା'ନ୍ତି। ବିଶେଷଭାବେ ମଙ୍ଗଳବାର ଦିନ ଏଠାରେ ଅଧିକ ଭିଡ଼ ହୋଇଥାଏ। ଭାରତରେ ଲଙ୍କିନୀଙ୍କୁ ଦୁର୍ଗା ଓ ମା'କାଳୀଙ୍କ ସ୍ୱରୂପରେ ପୂଜା କରାଯାଉଛି।

### ବିଚିତ୍ର ବିଶ୍ୱାସ

ଅନନ୍ୟ ପରମ୍ପରା ପାଇଁ ବିଖ୍ୟାତ ଛତିଶଗଡ଼ରେ ରାବଣ ପୋଡ଼ିକୁ 'ଶାହି ଦଶହରା' ଭାବେ ମାନ୍ୟତା ମିଳିଛି। ବିଜୟାଦଶମୀ ଦିନ ଦେବୀ ଲଙ୍କିନୀ ରାବଣଙ୍କ ବିଶାଳକାୟ କୁଶପୁତ୍ତଳିକାକୁ ପରିକ୍ରମା କରିବା ପରେ ରାବଣଙ୍କ ଦହନ ହୋଇଥାଏ। ପ୍ରାୟ ୨୦୦ ବର୍ଷ ପୁରୁଣା ଏହି ପରମ୍ପରାରେ ପ୍ରଥମେ ବିଜୟାଦଶମୀ ଦିନ ଆଖପାଖ ଗାଁରେ ବିରାଜିତ ଦେବଦେବୀଙ୍କୁ ରାବଣ ଦହନର ସୂଚନା ଦିଆଯାଏ। ତା'ପରେ ବିଗ୍ରହଙ୍କ ପ୍ରତୀକ ସ୍ୱରୂପ ଗାଁର ମୁଖିଆମାନେ ପତାକାକୁ ଆଣି ଦେବଭୋଗରେ ପହଞ୍ଚିଥା'ନ୍ତି। ମୁଖ୍ୟ ଦେବୀ ଭାବରେ ଲଙ୍କିନୀଙ୍କ ସ୍ୱରୂପ ପତାକା ସହିତ ଅନ୍ୟ ପତାକା ବହନ କରିଥିବା ମୁଖିଆମାନେ ରାବଣଙ୍କ ପୁତ୍ତଳିକାକୁ ପରିକ୍ରମା କରନ୍ତି। ଏହାପରେ ଜମିଦାରମାନଙ୍କର ଇଷ୍ଟଦେବ କଞ୍ଚନା ଧ୍ରୁବାଙ୍କ ପ୍ରତିନିଧି ଭାବେ ଜଣେ ବ୍ୟକ୍ତି ନିଜର ପତାକା ଦ୍ୱାରା ରାବଣଙ୍କ ଶରୀରରେ ଅଗ୍ନି ସଂଯୋଗ କରନ୍ତି। ଦେବୀ ଲଙ୍କିନୀଙ୍କ ଅନୁମତି ମିଳିବା ପରେ ହିଁ ରାବଣ ଦହନ କରାଯାଏ। 'ଦାଉ' ନାମକ ଜମିଦାରଙ୍କ ବଂଶଜ ପରିବାର ଏହି ଦାୟିତ୍ୱ ବହନ କରିଥା'ନ୍ତି।

ଜନଶ୍ରୁତି ଅନୁଯାୟୀ, ନାରାୟଣ ଅବସ୍ତି ନାମକ ଜଣେ ବ୍ୟକ୍ତି ତାଙ୍କର ପୁତ୍ର ଜୀବନଲାଲ୍‌ଙ୍କ ନାମରେ ଦେବଭୋଗର ମୁଖ୍ୟ ସ୍ଥାନ (ଗାନ୍ଧୀ ଚୌକ୍)ରେ ୨ ଏକର ଜାଗା କିଣିଥିଲେ। ଏହାର କିଛିଦିନ ଭିତରେ ପରିବାରର ସମସ୍ତ ସଦସ୍ୟ ରୋଗଗ୍ରସ୍ତ ହେବାକୁ ଲାଗିଲେ। ପ୍ରତି ଦଶହରା ଦିନ ଘରର ବଡ଼ବୋହୂର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଥିଲା। ଏକଦା ବଡ଼ବୋହୂକୁ ସ୍ୱପ୍ନ ଦେଖିଲେ ଯେ, ସେହି ଜମିରେ ପୂର୍ବରୁ ଜମିଦାରମାନଙ୍କର ଜମିଦାରୀ ଥିଲା। ତେଣୁ ସେହି ସ୍ଥାନରେ ଦେବୀ ଲଙ୍କିନୀଙ୍କ ମନ୍ଦିର ପ୍ରତିଷ୍ଠା ହେବା ଉଚିତ। ବଡ଼ବୋହୂଙ୍କ ପୁଅଙ୍କ ଉଦ୍ୟମରେ ଉକ୍ତ ସ୍ଥାନରେ ମନ୍ଦିର ନିର୍ମାଣ ପାଇଁ ମୂଳଦୁଆ ଖୋଳିବା ସମୟରେ ଦେଖାଗଲା ଯେ, ପୂର୍ବରୁ ସେଠାରେ ଗୋଟିଏ ମନ୍ଦିରର ନକ୍ସା ବା ଢାଞ୍ଚା ପ୍ରସ୍ତୁତ ହୋଇ ରହିଛି। ସେହି ଢାଞ୍ଚା ଅନୁସାରେ ମନ୍ଦିର ନିର୍ମାଣ କରାଯାଇ ମା' ଲଙ୍କେଶ୍ୱରୀଙ୍କୁ ସ୍ଥାପନା କରାଗଲା।

ଲୋକକଥା ଅନୁସାରେ ଦଣ୍ଡକାରଣ୍ୟ କ୍ଷେତ୍ର ବସ୍ତର ଅଞ୍ଚଳର ଗୋଟିଏ ବଡ଼ ଅଂଶରେ ଏବଂ ଏଠାରୁ ପ୍ରାୟ ୧୫୦ କିଲୋମିଟର ଦୂର ଦେବଭୋଗ ଅଞ୍ଚଳରେ ରାବଣ ସେନାର ଦୁଇ ପରାକ୍ରମୀ ଅସୁର ଖର ଓ ଦୂଷଣଙ୍କ ଆଧିପତ୍ୟ ଥିଲା। ତେଣୁ ଦେବଭୋଗ ଏବଂ କାନ୍ଦାଡୋଙ୍ଗ ନାମକ ଅଞ୍ଚଳରେ ମଧ୍ୟ ଏଭଳି ଅନନ୍ୟ ପରମ୍ପରା ସହିତ ଦଶହରା ପାଳିତ ହୋଇଥାଏ। ଦେବୀଙ୍କ ଅନ୍ୟ ଏକ ଆସ୍ଥାନ ବରହୀ ଗାଁରେ ମଧ୍ୟ ରହିଛି ବୋଲି ବିଶ୍ୱାସ କରାଯାଏ। ପୂର୍ବରୁ ବରହୀ ମନ୍ଦିରେ ବଳିପ୍ରଥା ଥିଲା। ତେଣୁ ଏହି ମନ୍ଦିରକୁ ଜନସାଧାରଣଙ୍କ ପ୍ରବେଶ ନିଷେଧ ଅଛି। ମନ୍ଦିରରେ କବାଟ ନାହିଁ। କେବଳ ଆୟତକାର ଭାବେ ଗୋଟିଏ ଛୋଟ ଦ୍ୱାର ଅଛି, ଯାହା ମଧ୍ୟ ଦେଇ ଜଣେ ପୂଜାରୀ ଯିବାଆସିବା କରିପାରିବେ। ଓଡ଼ିଶାର କଳାହାଣ୍ଡିସ୍ଥିତ ଜୁନାଗଡ଼ ଏବଂ ସୁବର୍ଣ୍ଣପୁରରେ ମଧ୍ୟ ଦେବୀ ଲଙ୍କିନୀ ପ୍ରତ୍ୟକ୍ଷ ଦେବୀ ଲଙ୍କେଶ୍ୱରୀ ଭାବେ ପୂଜା ପାଇ ଆସୁଥିବା ଜନଶ୍ରୁତି ରହିଛି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୁରୀ ବିମାନବନ୍ଦର ପାଇଁ ହେବ ପକ୍ଷୀଜନିତ ବିପଦର ଅନୁଧ୍ୟାନ

■ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି ସୁପାରିସ୍ ଆଧାରରେ ହେବ ଅନୁଧ୍ୟାନ
■ ଚୂଡ଼ାନ୍ତ ପରିବେଶ ମଞ୍ଜୁରୀ ପୂର୍ବରୁ ଅନୁଧ୍ୟାନ କରିବେ ସରକାର

ଭୁବନେଶ୍ୱର,୨୮।୮(ସମିସ): ପୁରୀରେ ପ୍ରସ୍ତାବିତ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ଖୁବ୍‌ଶୀଘ୍ର ପକ୍ଷୀ ଜନିତ ବିପଦ ଉପରେ ଅନୁଧ୍ୟାନ କରାଯିବ। ଏହି ପ୍ରକଳ୍ପ ଯୋଗୁଁ ଆବଶ୍ୟକ ଅନୁମୋଦନ ପାଇବା ପାଇଁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ନିକଟରେ ଏହି ରିପୋର୍ଟ ଦାଖଲ କରାଯିବ। ପୁରୀର ସିପସରୁବାଲିରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ବିକାଶ ପାଇଁ ମିଳିତ ପରିବେଶ ମଞ୍ଜୁରୀ ଏବଂ ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ପାଇଁ ଅତିରିକ୍ତ ସର୍ତ୍ତ ଭାବରେ ମନ୍ତ୍ରଣାଳୟର ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି ଏହି ଅଧ୍ୟୟନ ପାଇଁ କହିଥିଲା। ଏହାକୁ ଆଧାର କରି ରାଜ୍ୟ ସରକାର ପକ୍ଷୀ ଜନିତ ବିପଦ ଉପରେ ଅନୁଧ୍ୟାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିମାନବନ୍ଦର ପ୍ରକଳ୍ପର ପ୍ରସ୍ତାବକ ଭାବେ ରାଜ୍ୟ ବାଣିଜ୍ୟ ଏବଂ ପରିବହନ ବିଭାଗ ଏହି ଅଧ୍ୟୟନ କରିବ ଏବଂ ଏଥିପାଇଁ ଏ କ୍ଷେତ୍ରରେ ଏକ ପ୍ରତିଷ୍ଠିତ ପ୍ରତିଷ୍ଠାନକୁ ନିୟୋଜିତ କରିବ ବୋଲି ଜଣାପଡ଼ିଛି।

ବାଣିଜ୍ୟ ଏବଂ ପରିବହନ ବିଭାଗ ପୂର୍ବରୁ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟିକୁ ଜଣାଇଥିଲା ଯେ ଭାରତୀୟ ପ୍ରାଣୀ ସର୍ବେକ୍ଷଣ ସଂସ୍ଥା ପ୍ରସ୍ତାବିତ ପ୍ରକଳ୍ପ କ୍ଷେତ୍ର ଉପରେ ଏକ ବ୍ୟାପକ ଅଧ୍ୟୟନ କରିଛି। ପ୍ରକଳ୍ପ ଭିତରେ ଏବଂ ଏହାର ଆଖପାଖରେ ପ୍ରବାସୀ ପକ୍ଷୀ ଏବଂ ସେମାନଙ୍କ ବାସସ୍ଥାନକୁ ସୁରକ୍ଷା ଦେବା ପାଇଁ ପରିବେଶ ସୁରକ୍ଷା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଏଥିରେ ଦର୍ଶାଯାଇଛି। ମାତ୍ର ପକ୍ଷୀ ଜନିତ କେଉଁ ବିପଦ ରହୁଛି ତାହା ଉପରେ ଅଧ୍ୟୟନକୁ ଗୁରୁତ୍ୱ ଦିଆଯାଇଛି। ଏହି ଅଧ୍ୟୟନ ସହିତ ବାଣିଜ୍ୟ ଓ ପରିବହନ ବିଭାଗକୁ ଓଡ଼ିଶା ଉପକୂଳ ଅଞ୍ଚଳ ପରିଚାଳନା ପ୍ରାଧିକରଣ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ସର୍ତ୍ତାବଳୀ ପାଳନ କରିବାକୁ କୁହାଯାଇଛି। ଏହି ଆଧାରରେ ପ୍ରସ୍ତାବିତ ବିମାନବନ୍ଦର ଚାରିପାଖରେ କରାଯିବାକୁ ଥିବା ବୃକ୍ଷ ରୋପଣ ନିମନ୍ତେ ମାର୍ଗଦର୍ଶିକା ପାଇଁ ରାଜ୍ୟ ବନ ବିଭାଗ ସହିତ ବିଚାରବିମର୍ଶ କରିବାକୁ କୁହାଯାଇଛି।

ବର୍ତ୍ତମାନ ପୁରୀ ଶ୍ରୀଜଗନ୍ନାଥ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ପାଇଁ କେବଳ ଚୂଡ଼ାନ୍ତ ପରିବେଶ ମଞ୍ଜୁରୀକୁ ଅପେକ୍ଷା ରହିଛି। ଏହି ମଞ୍ଜୁରୀ ମିଳିବା ପରେ ବିମାନବନ୍ଦନ ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ପଥ ପରିଷ୍କାର ହେବ। ନିକଟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ବିମାନବନ୍ଦର ପ୍ରକଳ୍ପକୁ ନୀତିଗତ ଅନୁମୋଦନ ଦେଇଥିଲା। ଏହାପରେ ପୁରୀରେ ପ୍ରସ୍ତାବିତ ବିମାନବନ୍ଦ ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଏକ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି କ୍ଷେତ୍ର ପରିଦର୍ଶନ କରି କିଛି ନିର୍ଦ୍ଦିଷ୍ଟ ପ୍ରଶ୍ନ ଉଠାଇଥିଲା। ଏ ସମ୍ପର୍କରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମନ୍ତ୍ରଣାଳୟ ନିକଟରେ ଜବାବ ଦାଖଲ କରାଯାଇଥିଲା। ସୂଚନା ଥାଉ କି ଏହି କେନ୍ଦ୍ରୀୟ ଟିମ୍ ପରିବେଶ ମଞ୍ଜୁରୀ ସମ୍ପର୍କିତ କିଛି ପଦକ୍ଷେପ ନେବା ଲାଗି ସୁପାରିସ କରିଥିଲେ। ବିମାନବନ୍ଦର ନିର୍ମାଣ ହେଲେ ଶ୍ରୀମନ୍ଦିର ଉପରେ କିମ୍ବା ଚିଲିକା ହ୍ରଦ ତଥା ଅଲିଭ୍‌ରିଡ୍‌ଲେ କଇଁଚଙ୍କ ଅଣ୍ଡାଦାନ ଉପରେ କିଛି କୁପ୍ରଭାବ ପଡିବ କି ନାହିଁ, ବିଦେଶାଗତ ପକ୍ଷୀଙ୍କ ଯିବା ଆସିବା କ୍ଷେତ୍ରରେ ବିମାନ କ୍ଷେତ୍ର ରହୁଛି କି ଆଦି ଅନୁଧ୍ୟାନ କରି ରିପୋର୍ଟ ଦେବା ପାଇଁ କହିଥିଲେ। ଶ୍ରୀମନ୍ଦିର ଉପରେ ପ୍ରଭାବ ଆଶଙ୍କା କ୍ଷୀଣ ବୋଲି ବିଶେଷଜ୍ଞ ରିପୋର୍ଟ ଦେଇଥିଲେ ସୁଦ୍ଧା ଏଏସ୍‌ଆଇର ମତାମତ ନେବା ପାଇଁ ସୁପାରିସ କରାଯାଇଥିଲା। ଏ ସବୁର ଜବାବ ଗତ ଜୁନ ମାସରେ ପରିବହନ ବିଭାଗ ପକ୍ଷରୁ କେନ୍ଦ୍ର ପରିବେଶ ମନ୍ତ୍ରାଳୟକୁ ପ୍ରଦାନ କରାଯାଇ ଚୂଡାନ୍ତ ଅନୁମୋଦନ ପ୍ରଦାନ ପାଇଁ ନିବେଦନ କରାଯାଇଛି।

# ଏମ୍‌ସରେ ଅତ୍ୟାଧୁନିକ ନ୍ୟୁରୋମଡ୍ୟୁଲେସନ୍ ସେବା ଆରମ୍ଭ

ଭୁବନେଶ୍ୱର, ୨୮।୮ (ସମିସ): ମାନସିକ ସ୍ୱାସ୍ଥ୍ୟସେବାକୁ ଆଗକୁ ବଢାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଏମ୍‌ସ ମାନସିକ ରୋଗ ବିଭାଗ ପକ୍ଷରୁ ଏକ ଅତ୍ୟାଧୁନିକ ନ୍ୟୁରୋମଡ୍ୟୁଲେସନ୍ ସେବା କେନ୍ଦ୍ର ଆରମ୍ଭ ହୋଇଛି। ଅତ୍ୟାଧୁନିକ ନନ୍-ଇନ୍ଭେସିଭ ବ୍ରେନ୍ ଷ୍ଟିମୁଲେସନ୍ ଥେରାପୀ ଚିକିତ୍ସା ପ୍ରଦାନ କରି ଔଷଧ ପ୍ରତିରୋଧୀ ଓ ଚିକିତ୍ସା କରିବାକୁ କଷ୍ଟକର ମାନସିକ ରୋଗରେ ପୀ?ିତ ରୋଗୀଙ୍କ ପାଇଁ ଏକ ନୂତନ ଆଶା ସଂଚାର କରିବ। ନ୍ୟୁରୋମଡ୍ୟୁଲେସନ୍ ସେବାକୁ ଉଦଘାଟନ କରିବା ସହ ମାନସିକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏହି ବ୍ୟବସ୍ଥା ଏମ୍‌ସ ଭୁବନେଶ୍ୱରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ବୋଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ମତବ୍ୟକ୍ତ କରିଥିଲେ।

କାର୍ଯ୍ୟକାରୀ ହୋଇଥିବା ନୂତନ କେନ୍ଦ୍ରଟି ଉନ୍ନତ ନ୍ୟୁରୋମଡ୍ୟୁଲେସନ୍ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ, ଯେଉଁଥିରେ ରିପିଟିଟିଭ୍ ଟ୍ରାନ୍ସକ୍ରାନିଏଲ୍ ମ୍ୟାଗ୍ନେଟିକ୍ ଷ୍ଟିମୁଲେସନ୍(ଆର୍ଟିଏମଏସ) ୟୁନିଟ୍, ଅଲ୍ଟ୍ରା-ବ୍ରିଫ୍ ପଲ୍ସ ଇସିଟି ୟୁନିଟ୍ ଓ ଟ୍ରାନ୍ସକ୍ରାନିଏଲ୍ ଇଲେକ୍ଟ୍ରିକାଲ୍ ଷ୍ଟିମୁଲେସନ୍ (ଟିଇଏସ୍) ଅନ୍ତର୍ଭୁକ୍ତ। ଏହି ନନ୍-ଇନ୍ଭେସିଭ କୌଶଳଗୁଡ଼ିକ ନିର୍ଦ୍ଦିଷ୍ଟ ବ୍ରେନ୍ ସର୍କିଟରେ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରି କାର୍ଯ୍ୟ କରେ। ଏହି କେନ୍ଦ୍ର ବିଭିନ୍ନ ମାନସିକ ସ୍ୱାସ୍ଥ୍ୟ ବ୍ୟାଧି,



ମାଦକ କିମ୍ବା ନିଶା ଦ୍ରବ୍ୟ ସେବନଜନିତ ବ୍ୟାଧି ଏବଂ ନ୍ୟୁରୋସାଇକିଆଟ୍ରିକ୍ ଅବସ୍ଥା ପାଇଁ ବିଶେଷ ଚିକିତ୍ସା ପ୍ରଦାନ କରିବ। କେବଳ ମସ୍ତିଷ୍କର ପ୍ରଭାବିତ ଅଞ୍ଚଳଗୁଡ଼ିକ ଉପରେ ଧ୍ୟାନ ଦେଇ, ଏହି ଚିକିତ୍ସା ପ୍ରଣାଳୀ ପାରମ୍ପରିକ ଚିକିତ୍ସା ପଦ୍ଧତି ଅପେକ୍ଷା ଅଧିକ ସଠିକ୍ ଏବଂ ଗ୍ରହଣୀୟ ବିକଳ୍ପ ପ୍ରଦାନ କରେ। ଯାହା ଦ୍ରୁତ ଆରୋଗ୍ୟ ଓ ଉତ୍ତମ ଫଳାଫଳରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।

ପାରମ୍ପରିକ ଚିକିତ୍ସା ପଦ୍ଧତି ମାଧ୍ୟମରେ ବିଭିନ୍ନ ମାନସିକ ବ୍ୟାଧିରୁ ଆରାମ ପାଇବା ପାଇଁ ସଂଘର୍ଷ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହି ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ବେଶ୍ ପ୍ରଭାବଶାଳୀ ହେବ ବୋଲି ବିଭାଗୀୟ ମୁଖ୍ୟ ଡ. ବିଶ୍ୱ ରଞ୍ଜନ ମିଶ୍ର ଆଶାବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡିନ୍ ଡ. ପ୍ରଶାନ୍ତ ଆର. ମହାପାତ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ମାନସିକ ରୋଗ ବିଭାଗ ମୁଖ୍ୟ ଡ. ବିଶ୍ୱ ରଞ୍ଜନ ମିଶ୍ର, ଡ. ଏସ୍ କେ ପାଢୀ, ଡ. ଦେବଦତ୍ତା ମହାପାତ୍ର, ଡ. ଶ୍ରୀ ମିଶ୍ର, ଡ. ଅର୍ପିତ ପରମାର, ଡ. ଅମ୍ବିକା ସୁଂଦାସ, ଭେଷଜ ବିଭାଗର ଡ. ଶ୍ରୀକାନ୍ତ କୁମାର ବେହେରା, ବରିଷ୍ଠ ଅଧିକାରୀ ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ।

# ମଦ ନିଶାରେ ପିଟିପିଟି ବାପାକୁ ମାରିଦେଲା

**ପୁଅ ଗିରଫ**

କୁଚିଣ୍ଡା, ୨୮।୮ (ସମିସ): ପଶ୍ଚିମଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ସବୁଠି ଉତ୍ସବ ମୁଖର ଲାଗି ରହିଥିବା ବେଳେ କୁଚିଣ୍ଡା ଥାନା ଅନ୍ତର୍ଗତ ଚାରଭାଟି ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ଟଙ୍କା ଦେବାକୁ ମନା କରିବାରୁ ନିଶାସକ୍ତ ପୁଅ ପିଟି ପିଟି ବାପାକୁ ହତ୍ୟା କରିଛି। ପୁଲିସ ଏହି ଘଟଣାରେ ଅଭିଯୁକ୍ତ ପୁଅକୁ ଗିରଫ କରିଛି।

ପରିବାର ସଦସ୍ୟମାନେ ନୂଆଁଖାଇ ପାଳନ କରିବା ପାଇଁ ପ୍ରସ୍ତୁତି କରୁଥିବା ବେଳେ ଗ୍ରାମର ବିବର୍ଦ୍ଧନ ରକ୍ସା (୨୩) ମଦ ପିଇ ଘରକୁ ଆସି ବାପା କୃପାସିନ୍ଧୁ ରକ୍ସା (୭୦)ଙ୍କୁ ଟଙ୍କା ମାଗିଥିଲା। ଟଙ୍କା ଦେବାକୁ ମନା କରିବାରୁ ବାପ ଓ ପୁଅ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବିବର୍ଦ୍ଧନ ବାପାକୁ ଧକ୍କା ମାରି ତଳେ ପକାଇ ଦେବା ସହ ବେକ ପଛପଟେ ବାରମ୍ବାର ମୁଥ ଓ ବିଧା ମାରିଥିଲା। ଘଟଣାସ୍ଥଳରେ କୃପାସିନ୍ଧୁ ମୃତ୍ୟୁବରଣ କରିଥିଲେ। କୁଚିଣ୍ଡା ଥାନାଧିକାରୀ ବାମଦେବ ଶଙ୍ଖୁଆଳଙ୍କ ନେତୃତ୍ୱରେ ପୁଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହା ସହିତ ସମ୍ବଲପୁରରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିଥିଲେ। ବାପାଙ୍କୁ ହତ୍ୟା କରିବା ପରେ ଦୀର୍ଘ ସମୟ ଧରି ଶବ ପାଖରେ ବସି ରହିବା ପରେ ପୁଲିସ ଆସୁଥିବା ଜାଣି ବିବର୍ଦ୍ଧନ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପରେ ପୁଲିସ ତାକୁ ଗିରଫ କରିଥିଲା।

# ହୀରାକୁଦ ଡ୍ୟାମ୍‌ର ସବୁ ଗେଟ୍ ବନ୍ଦ

ସମ୍ବଲପୁର, ୨୮।୮ (ସମିସ):ହୀରାକୁଦ ନଦୀବନ୍ଧକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇବାରୁ ଆଜି ଅପରାହ୍ଣରେ ସମସ୍ତ ଗେଟ୍ ବନ୍ଦ କରିଦିଆଯାଇଛି। ଆଜି ଗୁରୁବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨.୬୫ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୬,୮୮୮ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୧୮୨ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ପ୍ରବାହିତ ହେଉନଥିବାବେଳେ ପାୱାର ଚେନାଲ ଦେଇ ୩୧,୯୨୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୦୩୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୩,୬୦୦ ଘନଫୁଟ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୩୨,୦୭୦ ଘନଫୁଟ୍, ଖଇରମାଳଠାରେ ୧,୨୪,୦୦୦ ଘନଫୁଟ୍, ବାରମୁଲଠାରେ ୧,୨୫,୨୫୦ ଘନଫୁଟ୍ ଏବଂ ମୁଣ୍ଡଲୀଠାରେ ୨,୧୩,୩୪୪ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ଗତ ୨୪ ଘଣ୍ଟାରେ ୮.୩୩ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୮.୦୮ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୦.୪୭ ଫୁଟ୍ ରହିଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪ ମହଲା କୋଠା...

୯ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ସେମାନଙ୍କ ଚିକିତ୍ସା ଚାଲିଛି। ଏବେ ଭଗ୍ନାବଶେଷ ତଥା ଆବର୍ଜନା ତଳେ କୌଣସି ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ଭସାଇ ବିରାର ମ୍ୟୁନିସପାଲ କର୍ପୋରେସନ (ଭିଭିଏମ୍‌ସି)ର ଦମକଳ ବିଭାଗ ଓ ଏନ୍‌ଡିଆରଏଫ୍‌ର ଦୁଇଟି ଟିମ୍ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଏହି ଘଟଣା ପାଇଁ ସ୍ଥାନୀୟ ଲୋକେ ବିଲ୍ଡର ଓ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରିଛନ୍ତି। ଭିଭିଏମ୍‌ସି ପୁଲିସ ସମ୍ପୃକ୍ତ ବିଲ୍ଡରଙ୍କୁ ଗିରଫ କରି ପଚରା ଉଚରା କରୁଛି। ଗତ ୩୬ ଘଣ୍ଟା ଧରି ଉଦ୍ଧାରକାର୍ଯ୍ୟ ଜାରି ରହିଥିବା ବେଳେ ଆଉ କେତେ ଘଣ୍ଟା ପରେ ଏହା ଶେଷ ହେବ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବୀସ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ସେ ଘୋଷଣା କରିଛନ୍ତି।

୨୦୧୨ରେ ଏହି ନିର୍ମିତ ଏହି କୋଠାରେ ୫୦ଟି ଫ୍ଲାଟ ରହିଥିଲା। କିନ୍ତୁ କୋଠାରେ ଯେଉଁ ଅଂଶ ଭୁଶୁଡିଛି ସେଥିରେ ୧୨ଟି ଫ୍ଲାଟ୍ ଥିଲା। କୋଠାର ଆଖାପାଖ ଅଞ୍ଚଳକୁ ଖାଲି କରିଦିଆଯାଇଛି ଓ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଏବେ ଦୁଇଜଣ ନିଖୋଜ ଅଛନ୍ତି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ପ୍ରକ୍ରିୟା ଜାରି ରହିଛି। ପ୍ରଭାବିତ ପରିବାରଗୁଡିକୁ ଏବେ ଚନ୍ଦନସର ସମାଜମନ୍ଦିରରେ ଅସ୍ଥାୟୀରୂପେ ଥଇଥାନ କରାଯାଇଛି। ଏହି ପରିବାରଗୁଡିକୁ ଖାଇବା, ପିଇବା, ଚିକିତ୍ସା ସହାୟତା ସହ ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା ପ୍ରଦାନ କରାଯାଉଛି।

## ୫.୮%କୁ ଖସିବ...

ଔଷଧ, କାଠ, ଶକ୍ତି କ୍ଷେତ୍ରରେ ବର୍ତ୍ତମାନ ପାଇଁ କୌଣସି ଶୁଳ୍କ ଲାଗୁ କରିନାହିଁ। ମାତ୍ର ଅନ୍ୟ କ୍ଷେତ୍ର ଏହାଦ୍ୱାରା ପ୍ରଭାବିତ ହେବ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ର ଏହାଦ୍ୱାରା କ୍ଷତିଗ୍ରସ୍ତ ହେବ।

ଅନ୍ୟପକ୍ଷରେ ଭାରତ ଏହି ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଜାରି ରଖିଥିବା କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବୈଦେଶିକ ବିଭାଗର ଏହି ଅଧିକାରୀଙ୍କ ସୂଚନା ଅନୁସାରେ ଟାରିଫ୍ ଆହ୍ୱାନ ସମ୍ପର୍କରେ ଉଭୟ ଦେଶ ସମାଧାନ ଖୋଜିବା ଆରମ୍ଭ କରିଛନ୍ତି। ଉଭୟ ପକ୍ଷରୁ ଯୋଗାଯୋଗ ପଥ ଖୋଲା ରହିଛି। ଏହାର ଏକ ନିଷ୍କର୍ଷ ବାହାର କରିବାକୁ ଉଦ୍ୟମ ଚାଲିଛି। ଏହା ଏକ ଦୀର୍ଘକାଳୀନ ସମ୍ପର୍କରେ ଏକ ଅସ୍ଥାୟୀ ପର୍ଯ୍ୟାୟ। ଆଲୋଚନାର ବିକଳ୍ପ ଖୋଲା ରଖିବା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ରପ୍ତାନି ସଂଗଠନ ଫେଡେରେସନ ସଭାପତି ଏସ.ସି. ରାଲହାନଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଆଜି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟି ପରିସ୍ଥିତି ଓ ଆହ୍ୱାନ ସମ୍ପର୍କରେ ଅବଗତ କରିଛନ୍ତି। ଅର୍ଥମନ୍ତ୍ରୀ ସେମାନଙ୍କ ସହ ସରକାର ଦୃଢ଼ ଭାବରେ ଠିଆ ହେବେ ବୋଲି ଆଶ୍ୱାସନା ଦେଇଛନ୍ତି। ଏହା ସହ ଏହି ଶୁଳ୍କ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ହେଉଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

## ଜେଡିୟୁ ପୁଣି...

ଏନେଇ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା ହୋଇନାହିଁ। ଖୁବଶୀଘ୍ର ଏନ୍‌ଡିଏ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ସ୍ପଷ୍ଟ କରିବ ବୋଲି ଆଶା କରାଯାଇଛି।

୨୦୨୦ ବିଧାନସଭା ନିର୍ବାଚନରେ ଜେଡ଼ିୟୁ ୧୧୫ଟି ଆସନରେ ନିର୍ବାଚନ ଲଢ଼ି ୪୩ଟି ସ୍ଥାନରେ ବିଜୟୀ ହୋଇଥିଲା। ମାତ୍ର ମେଣ୍ଟର ଅନ୍ୟତମ ଅଂଶୀଦାର ବିଜେପି ୧୧୦ଟି ଆସନରେ ନିର୍ବାଚନ ଲଢ଼ିଥିଲା ଓ ୭୪ଟି ଆସନରେ ବିଜୟୀ ହୋଇଥିଲା। ହାମ୍ ୭ଟିରେ ଲଢ଼ି ୪ଟି ଓ ଭିଆଇପି ୧୧ଟି ସ୍ଥାନରେ ଲଢ଼ି ୪ଟି ଆସନ ପାଇଥିଲା। ସେତେବେଳେ ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି ମେଣ୍ଟରେ ଅଂଶୀଦାର ନ ଥିଲା ଓ ୧୩୫ଟି ଆସନରେ ଏକାକୀ ନିର୍ବାଚନ ଲଢ଼ି ମାତ୍ର ଗୋଟିଏ ଆସନରେ ବିଜୟୀ ହୋଇଥିଲା।

## ଦିନରେ ପ୍ରବଚନ...

ଏହି 'ପ୍ରବଚକ' ଚୋରକୁ ଭରତପୁର ଥାନା ପୁଲିସ ଏବଂ ସ୍ପେଶାଲ ସ୍କ୍ୱାଡ୍ କଟକରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି କଟକ ଜିଲ୍ଲା ବୈଦେଶ୍ୱର ଖଜୁରୀପଡ଼ାର ମନୋଜ କୁମାର ସିଂ। ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ଆଜି ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମନୋଜ ଜଣେ ପେସାଦାର ଚୋର। ତା' ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୦ରୁ ଅଧିକ ମାମଲା ରହିଛି। ୨୦୧୧ରୁ ସେ ଚୋରି କରିଆସୁଛି। ଯେଉଁ ଘରଗୁଡ଼ିକରେ ତାଲା ପଡ଼ିଥାଏ, ସେ ସେଗୁଡ଼ିକୁ ଟାର୍ଗେଟ କରେ। ମନୋଜ କୁମାର ସିଂ ୟୁଟ୍ୟୁବ ଚ୍ୟାନେଲ ଖୋଲି ସେ କେମିତି ଚୋର ହେଲା, କେମିତି ତା' ମନ ବଦଳିଲା, କାହିଁକି ଜଣେ ଚୋର ହୁଏ, ଜଣେ ଜନ୍ମରୁ ଅପରାଧୀ ହୋଇ ନଥାଏ, କିଭଳି ଭାବେ ଜଣେ ନିଜକୁ ଅପରାଧ ଦୁନିଆଁରୁ ଦୂରେଇ ରଖିପାରିବ ଆଦି ବିଷୟରେ କହୁଥିଲା। ଏହା ଦେଖି ପୁଲିସ୍ ଭାବିଥିଲା ଯେ ଲୋକଟି ବୋଧହୁଏ ତା' ଅତୀତକୁ ଭୁଲି ଭଲ ମଣିଷ ହୋଇଯାଇଛି। କିନ୍ତୁ ଗତ ଅଗଷ୍ଟ ୧୪ ତାରିଖରେ ଭୁବନେଶ୍ୱରର ଭରତପୁର ଥାନା ଅଞ୍ଚଳରେ ହୋଇଥିବା ଏକ ଚୋରି ଘଟଣାର ତଦନ୍ତ ବେଳେ ସିସିଟିଭି ଫୁଟେଜରେ ମନୋଜ କୁମାର ସିଂକୁ ଦେଖି ପୁଲିସ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ଗତ ଅଗଷ୍ଟ ୧୪ ତାରିଖରେ ଭୁବନେଶ୍ୱରର ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରି ବାରୀରୁ ଗୋଟିଏ ଘରୁ ଚୋରି ହୋଇଥିଲା। ଘରେ ସ୍ୱାମୀ-ସ୍ତ୍ରୀ ନଥିବା ବେଳେ ୨୦୦ ଗ୍ରାମ ସୁନା ଗହଣା ଓ ୧ ଲକ୍ଷରୁ ଅଧିକ ଟଙ୍କା ଚୋରି ହୋଇଥିଲା। ଏନେଇ ଭରତପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୁଲିସ୍ ଏହି ଘଟଣାର ତଦନ୍ତ କରି ସିସିଟିଭି ଫୁଟେଜ ଆଧାରରେ ମନୋଜ କୁମାର ସିଂକୁ ଗିରଫ କରିଛି। ସେ ପୁଲିସ କହିଛି ଯେ ଯେତେ ପ୍ରବଚନ ଦେଲେ ବି ଯେତେବେଳେ ସେ କିଛି ଭଲ ଜିନିଷ ଦେଖେ, ତା'ର ଚୋରି କରିବାକୁ ଇଚ୍ଛା ହୁଏ। ସେ ଲୋଭ ସମ୍ବରଣ କରିପାରେନାହିଁ। ଗତ ଅଗଷ୍ଟ ୧୪ ତାରିଖରେ ଖଣ୍ଡଗିରି ବାରୀର ସେହି ଘରଟିରେ ତାଲା ପଡ଼ିଥିବା ସେ ଦେଖିଥିଲା। ତାଲା ଭାଙ୍ଗି ସେ ଚୋରି କରିଥିଲା ବୋଲି ପୁଲିସକୁ କହିଛି। ସେହି ଘରୁ ସେ ୧୦ ମିନିଟ୍ ଭିତରେ ଚୋରି କରି ଫେରାର ହୋଇଯାଇଥିଲା। ୮୨ ଗ୍ରାମ ସୁନାଗହଣା ନୟାଗଡ଼ର ଏକ ଗୋଲ୍ଡ ଲୋନ୍ ସଂସ୍ଥାରେ ବନ୍ଧା ପକାଇ ୪ ଲକ୍ଷ ୫୩ ହଜାର ଟଙ୍କା ଆଣିଥିଲା। ବାକି ସୁନାଗହଣା ଓ ଟଙ୍କା ସେ ନିଜ ପାଖରେ ରଖିଥିଲା। ସେସବୁକୁ ପୁଲିସ ଜବତ କରିଛି। ଏହା ସହିତ ଏକ ବାଇକ ଓ ଏକ ଲୁହା ରଡ୍ ମଧ୍ୟ ଜବତ କରିଛି ପୁଲିସ।

## ମାଁ ସମଲେଇଙ୍କୁ...

ଗମ୍ଭୀରା ତଥା ପାଶ୍ୱର୍ ଦେବାଦେବୀଙ୍କଠାରେ ବନା (ଝୋଟି) ଦେଇଥିଲେ। ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ରାୟଙ୍କ ସହ ପୂଜକ ଗଙ୍ଗାଧର ରାୟ, କୋଦଣ୍ଡରାମ ରାୟ, ସୁଧାଂଶୁ ରାୟ ଓ ପ୍ରଶାନ୍ତ ରାୟଙ୍କ ପରିବାର ସହିତ ବେହେରା ପରିବାରରୁ ନବାନ୍ନ ଭୋଗ ଆସିଥିଲା। ପୂଜକମାନେ ପ୍ରାୟ ୧୦ଟା ୨୫ ମିନିଟ ପର୍ଯ୍ୟନ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବାପରେ ଶୁଭ ଶଙ୍ଖ ନାଦ କରାଯାଇଥିଲା। ଏହା ଗୁପ୍ତ ପୂଜା ହୋଇଥିବାରୁ କାହାରିକୁ ଭିତରକୁ ଛଡ଼ା ଯାଇନଥାଏ। ବ୍ରହ୍ମପଣ୍ଡିତ ମହାସଭା ଦ୍ୱାରା ନିର୍ଦ୍ଧାରିତ ଲଗ୍ନ ୧୦ଟା ୩୩ ରୁ ୧୦ଟା ୫୫ ମିନିଟ ମଧ୍ୟରେ ନୂଆ ଚାଉଳ, କ୍ଷୀରି, ପିଠା, ସାରୁ ଶାଗ ଆଦି ଭୋଗ ଲାଗି ହୋଇଥିଲା। ଭୋଗ ଲାଗି ସମୟରେ ଢୋଲ, ଶଙ୍ଖ, ଘଣ୍ଟ ବାଦ୍ୟରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ମା'ଙ୍କ ଠାରେ ନୂଆଁ ଭୋଗ ଲାଗି ହେଲାପରେ ଗମ୍ଭୀରା ଭିତରୁ ପୂଜକମାନେ ବାହାରି ମନ୍ଦିର ପରିସରସ୍ଥ ୧୧୫ ପାଶ୍ୱର୍ ଦେବାଦେବୀଙ୍କୁ ନବାନ୍ନ ଲାଗି କରିଥିଲେ। ଶ୍ରୀ ଗଣେଶଙ୍କଠାରୁ ଆରମ୍ଭ କରି ଶେଷରେ ମାଉଲୀ ଦେବୀଙ୍କୁ ନବାନ୍ନ ଅର୍ପଣ କରାଯାଇଥିଲା। ଏହାପରେ ବଡ଼ବଜାର କେଉଟପଡ଼ାର ଘୁଡ଼ାଘାଟ ମନ୍ଦିର, ଧୋବାପଡ଼ାର ଘିକୁଣ୍ଡି ମନ୍ଦିର ଓ ସୁନାରିପଡ଼ାର ହନୁମାନ ମନ୍ଦିରକୁ କେଇଜଣ ପୂଜକ ଯାଇ ନବାନ୍ନ ଲାଗି କରିଥିଲେ। ଏହାପରେ ମଙ୍ଗଳ ଆଳତୀ କରାଯାଇଥିଲା। ମଧ୍ୟାହ୍ନ ୧୨ଟା ସମୟରେ ମା' ସମଲେଶ୍ୱରୀଙ୍କ ଅନ୍ନଭୋଗ ଲାଗି ହୋଇଥିଲା। ଏହାପରେ ପ୍ରାୟ ସାଢ଼େ ୧୨ଟାରୁ ଅପେକ୍ଷାରତ ଶହ ଶହ ଭକ୍ତ ଓ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥିଲେ।

ମା'ଙ୍କ ନୂଆ ଚାଉଳ ଭୋଗ ନେଇ ଲୋକେ ଘରେ ଘରେ ନୂଆଁ ଖାଇଥିଲେ। ନୂଆଁ ଖାଇବା ପରେ ନିଜଠୁ ବଡ଼ ମାନଙ୍କୁ ମୁଣ୍ଡିଆ ମାରି ଜୁହାର ଭେଟ୍ ହୋଇ ଆଶୀର୍ବାଦ ଗ୍ରହଣ କରିଥିଲେ। ବହୁ ସ୍ଥାନରେ ସାମୂହିକ ନୂଆଁଖାଇ ପାଳିତ ହୋଇଯାଇଛି। ଦିନତମାମ ସମ୍ବଲପୁର ତଥା ଆଖପାଖ ଅଞ୍ଚଳରୁ ଆସି ମା' ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟା ଆଳତୀ ପାଇଁ ୭ଟା ୪୫ରୁ ୮ଟା ୧୫ ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିଥିଲା। ଏହାପରେ ପୁଣି ୯ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ସନ୍ଧ୍ୟାରେ ସମଲେଶ୍ୱରୀ ଯୁବକ ସଂଘ, ତ୍ରିତ୍ରୋପ୍ଳା ଯୁବକ ସଂଘ ଓ ଲକ୍ଷ୍ମୀନାରାୟଣ ସାହିତ୍ୟ ସଂସଦ, ଓଡ଼ିଶା ସାଂସ୍କୃତିକ ସମାଜ ଆଦି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ "ନୂଆଁଖାଇ ଭେଟ୍‌ଘାଟ୍" କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

## ଗରାଖ ମୃତ...

ଗୁରୁତର ଆହତ ହୋଇଥିଲେ। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ଦୁଇଟି ବସ୍‌କୁ ଭଙ୍ଗାରୁଜା କରିବା ସହ ଦୋକାନ ବଜାର ବନ୍ଦ କରି ରାସ୍ତାରୋକ କରିଥିଲେ। ମୃତକ ଓ ଆହତଙ୍କୁ କ୍ଷତିପୂରଣ ନିମିଳିବା ପର୍ଯ୍ୟନ୍ତ ମୃତଦେହ ଛାଡ଼ିବେ ନାହିଁ ବୋଲି ଅଡ଼ି ବସିଥିଲେ। ଖବର ପାଇ ଦାରିଙ୍ଗବାଡ଼ି ତହସିଲଦାର ଫାଲ୍‌ଗୁନ କୁମାର, ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଓ ବ୍ଲକ ଅଧ୍ୟକ୍ଷ ଦିନ ପ୍ରାୟ ୧୨ଟାରେ ପହଞ୍ଚି କ୍ଷତିପୂରଣ ବାବଦ ୪ ଲକ୍ଷ ଟଙ୍କା, ବାସପୋଯୋଗୀ ଜମି ସହିତ ଗୃହ ଇତ୍ୟାଦି ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଘୋଷଣା କରିବା ପରେ ଉତ୍ତ୍ୟକ୍ତ ଲୋକେ ଶାନ୍ତ ପଡ଼ିଥିଲେ।

## ଉତ୍ପାଦନ ବଢୁଛି...

ହୋଇଥିବାବେଳେ କପାକୁ ଏକ ଲାଭଜନକ ଶସ୍ୟ ଭାବେ ଚାଷୀକୂଳ ବିବେଚନା କରୁଛି। କପା ଆମର ଅନ୍ୟତମ ମୁଖ୍ୟ ଅଣପାରମ୍ପରିକ ଅର୍ଥକରୀ ଫସଲ ଭାବେ ଗଣା ହେଉଛି। ରାଜ୍ୟର ସମଗ୍ର ଚାଷ ଜମିର ୨.୭୩ ପ୍ରତିଶତ ଏବଂ ରାଜ୍ୟର ଡିପ ଚାଷ ଜମିର ୫.୮ ପ୍ରତିଶତ କ୍ଷେତ୍ରରେ ଥିବା ପ୍ରାୟ ୨.୮୯ ଲକ୍ଷ ହେକ୍ଟରରେ କପା ଚାଷ ହେଉଛି। ସମଗ୍ର ଭାରତରେ ଉତ୍ପାଦିତ କପାର ପ୍ରାୟ ୨ ପ୍ରତିଶତରୁ ଅଧିକ ଆମ ରାଜ୍ୟରୁ ଉତ୍ପାଦନ ହେଉଛି।

ଜାତୀୟ କପା ନିଗମର ସୂଚନାନୁସାରେ, ଆମ ଦେଶରେ ୬୫ ପ୍ରତିଶତ କପା ଗୁଜରାଟ, ମହାରାଷ୍ଟ୍ର ଏବଂ ତେଲେଙ୍ଗାନାରେ ଉତ୍ପାଦନ ହେଉଛି। ବାର୍ଷିକ ଗୁଜରାଟ ୯୨ ଲକ୍ଷ ବେଲ୍, ମହାରାଷ୍ଟ୍ର ୮୦ ଲକ୍ଷ, ତେଲାଙ୍ଗାନା ୫୩ ଲକ୍ଷ, ରାଜସ୍ଥାନ ୨୭ ଲକ୍ଷ, କର୍ଣ୍ଣାଟକ ୨୧ ଲକ୍ଷ, ହରିଆଣା ୧୭ ଲକ୍ଷ, ଆନ୍ଧ୍ର ପ୍ରଦେଶ ୧୮ ଲକ୍ଷ, ମଧ୍ୟ ପ୍ରଦେଶ ୧୫ ଲକ୍ଷ, ପଞ୍ଜାବ ୯ ଲକ୍ଷ ଓ ଓଡ଼ିଶା ୭ ଲକ୍ଷ ବେଲ୍ ଉତ୍ପାଦନ ହେଉଛି। ହେକ୍ଟର ପିଛା ଉତ୍ପାଦନ ପରମାଣ ଗୁଜରାଟରେ ଅଧିକ ପ୍ରାୟ ୭୦୦ କିଲୋଗ୍ରାମ ହୋଇଥିବା ବେଳେ ଓଡ଼ିଶାରେ ତାହା ପ୍ରାୟ ୪୯୫ କିଲୋଗ୍ରାମରେ ସୀମିତ ରହିଛି। ଦେଶର ହାରାହାରି ଉତ୍ପାଦନ ହାର ପ୍ରାୟ ୫୦୦ କିଲୋଗ୍ରାମ୍ ରହିଥିଲେ ବି ଅନ୍ୟ ରାଜ୍ୟଗୁଡ଼ିକ ସେମାନଙ୍କ ଉତ୍ପାଦନ ବୃଦ୍ଧି ଉପରେ ବିଶେଷ ଦୃଷ୍ଟି ଦେଉଛନ୍ତି। ମାତ୍ର ଆମ ରାଜ୍ୟରେ ଏ ଦିଗରେ ପଦକ୍ଷେପ ନିଆଯାଉନି ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ବଲାଙ୍ଗୀର ଏବଂ କଳାହାଣ୍ଡି ମଣ୍ଡିକୁ ସମବାୟ ବିଭାଗ ପକ୍ଷରୁ ଜାତୀୟମଣ୍ଡିର ମାନ୍ୟତା ମିଳିଛି। କଳାହାଣ୍ଡିର ଚାଷୀ ମହେନ୍ଦ୍ର ବହିଦାର୍‌ଙ୍କ କହିବାନୁସାରେ, ୧୦ ବର୍ଷ ପୂର୍ବରୁ ଭବାନୀପାଟଣାରେ ପ୍ରତି ଗାଁରେ କପା ଚାଷ ହେଉଥିଲା। କ୍ରମଶଃ ଏହା କମିବାରେ ଲାଗିଛି। ଏହି ଚାଷ ପାଇଁ ପାଣିର ଆବଶ୍ୟକତା ରହୁଥିବାବେଳେ ଜଳସେଚନ ବ୍ୟବସ୍ଥା ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି। ଅନ୍ୟପକ୍ଷରେ ପ୍ରତିବର୍ଷ ଯେତିକି ଉତ୍ପାଦନ ହେଉଛି, ତା'ର ସଠିକ ଦାମ୍ ମିଳୁନି। ଗତବର୍ଷ ଅଧିକ ଚାହିଦା ଥିବାରୁ କେଜି ହିସାବରେ ୭୭ ଟଙ୍କା ମିଳିଥିଲା। କିନ୍ତୁ ଚଳିତ ବର୍ଷ ଏମ୍‌ଏସ୍‌ପି ଦର ଧାର୍ଯ୍ୟ ହେବାରୁ ତୁଳାର ମାନ ଅନୁସାରେ ଏହା ୭୦ଟଙ୍କାକୁ ଖସିଆସିଛି। କପା ଉତ୍ପାଦନରେ ବୃଦ୍ଧି ପାଇଲେ ବି ଆମର ସୁତାକଳ ନଥିବା ଦାମ୍ ନ ବଢ଼ିବାର ପ୍ରମୁଖ କାରଣ ବୋଲି କୁହାଯାଉଛି।

**AFFIDAVIT**
By virtue of an affidavit sworn before the Executive Magistrate, Sukinda. no 1497 dated 19/05/2025 declare that My name and D.O.B is wrongly printed in Aadhar card as Mili lenka (30.03.2001) in place of Lili lenka (28.04.1995). Hence forth I shall be known as Lili lenka and My correct D.O.B is 28.04.1995 for all purposes.
Sd/-Lili lenka

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, CF No- 37, dated 27-02-2025 I, **RUBI PARIDA**, W/o Chiranjeeb Parida permanent resident of Plot No: 248/A, Lane-3, Aerodrome Area, PO- Aerodrome Area, PS- Airport, Bhubaneswar, DIST- Khurda, State- Odisha, PIN- 751020, declare that I have changed my name from **RUBI MANDAL** (Old name) to **RUBI PARIDA** (New name), Henceforth, I shall be known as **RUBI PARIDA** for all purposes.
Sd-( RUBI PARIDA )

**AFFIDAVIT**
I, Vijoy Kedia, S/o-Janki Prasad Kedia, resident of At - Kali Tower, H B Road, Lalpur, PS -Lalpur Thana, Ranchi, Pin -834001, Dist-Ranchi, Jharkhand, declare by this affidavit No -480, dated- 30.06.2025, that now onwards I shall be known as **VIJAY KUMAR KEDIA** for all future purposes.

**AFFIDAVIT**
I, Amrita Mohanty, W/o- Amit Kumar Mohanty, resident of vill - Tunga, PO / PS - Aul, Dist - Kendrapara, Pin - 754219, Odisha, declare by this affidavit No -1363, dated- 14.08.2025, that now onwards I shall be known as **BARNAPRIYA BEHERA** for all future purposes.

**AFFIDAVIT**
An affidavit before the Executive Magistrate, Chillika, Dist- Khordha, Odisha that Swarnamayee Behera, W/o- Jitendra Behera and Suhagini Behera, D/o- Gunduchi Behera. That both the names are related to one and same person for all purposes.

**AFFIDAVIT**
By Virtue of an affidavit sworn before Mr. D. Gopal Reddy (ORS) Executive Magistrate, Khordha on Dt.- 26.08.2025, I Purna Chandra Sahoo, S/o- Late Kangali Sahoo, At/Po.- Dingar, Ps.- Begunia, Dist.- Khordha, as per my Aadhar No.-3795 4674 6525 with above noted address but in my LIC policy No.- 585558703 my name recorded as Bhajamana Sahoo. So, I declared Purna Chandra Sahoo and Bhajamana Sahoo is one and same person by virtue of an affidavit. Henceforth I shall be known as **Purna Chandra Sahoo** for all purposes.

**AFFIDAVIT**
By virtue of an affidavit sworn before the Executive Magistrate, Sukinda. no 1498 dated 19/05/2025 declare that My name and D.O.B is wrongly printed in Aadhar card as Lili lenka (12.09.1996) in place of Mili lenka (11.05.2001) .Hence forth I shall be known as Mili Lenka and My correct D.O.B is 11.05.2001 for all purposes.
Sd/-Mili Lenka

**AFFIDAVIT**
**By virtue of an affidavit before Executive Magistrate Balasore I Shaikh Azad Alli S/o Sk Maphijuddin, At- khaparapada P/s Sahadevkhunta Dist- Balasore pin-756001 Odisha declared by this affidavit No-8395 dt22/07/2025 now onwards I shall be known as Shaikh Azad Alli instead of Shaikh Ajad Alli.**

**AFFIDAVIT**
By virtue of an affidavit before Executive Magistrate, Khordha | Satyabhama Baliarsingh (63) yrs. W/o- Rankanath Baliarsingh At-Indipur, Po.-Siko, Ps.-Jankia, Dist.- Khordha, wrongly my name as **Satya Bhawa** in my husband's pension book, PPO No. 212199700071 vide Pension Book No. 1021958. Henceforth I shall be known as **Satyabhama Baliarsingh** for all purposes.

**WALK-IN-INTERVIEW**
Educated, well-mannered, & Smart Male/Female required for the role of Receptionist / Tele-Caller at an Automobile Detailing Workshop. Prior Experience / Knowledge of Detailing Work shall be given preference. Salary negotiable.
Interview timings: **Dt. 31.08.2025 (Sunday) between 10:00 AM to 01:00 PM.**
Candidates are advised to contact the day prior and carry their Resume before coming for Interview.
**Contact: Odisha Detailing Empire, Near Twin City Gate No.1, Trisulia-Baranga Road, Baranga, Cuttack.**
**Mobile No: +91 83288 51843**


**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**
**Tender Notice No. TPWODL/IA/O/SITC/2500001051**
TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :
**SITC for construction of 33KV double circuit Joda-Tensa Transmission lines and Underground cable system.**
Interested bidders are to submit Tender Participation Fee and Authorization Letter through email on or before **08th September 2025, 15:00Hrs.**, after which the link from e-Tender system shall be shared with them.
For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.
All future correspondence regarding the tender, bid submission, date extension etc. will take place with the participating bidders only through E-Tender system.
Sd/- **Head- Contracts & Procurement**

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. CAO-C-RSP-BBS-20-2025, ତା.08.08.2025ରିଖ
**କାର୍ଯ୍ୟର ନାମ :** "ମୁଖ୍ୟ ପ୍ରଶାସନିକ ଅଧିକାରୀ, ନିର୍ମାଣ, ସଡ଼କ ସୁରକ୍ଷା ପ୍ରକଳ୍ପ (RSP), ପୂର୍ବ ତଟ ରେଳପଥ, ଭୁବନେଶ୍ୱରଙ୍କ ପରିସୀମାରେ ROBs (ରୋଡ଼ ଓଭର ବ୍ରିଜ୍) / FOBs (ଫୁଟ୍ ଓଭର ବ୍ରିଜ୍)/ LHS (ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ)ର ବିଭିନ୍ନ ନିର୍ମାଣ ସ୍ଥଳ ଏବଂ ଅନ୍ୟାନ୍ୟ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟର ନିର୍ମାଣ" ନିମନ୍ତେ ପ୍ରୋଜେକ୍ଟ ସୁପରଭିଜନ ସର୍ଭିସେସ୍ (PSS) ପ୍ରଦାନ ପାଇଁ ପ୍ରସ୍ତାବ ନିମନ୍ତେ ଅନୁରୋଧ (RFP)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 52.89 କୋଟି, **EMD :** ₹ 27,94,700/-, କାର୍ଯ୍ୟ ଶେଷ ହେବା ଅବଧି: 48 (ଅଠଚାଳିଶି) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.09.2025ରିଖ 1530 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଇ-ଟେଣ୍ଡର ନଥିପତ୍ରରେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) / RSP / ଭୁବନେଶ୍ୱର
PR-87/CI/25-26

ଡିଜିଟାଲ୍ ଇଣ୍ଡିଆର ବିକଳ ଚିତ୍ର

# ୮ ଗାଁ ଲୋକ ନେଟ୍‌ୱର୍କ ସେବାରୁ ବଞ୍ଚିତ

ମୋହନା,୨୮।୮ (ସମିସ)





ବିଜେପି ସରକାରର ବିଭିନ୍ନ ପ୍ରତିଶ୍ରୁତି ମଧ୍ୟରୁ ଡିଜିଟାଲ ଇଣ୍ଡିଆ ଅନ୍ୟତମ। ଏହି ସେବା ମାଧ୍ୟମରେ ପଲ୍ଲୀରୁ ଦିଲ୍ଲୀ ଆଧୁନିକୀକରଣ ସହ ମୋବାଇଲ ନେଟୱାର୍କ ସେବା ମାଧ୍ୟମରେ ବିଭିନ୍ନ ସୁବିଧା ପାଇପାରିବେ। କିନ୍ତୁ ଗଜପତି ଜିଲ୍ଲାରେ ସରକାରଙ୍କ ଏହି ନାରା ବିଫଳ ହୋଇଛି। ଜିଲ୍ଲାର ଉପାନ୍ତ ମୋହନା ବ୍ଲକର ଦୁର୍ଗମ ଅଞ୍ଚଳରେ ଥିବା ଖାରୀଗୁଡା ପଞ୍ଚାୟତ ଅନ୍ତର୍ଗତ ଅରୁମପେଟା ଗାଁ ସହ ୮ ଗାଁ ଲୋକେ ନେଟୱାର୍କ ସେବାରୁ ବଞ୍ଚିତ। ସରକାର ଗୋଟିଏ ପଟେ ଡିଜିଟାଲ ସେବା ଯୋଗାଉଥିବା ବେଳେ ଆଜି ମଧ୍ୟ ଏମିତି ଗାଁ ନେଟୱାର୍କ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ଯାହା ଫଳରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଛାତ୍ରଛାତ୍ରୀଙ୍କ ଅନ୍‌ଲାଇନରେ ପାଠ ପଢ଼ା ହେଉ, ସରକାରୀ କାର୍ଯ୍ୟ ଅବା ଜରୁରୀକାଳୀନ ସେବା ସବୁଥିରେ ବଞ୍ଚିତ ହୋଇ ରହୁଛନ୍ତି ଏହି ଅଞ୍ଚଳର ଲୋକେ। ଗାଁ ଗାଁରେ ନେଟୱାର୍କ ସେବା ଜରୁରୀ ହୋଇ ପଡ଼ିଥିବା ବେଳେ ଲୋକଙ୍କ ପାଖରେ ମୋବାଇଲ ଅଛି କିନ୍ତୁ ନେଟୱାର୍କ ନଥିବା ଯୋଗୁଁ କୌଣସି କାର୍ଯ୍ୟରେ ଆସୁନାହିଁ ମୋବଇଲ। ଛାତ୍ରଛାତ୍ରୀ ଅନଲାଇନ ପାଠପଢା ନିମନ୍ତେ ନେଟୱାର୍କ ପାଇଁ ପାଖାପାଖି ୫ ରୁ ୬ କିଲୋ ମିଟର ଦୂରକୁ ଯିବାକୁ ପଡୁଛି। ଏମିତିକି ଗାଁରେ ଯଦି କେହି ସ୍ୱାସ୍ଥ୍ୟ ସମସ୍ୟାରେ ପଡନ୍ତି ତା ହେଲେ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ପାରୁନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସମସ୍ୟା ନେଇ ଖାରୀଗୁଡା ପଞ୍ଚାୟତର ଡେଙ୍ଗାପୁଟି, ଅରୁମପେଟା, ବୁରୀଗୁଡା, ଗୁବେଲ, ଗୁଣ୍ଡିପଦର, ୱାଲାପଙ୍କା, ଲେଖାରିଗାଁ, ଟିକେଲମା, ଗରଡ଼ା ଓ ବାଟୀପଙ୍କା ଗ୍ରାମବାସୀ ଅଭିଯୋଗ କରି ଆସୁଛନ୍ତି ତଥାପି କେହି ଶୁଣୁନଥିବା କହିଛନ୍ତି। ଏହାହେଉଛି ଡିଜିଟାଲ ଇଣ୍ଡିଆର ବାସ୍ତବ ଚିତ୍ର, ଆଗାମୀ ଦିନରେ ସମସ୍ୟାର ସମାଧାନ ନହେଲେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ନିଖୋଜ ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର

ମୋହନା,୨୮।୮ (ସମିସ): ଗଜପତି ଜିଲ୍ଲା ଆର.ଉଦୟଗିରି ପୁଲିସ ଜଣେ ନିଖୋଜ ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ସେ ହେଲେ ରାମଗିରି ଥାନା ପରିସଲ ଗାଁର ଉଦୟ ମାଳି (୭୦)। ବୃଦ୍ଧ ଜଣକ ଚଳିତ ମାସ ୭ ତାରିଖରୁ ନିଖୋଜ ଥିବା ପରିବାର ଲୋକେ ରାମଗିରି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିବାବେଳେ ତାଙ୍କର କୌଣସି ସନ୍ଧାନ ମିଳି ନଥିଲା। ଆଜି ଛେଳିଗଡ଼ ଜଳ ପ୍ରକଳ୍ପର ବାଙ୍କିଝର ନଦୀ ପଥରେ ସ୍ଥାନୀୟ ଲୋକେ ଏକ ମୃତଦେହ ପଡ଼ିଥିବା ଦେଖି ଆର.ଉଦୟଗିରି ଥାନାକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ମୃତଦେହକୁ ଚିହ୍ନଟ କରିଥିଲେ। ଏନେଇ ଆର୍.ଉଦୟଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ପୁଲିସ ଶବ ଜବତ କରି ଘଟଣାର ତଦନ୍ତ କରିବା ସହ ବ୍ରହ୍ମପୁର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ପଦ୍ମ ତୋଳିବାକୁ ଯାଇ ପୋଖରୀରେ ବୁଡ଼ି ଯୁବକ ମୃତ



ଗୋଷାଣି, ୨୮।୮ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ଜଙ୍ଗଲପାଡୁ ଗ୍ରାମର ଜଣେ ଯୁବକ ବୁଧବାର ଗଣେଶ ପୂଜା ପାଇଁ ପୋଖରୀରୁ ପଦ୍ମଫୁଲ ତୋଳିବାକୁ ଯାଇ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକ ହେଲେ କନ୍ଦର୍ପ ସାମଲ (୩୫)। ସେ ଅପରାହ୍ନ ୩ଟାରେ ଗ୍ରାମରେ ଚାଲିଥିବା ଗଣେଶ ପୂଜା ପାଇଁ ପଦ୍ମଫୁଲ ଆଣିବାକୁ ଜେନା ପୋଖରୀକୁ ଯାଇ ଫେରିନଥିଲେ। ଖୋଜାଖୋଜି ପରେ ବି ପତ୍ତା ମିଳିନଥିଲା। ଗାଈ ଚରାଳିମାନେ ସନ୍ଧ୍ୟାରେ ପୋଖରୀ ହୁଡ଼ାରେ ତାଙ୍କ ଚପଲ ଦେଖି ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ଖବର ପାଇ ଗୁରାଣ୍ଡି ଥାନା ଓ ପାରଳାଖେମୁଣ୍ଡି ସ୍ଥିତ ଅଗ୍ନିଶମବାହିନୀ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ପୋଖରୀରେ ବହୁ ଖୋଜାଖୋଜି କରିବା ପରେ ରାତ୍ର ସାଢେ ୧୦ଟାରେ ମୃତଦେହ ଉଦ୍ଧାର କରିଥିଲେ। ଶବ ବ୍ୟବଚ୍ଛେଦ ନିମନ୍ତେ ମହାପ୍ରୟାଣ ଗାଡ଼ିକୁ ଖବର ଦେଇଥିଲେ ମଧ୍ୟ ବିଳମ୍ବରେ ପହଞ୍ଚିବ ବୋଲି ସୂଚନା ପାଇବା ପରେ ଅଗ୍ନିଶମ ବାହିନୀ ଗାଡ଼ିରେ ଶବକୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଏନେଇ ଗୁରାଣ୍ଡି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବାର ଏଏସ୍‌ଆଇ ସୁଶାନ୍ତ ଦଳେଇ ସୂଚନା ଦେଇଛନ୍ତି।

## ବିଲକୁ ଖସିଲା ଲକ୍ଷ୍ମୀ ବସ୍

ଚକାପାଦ,୨୮।୮ (ସମିସ): କନ୍ଧମାଳ ଜିଲ୍ଲା ବପଲ ମେଣ୍ଡି-ସଲାଗୁଡ଼ା ନିକଟରେ ଆଜି ଅପରାହ୍ନରେ ଶଙ୍କରାଖୋଲ ପଟୁ ଲାଇନପଡ଼ାକୁ ଆସୁଥିବା ଲକ୍ଷ୍ମୀ ବସ୍ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇ ବିଲ ଭିତରକୁ ପଶିଯାଇଥିଲା। ବିଲରେ ପାଣି କାଦୁଅ ଥିବାରୁ ଗାଡ଼ି ବିଶେଷ କ୍ଷତିଗ୍ରସ୍ତ ହୋଇନଥିଲା। କେବଳ ସାମ୍ନା କାଚ ଭାଙ୍ଗି ଯାଇଛି। ଏଥିରେ ଜଣେ ମହିଳା ଆହତ ହୋଇଥିବାରୁ ତାଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଯାତ୍ରୀମାନେ ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି।

## ଆନ୍ଧ୍ରରେ ଓଡ଼ିଆ ଶ୍ରମିକ ମୃତ



ଗୁମ୍ମା,୨୮।୮ (ସମିସ): ରାଜ୍ୟରେ ଦାଦନ ଶ୍ରମିକଙ୍କ ଦୁଃଖ ଦୂର ହେଉନାହିଁ। ସରକାର ବଦଳିଥିବା ବେଳେ ଦାଦନ ଶ୍ରମିକଙ୍କ ଦୁଃଖ ଦୂର ହେବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ସୂଚନାଯୋଗ୍ୟ ଯେ, ଦାଦନ ଖଟିବାକୁ ଯାଇଥିବା ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ନାମନଗଡ଼ ପଞ୍ଚାୟତ ଅଙ୍ଗେଇଡ଼ା ଗ୍ରାମର ଦିଲକାଶ ଶବରଙ୍କ (୧୫)ଙ୍କ ଆନ୍ଧ୍ରପ୍ରଦେଶ ରାଜମହେନ୍ଦ୍ରୀରେ ମୃତ୍ୟୁ ଘଟିଛି। ଅର୍ଥ ଅଭାବରୁ ଦିଲକାଶ ୨ବର୍ଷ ପୂର୍ବେ ନାମନଗଡ଼ ସରକାରୀ ବିଦ୍ୟାଳୟରୁ ଅଷ୍ଟମ ଶ୍ରେଣୀରେ ପାଠପଢ଼ା ଛାଡ଼ି ରାଜମହେନ୍ଦ୍ରୀ ସ୍ଥିତ ଏକ କୋଠାଘର ନିର୍ମାଣରେ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ମଙ୍ଗଳବାର ଅଜଣା ଗାଡ଼ି ଧକ୍କାରେ ଦିଲକାଶଙ୍କ ସେଠାରେ ମୃତ୍ୟୁ ଘଟିଛି। ପୁଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିବା ସହ ତଦନ୍ତ କରୁଥିବା ବେଳେ ବୁଧବାର ରାତିରେ ଦିଲକାଶଙ୍କ ମୃତଦେହ ଗାଁରେ ପହଞ୍ଚିଥିଲା। ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପୁଅକୁ ହରେଇ ପରିବାର ଲୋକେ ଭାଙ୍ଗି ପଡିଥିବା ବେଳେ ଗ୍ରାମବାସୀ ଦିଲକାଶଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଅନୁରୋଧ କରିଛନ୍ତି।

## ୟୁରିଆ ସାର ଅଭାବ; ଚାଷୀ ହନ୍ତସନ୍ତ

ଟିକାବାଲି, ୨୮।୮ (ସମିସ)




କନ୍ଧମାଳ ଜିଲ୍ଲା ଟିକାବାଲି ସମେତ ଶଙ୍କରାଖୋଲ ଚକାପାଦ, ପାବୁରିଆ ଇତ୍ୟାଦି ବଜାରରେ ୟୁରିଆ ସାର ପ୍ରାୟ ଏକ ମାସ ହେବ ମିଳୁନାହିଁ। ସରକାରୀ ସ୍ତରରେ ବହୁମୁଖୀ ସମବାୟ ସମିତି ତରଫରୁ ଲ୍ୟାମ୍ପ୍‌ସକୁ ଚଳିତ ବର୍ଷ ଜୁନ୍ ମାସରେ ୨୦୫ କ୍ୱିଣ୍ଟାଲ ୟୁରିଆ ସାର ଆସିଥିଲା। ଧାନ ରୁଆ ସରିବା ପୂର୍ବରୁ ଅଗଷ୍ଟ ମାସ ପହିଲାରୁ ସାର ଶେଷ ହୋଇଯାଇଛି। ସେହିଭଳି ଗଡ଼ଗୁଡ଼ା ଲ୍ୟାମ୍ପସ୍‌କୁ ମଧ୍ୟ ପାଖାପାଖି ୨୦୦ କ୍ୱିଣ୍ଟାଲ ୟୁରିଆ ଆସିଥିଲା। ତାହା ମଧ୍ୟ ଅଗଷ୍ଟ ପହିଲାରୁ ସରିଯାଇଥିବା ସୂଚନା ମିଳିଛି। ଟିକାବାଲି ବଜାରରେ ମାତ୍ର ଗୋଟିଏ ସାର ଦୋକାନ ଥିବା ବେଳେ ସେଠାରେ ମଧ୍ୟ ସାର ନାହିଁ। ଫଳରେ ଚାଷୀ ନାହିଁ ନଥିବା ହଇରାଣ ହେଉଛନ୍ତି। ଏନେଇ ଟିକାବାଲି ଲ୍ୟାମ୍ପସ୍ ଅଧିକାରୀ ଶିଶିର କୁମାରଙ୍କୁ ପଚାରିବାରୁ ସାର ଗଚ୍ଛିତ କରି ରଖିବାକୁ ସ୍ଥାନ ବା ବଡ଼ ଗୋଦାମ ନଥିବାରୁ ପର୍ଯ୍ୟାପ୍ତ ପରିମାଣରେ ଅଣା ଯାଉନଥିବା କହିଛନ୍ତି। ଏହା ବ୍ୟତୀତ ଫୁଲବାଣୀ ଲ୍ୟାମ୍ପରେ ମଧ୍ୟ ୟୁରିଆ ନଥିବାରୁ ସାର ଆସିପାରୁନ ଥିବା କହିଛନ୍ତି। ଚଳିତ ବର୍ଷ ଟିକାବାଲି ଲ୍ୟାମ୍ପରେ ୨୯୦ଚାଷୀଙ୍କ ନାମ ପଞ୍ଜିକରଣ ହୋଇଥିବା ବେଳେ ଟିକାବାଲିର ଅନ୍ୟ ଏକ ଗଡଗୁଡା ଲ୍ୟାମ୍ପରେ ମଧ୍ୟ ପାଖାପାଖି ୩୦୦ ଚାଷୀ ପଞ୍ଜୀକରଣ ହୋଇଛନ୍ତି। ଏହା ବ୍ୟତୀତ ଭାଗ ଚାଷୀ ଓ ଅନ୍ୟ କ୍ଷୁଦ୍ର ଚାଷୀଙ୍କୁ ମିଶାଇ ୭ ହଜାରରୁ ଅଧିକ ଚାଷୀ ଧାନଚାଷ କରିଛନ୍ତି। ମାତ୍ର ଧାନ ଚାଷରେ ୟୁରିଆ ଅଭାବରୁ ବାଧା ଉପୁଜୁଥିବାରୁ ଚାଷୀ ଚିନ୍ତାରେ। ଠିକ୍ ସମୟରେ ଯଦି ସାର ନମିଳେ ତେବେ ଧାନ ଅମଳ ପ୍ରଭାବିତ ହେବ ବୋଲି କୁହାଯାଇଛି। କର୍ତ୍ତୃପକ୍ଷ ଅଳ୍ପଦିନ ମଧ୍ୟରେ ୟୁରିଆ ସାର ଯୋଗାଣ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

## ଗୁମ୍ମା ପଞ୍ଚାୟତ; ଜଳଛତ୍ର ନାଁରେ ବ୍ୟାପକ ଅର୍ଥ ହରିଲୁଟ୍

ଗୁମ୍ମା,୨୮।୮ (ସମିସ)


Name of the Block: GUMMA Name of the G.P.: Gumma
Name of the Work: Const. of 10 no's of Paniya Jala Kua Kendra During Summer Bill No.
Total Bills Amount: 165000/- Royalty: — EGB: — SD: — Labour Cess: — Deduction Amount: —
Net Amount to be paid: 165000/-
Details of Payment:

| Sl No | Name of the Vendor | Account Number | Name of the Bank | Branch Address | IFSC Code Number | Amount |
|---|---|---|---|---|---|---|
| 1 | Gumma Gram Panchayat (Departmental/PEO) | 36234469695 | SBI | Gumma | SBIN000[illegible] | 165000/- |

posted by SUNI, s o H&BPani, Ranalai

Seal & Signature of PEO Seal & Signature of Sarapancha

ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଗୁମ୍ମା ପଞ୍ଚାୟତରେ ଜଳଛତ୍ର ନାଁରେ ବ୍ୟାପକ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ଗୁମ୍ମା ପଞ୍ଚାୟତରେ ଜଳଛତ୍ର ପାଇଁ ଗୋଟିଏ ମାଟି ହାଣ୍ଡିରେ ପାନୀୟ ଜଳ ରଖିବାକୁ ୧୬ ହଜାର ୫ଶହ ଟଙ୍କା ବାବଦରେ ୧୦ ଜଳଛତ୍ର ଖୋଲାଯାଇ ୧ଲକ୍ଷ ୬୫ହଜାର ଟଙ୍କା ସରକାରୀ କଳରୁ ପଞ୍ଚାୟତ ନିର୍ବାହୀ ଅଧିକାରିଣୀ ଉର୍ବଶୀ ପାଣିଙ୍କ ଖାତା ନମ୍ବର ୩୬୨୩୪୪୬୯୬୯୫କୁ ପଠାଯାଇଥିବା ଉଲ୍ଲେଖ ରହିଛି। କିନ୍ତୁ ଗ୍ରୀଷ୍ମଋତୁରେ ଦିନ ସାରା ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରହି ପିଇବା ପାଣି ଯୋଗାଇଥିବା ଅସ୍ଥାୟୀ କର୍ମଚାରୀଙ୍କ ପାରିଶ୍ରମିକ ମଞ୍ଜୁର ଟଙ୍କା ହରିଲୁଟ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଖ୍ରୀଷ୍ଟିଆନ ସାହି, ପାଇକ ସାହି, ହାଟପଦା ଛକ, କୁତାମ ଓ କେସିପୁର ଆଦି ବିଭିନ୍ନ ସ୍ଥାନରେ ଜଳଛତ୍ର ବାବଦରେ ପଞ୍ଚାୟତ ନିର୍ବାହୀ ଅଧିକାରିଣୀ କର୍ମଚାରୀମାନଙ୍କୁ ମାତ୍ର ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। କିନ୍ତୁ ଗୁମ୍ମା ପଞ୍ଚାୟତ ଖାତାକୁ ଗୋଟିଏ ଜଳଛତ୍ର କର୍ମଚାରୀଙ୍କ ବାବଦରେ ୧୬ହଜାର ୫ଶହ ଟଙ୍କା ଆସିଥିବା ବେଳେ ବାକି ୬୫୦୦ ଟଙ୍କା କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଛନ୍ତି ଦେବୀ ଲିମ୍ମା, ପଦ୍ମା ପାଣି, ବିନନ୍ଦିନୀ ନାୟକ, ଦ୍ରୁପଦି ପାଇକ ଓ ଅନ୍ୟମାନେ। ଏନେଇ ପିଇଓ ଉର୍ବଶୀ ପାଣିଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ଦେଇ ନଥିଲେ। ପୂର୍ବରୁ ମଧ୍ୟ ଉକ୍ତ ପିଇଓଙ୍କ ନାମରେ ଅନେକ ଅଭିଯୋଗ ପରେ ମଧ୍ୟ ବ୍ଲକ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ସାଜିବାରୁ ଏଭଳି ଆତ୍ମସାତ ଅଭିଯୋଗ ଆସିଛି ବୋଲି ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଏନେଇ ତୁରନ୍ତ ଅଭିଯୋଗକାରୀ ଏବଂ ଅଞ୍ଚଳବାସୀ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

## ଫିରିଙ୍ଗିଆରେ ମା’ ପିତାବଳିଙ୍କ ଯନ୍ତାଳ ଯାତ୍ରା



ଫିରିଙ୍ଗିଆ,୨୮।୮ (ସମିସ): ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆର ଅଧିଷ୍ଠାତ୍ରୀ ଦେବୀ ମା’ ପିତାବଳୀଙ୍କ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଯନ୍ତାଳ ଯାତ୍ରା ବା ନୂଆଲାଗି ବାର୍ଷିକ ପର୍ବ ପାଳିତ ହୋଇଛି। ଗୁରୁବାର ସକାଳୁ ଯଥାବିଧି ପ୍ରକାରେ ମା’ ପିତାବଳୀ ମନ୍ଦିର ପୂଜା ଓ ପରିଚାଳନା କମିଟି ଏବଂ ଅଞ୍ଚଳର ଭକ୍ତ ପୂଜକ ସତ୍ୟନାରାୟଣ ଭୁକ୍ତା ଏବଂ ବାହୁକ ପଦ୍ମଚରଣ ପ୍ରଧାନଙ୍କୁ ବାଜାବାଦ୍ୟ ଢୋଲ ମହୁରୀ ସହ ମନ୍ଦିରକୁ ପଟୁଆରରେ ପାଛୋଟି ଆଣିଥିଲେ। ଦିନ ତମାମ ମନ୍ଦିରରେ ପୂଜା ଅନୁଷ୍ଠିତ ହୋଇଥିଲା। ଭୋଗ ଚମାଇବା ପରେ ସନ୍ଧ୍ୟାରେ ମା’ଙ୍କ ପାଖରେ ନବାହ୍ନ ଲାଗି କରାଯାଇଥିଲା। ଅଞ୍ଚଳରେ ପୂର୍ବରୁ ଚଳି ଆସିଥିବା ପ୍ରଥା ଅନୁସାରେ ମା’ଙ୍କ ପାଖରେ ଗୁରୁବାର ନବାହ୍ନ ଲାଗି ପରେ ଶୁକ୍ରବାର ପ୍ରତ୍ୟେକ ଗାଁରେ ଘରେ ଘରେ ନୂଆଖାଇ ପାଳନ କରାଯାଇଛି। ମନ୍ଦିର ପୂଜକ ସତ୍ୟନାରାୟଣ ଭୁକ୍ତା ଓ ବାହକ ଭାବରେ ପଦ୍ମ ଚରଣ ପ୍ରଧାନ ପୂଜା କାର୍ଯ୍ୟ କରିଥିଲେ। ମା’ ପିତାବଳୀ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଗୁରୁବନ କହଁର, ମୃତ୍ୟୁଞ୍ଜୟ ସାହୁ, ଚକ୍ରଧର ନାୟକ, ଉମା ବିନ୍ଧାଣି, ଅନ୍ଧୁ ମୁଖି, ଟୁକୁ ମୁଖୀ, ପ୍ରମୋଦ କହଁର, ପତି ପ୍ରଧାନ, କୁତକା କହଁର, ବିଶ୍ୱରଞ୍ଜନ କହଁର, କମିଟି ସଦସ୍ୟ ଏବଂ ଫିରିଙ୍ଗିଆ ଅଞ୍ଚଳବାସୀ ସହଯୋଗ କରିଥିଲେ। ସରୋଜ ଚର୍ଚ୍ଚି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତ ବର୍ଷ ମଧ୍ୟ ପୂର୍ବବର୍ଷ ଭଳି ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଶତାଧିକ ଭକ୍ତ ଯୋଗ ଦେଇଥିଲେ।

## ଗଜପତିର ଆଇ.ମନ୍ମଥରାଓଙ୍କୁ ପଞ୍ଚମ ବିମୁଗ୍ଧା ସମ୍ମାନ

ପାରଳାଖେମୁଣ୍ଡି,୨୮।୮ (ସମିସ): ଭୁବନେଶ୍ୱରର ଭଞ୍ଜମଣ୍ଡପରେ ପଦାମୃତ ନୃତ୍ୟ ଅନୁଷ୍ଠାନ ତରଫରୁ ଆୟୋଜିତ ପଞ୍ଚମ ବିମୁଗ୍ଧା କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାର ଦୂରଦର୍ଶନ ସାକ୍ସୋଫୋନ୍ କଳାକାର ଆଇ. ମନ୍ମଥରାଓ ସମ୍ମାନୀତ ହୋଇଛନ୍ତି। ତାଙ୍କୁ ଏହି ଅବସରରେ ମାନପତ୍ର, ଉପଢୌକନ ଓ ୫ ହଜାର ଟଙ୍କା



ପ୍ରଦାନ କରାଯାଇଛି। ଉକ୍ତ ଉତ୍ସବରେ ଅତିଥି ଭାବେ ସଂଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ଗୁରୁ ଧନେଶ୍ୱର ସ୍ୱାଇଁ, ପଣ୍ଡିତ ରଘୁନାଥ ପାତ୍ର, ନୃତ୍ୟବିତ୍ ଶୁଭଶ୍ରୀ ମୁଖାର୍ଜୀ, ଅନୁଷ୍ଠାନର ଉପଦେଷ୍ଟା ନୃସିଂହଚରଣ ପଟ୍ଟନାୟକ, ପଦାମୃତ ନୃତ୍ୟାୟନର ସମ୍ପାଦକ ସୀତାକାନ୍ତ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅନୁଷ୍ଠାନର ନୃତ୍ୟ ଗୁରୁ ତଥା ଦୂରଦର୍ଶନ ଶିଳ୍ପୀ ପ୍ରିତିପ୍ରିୟା ବେହେରା ଓ ବିନ୍ଦୁପ୍ରିୟା ବେହେରାଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ମନ୍ମଥଙ୍କ ଏ ସମ୍ମାନ ପାଇଁ ଗଜପତି ଜିଲ୍ଲା କଳାକାର ତଥା ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## କୁର୍ମିଙ୍ଗିଆ-ରିଟୁଡ଼ି ରାସ୍ତା ମରଣଯନ୍ତା

### ଜରୁରିକାଳୀନ ସେବା ପ୍ରଭାବିତ

ଜି.ଉଦୟଗିରି,୨୮।୮ (ସମିସ): ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତର କୁର୍ମିଙ୍ଗିଆ-ରେଟୁଡ଼ି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ବର୍ଷାରେ ଏହା ଅଧିକ ଦୟନୀୟ ହୋଇପଡିଛି।



ଏହି ରାସ୍ତା ଦେଇ ସାଇକଲ, ବାଇକ୍ ଯିବା ମଧ୍ୟ କଷ୍ଟକର ହେଉଥିବା ବେଳେ ତିନି ଚକିଆ, ଚାରିଚକିଆ ଯାନ ଯିବା ଅସମ୍ଭବ ହୋଇପଡିଛି। ଏପରିକି ଜରୁରୀ ସେବା ପାଇଁ ଆମ୍ବୁଲାନ୍ସ ଆସିବା କଷ୍ଟକର ହୋଇପଡିଛି। ଏହି ଅଞ୍ଚଳରେ ହାତୀ ଭୟ ରହିଥିବା ବେଳେ ରାସ୍ତା ଖରାପ ଯୋଗୁ ବନ ବିଭାଗ ପହଞ୍ଚିବାରେ ମଧ୍ୟ ସମସ୍ୟା ଦେଖାଦେଇଛି। ରାସ୍ତା ପାଇଁ ବିଶେଷ କରି ଛାତ୍ରଛାତ୍ରୀ ନିୟମିତ ଯିବା ଆସିବାରେ ନାହିଁ ନଥିବା ହଇରାଣ ହୋଇଛନ୍ତି। ଯାହାକୁ ନେଇ ଦିନକୁ ଦିନ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ପକ୍କା ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଆବାସ ଯୋଜନାରୁ ବଞ୍ଚିତ ବୃଦ୍ଧା ରତ୍ନୁ ଦିଗାଲ

ଫିରିଙ୍ଗିଆ,୨୮।୮ (ସମିସ)





- ଲଗାଣ ବର୍ଷାରେ ଭାଙ୍ଗିଲା କାନ୍ଥ; ଅଳ୍ପକେ ବର୍ତ୍ତିଗଲେ
- ଜରିପାଲ ଟଣା ଭଙ୍ଗାଦଦରା ଘରେ ବିତୁଛି ଜୀବନ

ଯୋଗ୍ୟ ଆବାସ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ବହୁ ଅଯୋଗ୍ୟ ଘର ହାତେଇଛନ୍ତି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତ ୨ନଂ. ନମ୍ବର ୱାର୍ଡ ଡାଙ୍ଗେଡ଼ିକିଆ ବରସାହିର ଜଣେ ଅସହାୟ ବିଧବା ମହିଳା ରତ୍ନୁ ଦିଗାଲଙ୍କୁ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ମିଳିପାରିନାହିଁ। ବର୍ତ୍ତମାନ ତାଙ୍କର ବୟସ ୮୦ ଟପିଥିବାବେଳେ କାଗଜପତ୍ର ଠିକ ନଥିବାରୁ ଭତ୍ତା ଏକ ହଜାର ଟଙ୍କା ମିଳୁଛି। ସ୍ୱାମୀ ମାର୍କଣ୍ଡ ଦିଗାଲଙ୍କ ୩୦ ବର୍ଷ ପୂର୍ବେ ଦେହାନ୍ତ ହେବା ପରେ ୨ ପୁଅକୁ ନେଇ ରହୁଥିଲେ। କିନ୍ତୁ ସାନ ପୁଅ ମା’କୁ ଛାଡି ଚାଲିଯାଇ ଭୁବନେଶ୍ୱରରେ ରହି ଶ୍ରମିକ ଭାବେ କାମ କରୁଛନ୍ତି। ବଡ଼ ପୁଅଙ୍କ ଆଖିକୁ ଦେଖାଯାଉନାହିଁ। ସେ ମଧ୍ୟ ମେଡିକାଲରେ ଅସହାୟ ଅବସ୍ଥାରେ ଚିକିତ୍ସାଧୀନ। ବର୍ତ୍ତମାନ ଭଙ୍ଗା ଦଦରା ଘରେ ବଡ଼ ପୁଅର ପୁଅ ନାତିକୁ ଧରି ବଡ଼ କଷ୍ଟରେ ଘରେ ରହୁଥିଲେ। କିନ୍ତୁ ଗତ କିଛି ଦିନ ହେବ ଲଗାଣ ବର୍ଷାରେ ରାତିରେ ଘର ଭିତରେ ସେ ଶୋଇଥିବା ବେଳେ ଘରର ଗୋଟିଏ ପଟ କାନ୍ଥ ଭୁଶୁଡି ପଡିଛି। ଜୀବନ ବଞ୍ଚି ଯାଇଥିଲେ ମଧ୍ୟ ବର୍ତ୍ତମାନ ଭଙ୍ଗା ଘରେ ରହୁଥିବା ବେଳେ ସରକାରଙ୍କ ତରଫରୁ ପାଲ ଖଣ୍ଡିଏ ମଧ୍ୟ ତାଙ୍କୁ ମିଳି ପାରିନାହିଁ। ବାରମ୍ବାର ଘର ଖଣ୍ଡେ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟରେ ଅଧିକାରୀଙ୍କୁ ଭେଟି ଲିଖିତ ଭାବରେ ଘର ପାଇଁ ଆବେଦନ କରିଥିଲେ ମଧ୍ୟ କୌଣସି ସଫଳ ହୋଇନଥିବା ରତ୍ନୁ ଦିଗାଲ କହିଛନ୍ତି। ତୁରନ୍ତ ଅସହାୟ ପରିବାରକୁ ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇଦେବାକୁ ଅସହାୟ ରତ୍ନୁ ସହ ଡାଙ୍ଗେଡ଼ିକିଆ ଓ ବରସାହି ଅଞ୍ଚଳବାସୀ ଦାବି କରିଛନ୍ତି।

# ଶିକ୍ଷକଙ୍କୁ ଓଡ଼ିଶା ଆଇକନ ଆୱାର୍ଡ




ରମ୍ଭା,୨୮ ।୮ (ସମିସ): ମଙ୍ଗଳବାର ଦିନ ସେଣ୍ଟର ଫର ଏଜୁକେସନାଲ ଡେଭଲପମେଣ୍ଟ ଫାଉଣ୍ଡେସନ ଏବଂ ନୀତି ଆୟୋଗର ମିଳିତ ସହଯୋଗରେ ୨୬ ଅଗଷ୍ଟ ୨୦୨୫ରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଏହାର ୧୭ତମ ଶିକ୍ଷା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଶିକ୍ଷା କ୍ଷେତ୍ରରେ ବିଶିଷ୍ଟ ଅବଦାନ ରଖୁଥିବା ଶିକ୍ଷକମାନେ ଏଠି ଯୋଗ ଦେଇଥିଲେ। ଏନସିଇଆରଟିର ପୂର୍ବତନ ନିର୍ଦ୍ଦେଶକ, ଡକ୍ଟର ହୃଷୀକେଶ ସେନାପତି ଓ ଡକ୍ଟର ଶଙ୍କର ଗୋଏଙ୍କା, ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଏକାମ୍ର ବିଧାୟକ ବାବୁ ସିଂହ, ମୁଖ୍ୟ ଅତିଥି ଓ ସ୍ମୃତି ପଟ୍ଟନାୟକ, ବିଜେପି ନେତ୍ରୀ, କଟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜାତୀୟ ଶିକ୍ଷା ନୀତି-୨୦୨୦ର ସଫଳ ପ୍ରୟୋଗରେ ଶିକ୍ଷକଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସିବିଏସଇ ସହୋଦୟ ସ୍କୁଲ କମ୍ପ୍ଲେକ୍ସ, ପୂର୍ବ ଓଡ଼ିଶା ଅଧ୍ୟକ୍ଷ ଏବଂ କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ ଡକ୍ଟର ପ୍ରିୟଦର୍ଶୀ ନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, ଯୁବ କବି ଓ ସୁବକ୍ତା ଭାବରେ ଏହି ଅଞ୍ଚଳରେ ପରିଚିତ।

# ଜିଆର୍‌ଏସ୍ ପରୀକ୍ଷା ହୋଇ ବର୍ଷେ ବିତିଲା; ଫଳ ବାହାରୁ ନଥିବାରୁ ଅସନ୍ତୋଷ

ପାରଳାଖେମୁଣ୍ଡି,୨୮।୮ (ସମିସ): ଗଜପତି ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ.୨୨୬୦ ତା-୨୮।୮।୨୪ରେ ଗ୍ରାମ ରୋଜଗାର ସେବକ (ଜି.ଆର୍.ଏସ୍.) ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସମୁଦାୟ ୯୯ଟି ପଦ ପାଇଁ ଆବେଦନର ତାରିଖ ୨୯।୮ରୁ ୩୦।୯।୨୪ ବୋଲି ବିଜ୍ଞାପନରେ ଦର୍ଶାଯାଇଥିଲା। ଯାହାକୁ ନେଇ ଜିଲ୍ଲାର ହଜାର ହଜାର ସଂଖ୍ୟାରେ ବେକାର ଯୁବକ ଯୁବତୀ ବହୁ ଆଶା ନେଇ ଆବେଦନ କରିଥିଲେ। କିନ୍ତୁ ପଦ୍ମ ଘୁଞ୍ଚି ଘୁଞ୍ଚି ଗଲାଭଳି ବିଜ୍ଞପ୍ତିର ବର୍ଷକ ପରେ ମଧ୍ୟ ଫଳ ପ୍ରକାଶ ପାଇନଥିବାରୁ ଆବେଦନକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ୯୯ ଟି ପଦ(ପୁରୁଷ ୬୬ ଓ ୩୩ ମହିଳା)ଙ୍କ ପାଇଁ ପଦବୀ ରହିଥିବା ବେଳେ ଅଣସଂରକ୍ଷିତ ବର୍ଗର ପୁରୁଷ ୪୩, ମହିଳା ୨୧, ଏସ୍‌ସିବିସି ପାଇଁ ଗୋଟିଏ ପୁରୁଷ ଗୋଟିଏ ମହିଳା, ଏସି ପାଇଁ ୯ଟି ପୁରୁଷ ୪ଟି ମହିଳା, ଏସଟି ବର୍ଗଙ୍କ ପାଇଁ ୧୩ ଟି ପୁରଷ ଓ ୭ଟି ମହିଳା ସଂରକ୍ଷିତ ଥିଲା। ଏହି ସଂରକ୍ଷଣ ବ୍ୟବସ୍ଥା ମଧ୍ୟରେ କ୍ରୀଡ଼ାବିତ୍‌ଙ୍କ ପାଇଁ ଗୋଟିଏ, ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ୩ ଟି, ଦିବ୍ୟାଙ୍ଗ ପାଇଁ ୪ଗୋଟି ପଦବୀ ପ୍ରାଥମିକତା ଭିତ୍ତିରେ ରହିଥିଲା। କିନ୍ତୁ ବର୍ଷେ ବିତିଯାଇଥିବାରୁ ଅନେକ ଆଶା, ଆକାଂକ୍ଷା ମଧ୍ୟରେ ରହିଯାଇଛି ଆବେଦନକାରୀଙ୍କ ଭାଗ୍ୟର ଡୋରୀ। କାରଣ ବେକାରୀ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଉଥିବା ବେଳେ ନିଯୁକ୍ତିର ବ୍ୟାପକ ଅଭାବ ଗଜପତି ଜିଲ୍ଲାରେ ଶିକ୍ଷିତ ଯୁବକ ଯୁବତୀଙ୍କ ଉପରେ ଚାପ ସୃଷ୍ଟି କରୁଥିବା ବେଳେ ସରକାରୀ ପଦବୀ ଖାଲି ଯୋଗୁଁ ହୀତାଧିକାରୀ ଜନହିତକର ଯୋଜନା ଗୁଡିକ ଶୀଘ୍ର ଓ ପ୍ରକୃତ ହୀତାଧିକାରୀ ପାଇପାରୁନାହାନ୍ତି। ଯେଉଁ ସରକାରୀ କର୍ମଚାରୀ ମଧ୍ୟ କାମ କରୁଛନ୍ତି କର୍ମଚାରୀଙ୍କ ଅଭାବରୁ ସେମାନେ ଚାପରେ ରହୁଛନ୍ତି। ତେବେ କୌଣସି ଏକ ନିଯୁକ୍ତି ବିଜ୍ଞପ୍ତି ସରକାରଙ୍କ ତରଫରୁ ପ୍ରକାଶ ପାଇବା ପରେ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ଦାୟିତ୍ୱ ପ୍ରଶାସନର। କେଉଁଠି ନା କେଉଁଠି ସେ ପ୍ରଶାସନିକ ଅବହେଳା ହେଉ କି ଦୁର୍ବଳଦକ୍ଷତା ଯୋଗୁ ତୁରନ୍ତ ଏହି ବିଜ୍ଞପ୍ତି ଗୁଡିକୁ କାର୍ଯ୍ୟକାରୀ କରାଯାଇପାରୁନାହିଁ। ଯାହାଫଳରେ ଦାଦନ ଶ୍ରମିକ ପାଇଁ ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଗଜପତି ଜିଲ୍ଲା ମନରେଗାରେ ନିଯୁକ୍ତି ପାଇବାକୁ ଥିବା ଗ୍ରାମ ରୋଜଗାର ସେବକ ପଦବୀ ବିଜ୍ଞପ୍ତି ପରେ ଏକ ବର୍ଷ ପୂରଣ ହୋଇଛି କିନ୍ତୁ ନିଯୁକ୍ତି ପତ୍ର ଆବେଦନକାରୀଙ୍କୁ ଚୟନ କରାଯାଇ ପ୍ରଦାନ କରାଯାଇନାହିଁ। ସମୟସୀମା ମଧ୍ୟରେ ନିଯୁକ୍ତି ପ୍ରଦାନ କରାଯାଉ ନଥିବାରୁ ବହୁ ଯୁବକ ଯୁବତୀ ଦାଦନ ଖଟିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଉଛନ୍ତି ବୋଲି ଆଲୋଚନା ହେଉଛି।

# ମଣ୍ଡପରେ ପୂଜା ପାଉଛନ୍ତି ଅଗ୍ରପୂଜ୍ୟ; ଜମୁଛି ଭିଡ଼






ପୋଲସରା,୨୮ ।୮ (ସମିସ): ପୋଲସରା ସହର ସମେତ ବିଭିନ୍ନ ଅଞ୍ଚଳରେ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ପାଳିତ ହୋଇଛି। ପୋଲସରା ଓ ଏହାର ଆଖପାଖ ଅଂଚଳରେ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ବିଭିନ୍ନ ବେଶରେ ଗଜାନନ ପୂଜା ପାଉଛନ୍ତି। ପୋଲସରା ସହରର ରାଣୀପଡ଼ା ବଡ ସାହିରେ ମା'ମଙ୍ଗଳା ଯୁବକ ସଙ୍ଘ ତରଫରୁ ନିର୍ମିତ ୧୫ ଫୁଟ ଉଚ୍ଚତା ବିଶିଷ୍ଟ ଗଣେଶଙ୍କ ମୂର୍ତ୍ତି ଦେଖିବାକୁ ଲୋକଙ୍କ ଭିଡ ଜମୁଛି। ସେହିପରି କଳମ୍ବ ସାହିରେ ମଧ୍ୟ ଇଣ୍ଡିଆ ଗେଟର ଅବିକଳ ନିର୍ମିତ ତୋରଣ ତାସହ ପୁରୁଣା ଥାନା ଛକ, ମିଲ୍ଲ ସାହି, ତୋଟା ସାହି, ଖଣ୍ଡିଆ ସାହି ରାଣୀପଡ଼ା ଦଣ୍ଡା ସାହି, ମେଡିକାଲ ଛକ, ବ୍ଲକ ଛକ ଓ ଆଖପାଖ ପଞ୍ଚାୟତରେ ମଧ୍ୟ ଲୋକଙ୍କ ଭିଡ ଦେଖିବାକୁ ମିଳୁଛି। ବିଶେଷ କରି ମନଶୀଳା ଓ ଉସ୍ତାପଡ଼ା ଗ୍ରାମରେ ବିଭିନ୍ନ ବେଶରେ ଗଣେଶଙ୍କ ମୂର୍ତ୍ତି ଦେଖିବାକୁ ସନ୍ଧ୍ୟାରେ ଲୋକଙ୍କ ଭିଡ ଜମୁଛି। ସେହିପରି ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନରେ ପାରମ୍ପରିକ ରୀତିନୀତି ଅନୁସାରେ କୁନିକୁନି ଶିଶୁ ନିଜର ପ୍ରଥମ ଶିକ୍ଷା ଗ୍ରହଣ ପାଇଁ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା।

**ଜଗନ୍ନାଥପ୍ରସାଦ:** ଜଗନ୍ନାଥପ୍ରସାଦ ସହରର ମୁଖ୍ୟ ବଜାର ବ୍ୟବସାୟୀ ସଙ୍ଘ, କଇଥସାହି, ବଡଦାଣ୍ଡ, କୁମ୍ଭାର ସାହି, ବ୍ଲକ ଛକ, ସ୍ଥାନୀୟ କଲେଜ, ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଛି। ସନ୍ଧ୍ୟାରେ ସ୍ଥାନୀୟ ସହରାଞ୍ଚଳ ଓ ବିଭନ୍ନ ସାହିର ପୂଜା ମଣ୍ଡପ ମାନଙ୍କରେ ଭଞ୍ଜନଗର ଉପଖଣ୍ଡ ଅଧିକାରୀ ଡ଼ଃ ଦୀପକ କୁମାର ମିଶ୍ର, ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ବୁଲି ଦେଖିବା ସହ ବିସର୍ଜନ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ କହିଥିଲେ। ଚଳିତ ବର୍ଷ କଇଥ ସାହି ସିଦ୍ଧି ବିନାୟକ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି କରା ଯାଇଥିବା ପୂଜା ମଣ୍ଡପଟି ରୋମାଞ୍ଚକର ରହିଛି। ଏହି ପୂଜାରେ ସାମ୍ବାଦିକ ଚନ୍ଦ୍ରକେତୁ ରାଉତ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିବା ବେଳେ କମିଟି ପକ୍ଷରୁ ଧବଳେଶ୍ୱର ବେହେରା, କେଳା ପ୍ରଧାନ, ବସନ୍ତ ପ୍ରଧାନ, ସୂର୍ଯ୍ୟମଣି ପ୍ରଧାନ, ସଞ୍ଜୟ ପ୍ରଧାନ, ତପନ କୁମାର ପ୍ରଧାନ, ନାରାୟଣ ପ୍ରଧାନ, ଆଶିଷ ପଟ୍ଟନାୟକ, ସୁନୀଲ କୁମାର ପ୍ରଧାନ, ରାଜା ପ୍ରଧାନ, ଜଗନ୍ନାଥ ଗୌଡ଼, ରବୀନ୍ଦ୍ର ପ୍ରଧାନ, କାହ୍ନୁ ଦଳେଇ, ଜିତେନ୍ଦ୍ର ମହାନ୍ତି, ରାଜାରାମ ପ୍ରଧାନ, ସାଗର ଡାକୁଆ, ସନ୍ତୋଷ ଗୁରୁ ଏବଂ ସମସ୍ତ ସଭ୍ୟ ସହଯୋଗ କରିଥିଲେ।

**କୁକୁଡ଼ାଖଣ୍ଡି:** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ଗାଁର ବିଭିନ୍ନ ସାହିରେ ଗଣେଷ ପୂଜା ଅନୁଷ୍ଠିତ ହୋଇଛି। ଗାଁର ଗୌଡ଼ ସାହି ଠାରୁ ଆରମ୍ଭ କରି ମଙ୍ଗଳବାର ସାହି, କଟକନଗର ସାହି, କୁମ୍ଭାର ସାହି, ପାଡ଼ୀ ସାହି, ବଡ଼ଦାଣ୍ଡ ସାହି, ନେଳିଆ ବନ୍ଧ ସାହି ଏବଂ ଦାସ ସାହିରେ ଗଣେଷଙ୍କ ମୃଣ୍ମୟ ପ୍ରତିମା ପୂଜା ପାଉଛନ୍ତି। ଗୌଡ଼ ସାହି ପୂଜା କମିଟି ପକ୍ଷରୁ ଦୀର୍ଘ ୧୦ବର୍ଷ ହେଲା ଏହି ପୂଜା ଅନୁଷ୍ଠିତ ହେଉଛି। ଅଜିତ କୁମାର ଗୌଡ଼ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜାରେ ସୁନୀଲ ଗୌଡ଼, ମନୋଜ ବିଶ୍ୱାଳ, ଶିବରାମ ବିଶ୍ୱାଳ, ମହେନ୍ଦ୍ର ଗୌଡ଼, ଜୟସେନ ଗୌଡ଼, ସନ୍ତୋଷ ଗୌଡ଼, ୱାର୍ଡ ସଭ୍ୟ ଜିଷ୍ଣୁ ଗୌଡ଼, ପପୁନୁ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ।

## ଗଛ ଲଗାଇ ଗଣେଶ ପୂଜା ପାଳିଲେ ବନାଞ୍ଚଳ ଅଧିକାରୀ



ସୋରଡ଼ା,୨୮ ।୮ (ସମିସ): ବଡଗଡ଼ ବନାଞ୍ଚଳ ତରଫରୁ ରେଞ୍ଜର ଅଞ୍ଜନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଗଣେଶ ଚତୁର୍ଥୀ ଏକ ଭିନ୍ନ ପ୍ରୟାସରେ ଅନୁଷ୍ଠିତ କରାଯାଇଛି। ଏହି ପୂଜା ଦ୍ୱାରା ଏକ ପେଡ ଗଣେଶ ଜି କେ ନାମ ୨.୦ ମାଧ୍ୟମ ରେ ଲୋକ ମାନଙ୍କୁ ବୃକ୍ଷରୋପଣ କରିବା ପାଇଁ ଅଭିନବ ଢ଼ଙ୍ଗରେ ବାର୍ତ୍ତା ଦେବାରେ ପ୍ରୟାସ କରିଥିଲେ। କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେବା ସହ ଦକ୍ଷିଣ ଘୁମୁସର ଅତିରିକ୍ତ ବନଖଣ୍ଡ ଅଧିକାରୀ ପ୍ରଦୀପ କୁମାର ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ବଡଗଡ ଠାରେ ବିଧାୟକ ନୀଳମଣି ବିଷୋୟୀ, ଦକ୍ଷିଣ ଘୁମୁସର ବନଖଣ୍ଡର ଅତିରିକ୍ତ ବନଖଣ୍ଡ ଅଧିକାରୀ ପ୍ରଦୀପ କୁମାର ବେହେରା ଆଦି ଯୋଗ ଦେଇଥିବା ବେଳେ ବଡ଼ଗଡ଼ ବନାଞ୍ଚଳ ଅଧିକାରୀ ଅଞ୍ଜନ କୁମାର ନାୟକଙ୍କ ଆୟୋଜନ କ୍ରମେ ନୂତନ ଦିଶା ଦେଇଥିବା ବେଳେ ଗିରିଜାନନ୍ଦନଙ୍କ ପୂଜା ପାଇଁ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି।









ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁରେ ଏକ ବସ୍ ଚା' ଦୋକାନକୁ ମାଡ଼ିଯିବାରୁ ଚା' ପିଉଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା ଓ ଦୋକାନୀ ଗୁରୁତର ହୋଇଥିଲେ। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିଛନ୍ତି।

# ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ପାରଳାଖେମୁଣ୍ଡି,୨୮ ।୮ (ସମିସ): ପାରଳାଖେମୁଣ୍ଡି ସ୍ଥିତ ରାଜଗୁରୁ ସାହି ଛକରେ ୫୧ ତମ ଦୁର୍ଗା ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଦୁର୍ଗାପ୍ରସାଦ ବ୍ୟାୟାମଶାଳା ଆନୁକୁଲ୍ୟରେ ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ୍ୟ ରୀତିନୀତି ସହ ଆକର୍ଷଣୀୟ ସାଜସଜ୍ଜାରେ ପୂଜା ପାଳନ ହେବ ବୋଲି କୁହାଯାଇଛି। ମା'ଙ୍କୁ ଅସ୍ଥାୟୀ ମଣ୍ଡପରେ ପ୍ରତିଷ୍ଠା କରି ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ଏଠାରେ ପୂଜାର୍ଚ୍ଚନା କରାଯାଇଥାଏ। ଆଜି ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ବୀରବାଦ୍ୟର ବାଜଣାରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦୁର୍ଗାପୂଜା କମିଟି ସଭାପତି ନରେଶ ମହାରଣା, ଉପସଭାପତି ବିଜୟ ପ୍ରଧାନ, ସମ୍ପାଦକ ଚିତ୍ତରଞ୍ଜନ ଦାସ, ପ୍ରଶାନ୍ତ କୁମାର ପ୍ରଧାନ, ରମେଶ ଚନ୍ଦ୍ର ମହାରଣା, ସତ୍ୟନାରାୟଣ ସାହୁ ଓ ଜଗନ୍ନାଥ ପଣ୍ଡାଙ୍କ ସମେତ ବହୁ ସଂଖ୍ୟକ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ଡ୍ରେନ୍ ନିର୍ମାଣ କଲାଣି ଠିକାସଂସ୍ଥା; ଘରେ ପଶିଲା ପାଣି



ଫିରିଙ୍ଗିଆ,୨୮।୮ (ସମିସ): ରାସ୍ତା ନିର୍ମାଣ ବେଳେ ଡ୍ରେନ କଥା ଭୁଲିଗଲା ଆର୍‌କେଡି ଠିକା ସଂସ୍ଥା। ଏଥିଯୋଗୁ ଅସରାଏ ବର୍ଷାରେ ହେଲେ ରାସ୍ତା ଉପରେ ପାଣି ଭାସିବା ଯୋଗୁଁ ରାସ୍ତା ତଳ ପଟେ ଥିବା ଘରେ ଆଣ୍ଠୁଏ ପାଣି ମାଡିଯାଇଛି। ଏଥିସହ ଘର ବାହାରେ ରାସ୍ତା କଡ଼ରୁ ମାଟି ଧୋଇ ଘର ଦୁଆରେ ଗଦା ହେଉଛି। ହଳଦୀ, ଅଦା ଏବଂ ବିନ୍‌ସି କ୍ଷେତରେ ପାଣି ମାଡ଼ିଯିବାରୁ ମାଟି ପୋତି ହୋଇ ଫସଲ ନଷ୍ଟ ହୋଇଛି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ପାଲାବୃଡ଼ି ଠାରୁ ପାଙ୍ଗା ଉପରସାହି ପଞ୍ଚାୟତ ଦେଇ ସାଡିଙ୍ଗିଆ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର କଲାଡି ଗାଁରେ ଏଭଳି ଘଟିଛି। ଅର୍‌କେଡ଼ି ଠିକା ସଂସ୍ଥା ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଉଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଡ୍ରେନ ନିର୍ମାଣ ନ କରାଯିବାରୁ ବର୍ଷା ପାଣି ରାସ୍ତା ଉପର ଦେଇ କାଲାଡି ଗାଁର ଅନନ୍ତ କହଁରଙ୍କ ଘରେ ପ୍ରବେଶ କରିଥିଲା। ଘର ଭିତରେ ପାଣି ଜମା ହେବା ସହ ରାସ୍ତା କଡ଼ରୁ ମାଟି ଆସି ଘର ବାହାରେ ଗଦା ହୋଇଛି। ଅଦା, ହଳଦୀ ଓ ବିନସି ଚାଷ ଜମିରେ ପାଣି ଓ ମାଟି ମାଡିଯିବାରୁ ଫସଲ ନଷ୍ଟ ହୋଇଛି। ଡ୍ରେନ ନିର୍ମାଣ ପାଇଁ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ଅରକେଡ଼ି ଠିକା ସଂସ୍ଥାକୁ ଲୋକେ ଜଣାଇଥିଲେ। କିନ୍ତୁ ସଂସ୍ଥା ତାହା ନ କରିବାରୁ ଏଭଳି ଅବସ୍ଥା ହୋଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ପାଣି ରାସ୍ତା ଉପରେ ପ୍ରବାହିତ ହେବା ଯୋଗୁ ସ୍ଥାୟିତ୍ୱ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଏହି ରାସ୍ତା କଡରେ ଡ୍ରେନ ନିର୍ମାଣ ପାଇଁ ଦାବି ହେଉଛି।



# ନାଳରେ ପଡ଼ି ଫିଟ୍‌ସ ଆକ୍ରାନ୍ତଙ୍କ ମୃତ୍ୟୁ



ବାଲିଗୁଡ଼ା,୨୮।୮ (ସମିସ): ବାଲିଗୁଡ଼ା ଥାନା ଉହାକିଆ ଗାଁରେ ଫିଟ୍‌ସ୍ ହେବା ପରେ ନାଳରେ ପଡି ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏଭଳି ଘଟଣାକୁ ନେଇ ଉହାକିଆ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ମୃତ ବ୍ୟକ୍ତି ଜଣକ ସିଫନ ମଲିକ। ମୃତ ସିଫନ ତାଙ୍କ ଝିଅ ସହ ବିଲରେ କିଛି କାମ କରିବାକୁ ଯାଇଥିଲେ। କାମ ସରିବା ପରେ ଝିଅକୁ ଘରକୁ ପଠାଇ ବିଲ ପାଖରେ ଥିବା ନାଳରେ ଧୋଇ ହେବାକୁ ଯାଇଥିଲେ। କିନ୍ତୁ ଠିକ୍ ସେହି ସମୟରେ ଫିଡସ୍ ହେବାରୁ ନାଳ ଭିତରେ ପଡିଯାଇଥିଲେ। ବିଳମ୍ବ ହେବା ଯୋଗୁ ସିଫନଙ୍କ ଝିଅ ତାଙ୍କୁ ଖୋଜିବା ପାଇଁ ଆସିଲା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସମାଜସେବୀ ଅରୁଣ ବାବୁ ଖବର ପାଇ ବାଲିଗୁଡା ଅଗ୍ନିଶମ ବାହିନୀ ଓ ବାଲିଗୁଡ଼ା ପୁଲିସ୍‌କୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

**ମୁଦ୍ରା ବିନିମୟ ମୂଲ୍ୟ**
ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୬୨ ● ପାଉଣ୍ଡ ୧୧୮.୭୭
- ୟୁରୋ ୧୦୨.୦୮ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**
୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୩,୯୦୦ (ଭୁବନେଶ୍ୱର)
- ରୁପା : ୧,୨୧,୫୦୦ (କେଜି)

**ଷ୍ଟକ୍ ମାର୍କେଟ୍**
ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୦୮୦.୦୦
- ନିଫ୍ଟି ୨୪,୫୦୦.୦୦

**ପେଟ୍ରୋଲ-ଡିଜେଲ୍**
ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

### ଭାରତକୁ ଟ୍ରମ୍ପଙ୍କ ପରାମର୍ଶଦାତାଙ୍କ ଚେତାବନୀ

# ଭାରତ ମୁଣ୍ଡ ନ ନୁଆଁଇଲେ ପଛକୁ ହଟିବେନି ଟ୍ରମ୍ପ୍

ୱାଶିଂଟନ୍, ୨୮।୮ (ଏଜେନ୍ସି)




ଆମେରିକା ଏବଂ ଭାରତ ମଧ୍ୟରେ ଗମ୍ଭୀର ହେଉଥିବା ଶୁଳ୍କ ବିବାଦ ଅନ୍ତର୍ଜାତୀୟ ସମ୍ପର୍କରେ ଏକ ନୂତନ ମୋଡ଼ ନେଇଛି। ଶୁଳ୍କକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଅର୍ଥନୈତିକ ପରାମର୍ଶଦାତା କେଭିନ୍ ହାସେଟ୍ ଭାରତକୁ କଡ଼ା ଚେତାବନୀ ଦେଇଛନ୍ତି। ହାସେଟ୍ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଯଦି ବାଣିଜ୍ୟ ଶୁଳ୍କ ପ୍ରସଙ୍ଗରେ ଭାରତ ମୁଣ୍ଡ ନୁଆଁଇବାକୁ ମନା କରେ, ତେବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ଆଭିମୁଖ୍ୟକୁ ନରମ କରିବେନାହିଁ। କୌତୂହଳର ବିଷୟ ଯେ, ହାସେଟ୍‌ଙ୍କ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଅଗଷ୍ଟ ୨୭ରୁ ଭାରତୀୟ ଆମଦାନୀ ଉପରେ ଆମେରିକାର ବାଣିଜ୍ୟ ଶୁଳ୍କ ଦୁଇଗୁଣ ବୃଦ୍ଧି ପାଇ ୫୦ ପ୍ରତିଶତ ହୋଇଯାଇଛି। ଗୁରୁବାର ହ୍ୱାଇଟ୍ ହାଉସରେ ସାମ୍ବାଦିକଙ୍କ ସହ କଥାବାର୍ତ୍ତା କରି କେଭିନ୍ ହାସେଟ୍ ଭାରତର ବାଣିଜ୍ୟିକ ଆଭିମୁଖ୍ୟ ଉପରେ ନିରାଶା ପ୍ରକାଶ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଭାରତ ଆମେରିକୀୟ ଉତ୍ପାଦ ପାଇଁ ତା'ର ବଜାର ଖୋଲିବାରେ ଏକ ଜିଦ୍‌ଖୋର ମନୋଭାବ ଗ୍ରହଣ କରୁଛି।

ହାସେଟ୍ ଭାରତ ସହିତ ଆମେରିକା ସମ୍ପର୍କକୁ 'ଜଟିଳ' ବୋଲି ବର୍ଣ୍ଣନା କରିଛନ୍ତି। ସେ ରୁଷ ଉପରେ ପଡୁଥିବା ଚାପକୁ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଆମ ଉତ୍ପାଦ ପାଇଁ ନିଜର ବଜାର ଖୋଲିବା ପାଇଁ ଭାରତର ଜିଦ୍‌ଖୋର ମନୋଭାବ ମଧ୍ୟ ଏକ ବଡ଼ କାରଣ। ଏହି ବିବାଦ କେବଳ ଶୁଳ୍କ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଆମେରିକା ଭାରତ ଉପରେ ଦୁଗ୍ଧ ବାଣିଜ୍ୟ ଏବଂ ରୁଷରୁ ତେଲ କ୍ରୟ ଭଳି ପ୍ରସଙ୍ଗରେ ଚାପ ପକାଇଆସୁଛି। ଭାରତ ସ୍ପଷ୍ଟ କରିଛି ଯେ ସେ ଏହାର ଚାଷୀଙ୍କ ସ୍ୱାର୍ଥ ସହିତ କୌଣସି ସାଲିସ କରିବ ନାହିଁ, ଯେଉଁଠାରୁ ସେ ଶସ୍ତାରେ ତେଲ ପାଇବ ସେଠାରୁ ତେଲ କିଣିବ। ଏହି ଶୁଳ୍କ ଯୁଦ୍ଧ ଏବେ ସବୁଠୁ ଖରାପ ସ୍ତରରେ ପହଞ୍ଚିଛି, ଯେଉଁଥିରେ ଭାରତୀୟ ସାମଗ୍ରୀ ଉପରେ ମୋଟ ୫୦% ଶୁଳ୍କ ଲାଗୁ କରାଯାଇଛି, ଯାହା ମଧ୍ୟରୁ ୨୫% ଶୁଳ୍କ କେବଳ ରୁଷଠାରୁ ତେଲ କିଣିବା ପାଇଁ ଦଣ୍ଡ ସ୍ୱରୂପ। ଆମେରିକାର ଜାତୀୟ ଅର୍ଥନୈତିକ ପରିଷଦ ନିର୍ଦ୍ଦେଶକ କେଭିନ୍ ହାସେଟ୍ ଭାରତର ଏହି 'ଜିଦ୍' ବିଷୟରେ ଉଲ୍ଲେଖ କରିଛନ୍ତି। ଏପରି ପରିସ୍ଥିତିରେ, ଏହି ଶୁଳ୍କ ଯୁଦ୍ଧ କେବେ ଏବଂ କିପରି ଶାନ୍ତ ହୁଏ ତାହା ଦେଖିବା ଆକର୍ଷଣୀୟ ହେବ। କାରଣ ଭାରତ ମଧ୍ୟ ଆମେରିକା ସହିତ ଏହାର ଡାକ ସେବା ବନ୍ଦ କରିଦେଇଛି।

## ଟ୍ରମ୍ପ୍‌ଙ୍କୁ ଘେରିଲେ ବିରୋଧୀ

ୱାଶିଂଟନ୍, ୨୮।୮ (ଏଜେନ୍ସି): ଭାରତ ଉପରେ ଟ୍ରମ୍ପ୍ ପ୍ରଶାସନ ଲାଗୁ କରିଥିବା ୫୦% ଉଚ୍ଚ ବାଣିଜ୍ୟ ଶୁଳ୍କ ଏବେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ବିଗତ ଦଶନ୍ଧୀଗୁଡିକର ସର୍ବନିମ୍ନ ସ୍ତରକୁ ନେଇଯାଇଛି। ତେବେ ଭାରତ ଉପରେ ଶୁଳ୍କ ଲାଗୁ ପ୍ରସଙ୍ଗରେ ଖୋଦ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବେ ନିଜ ଦେଶରେ ଅଡୁଆରେ ପଡିଯାଇଛନ୍ତି। ଆମେରିକାର ମୁଖ୍ୟ ବିରୋଧୀ

**ଭାରତ ଉପରେ ଶୁଳ୍କ ନିଷ୍ପତ୍ତିକୁ ତୀବ୍ର ସମାଲୋଚନା**

ଦଳ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଆମେରିକାର ହାଉସ୍ ଫରେନ୍ ଆଫେୟାର୍ସ କମିଟି ଭାରତ ସମ୍ପର୍କରେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଛି। ଏହା ଚୀନ୍ ଉପରେ ନୀରବ ରହିବା ଏବଂ କେବଳ ଭାରତ ଉପରେ ଶୁଳ୍କ ଲଗାଇବା ପାଇଁ ଟ୍ରମ୍ପ୍‌ଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଛି। କମିଟି କହିଛି ଯେ 'ଭାରତ ଉପରେ ଶୁଳ୍କ ଲଗାଇବା ଦ୍ୱାରା ୟୁକ୍ରେନ ଯୁଦ୍ଧ ସମାପ୍ତ ହେବ ନାହିଁ। ଆପଣଙ୍କୁ ଜଣାଇ ଦେଉଛୁ ଯେ ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ଯାହାକୁ ୨୧ ଶତାବ୍ଦୀର ସବୁଠାରୁ ମଜବୁତ ସମ୍ପର୍କ ଭାବରେ ବିବେଚନା କରାଯାଉଥିଲା, ତାହା ଏବେ ଗମ୍ଭୀର ବିପଦରେ ଅଛି। ପରିଣାମ ସ୍ୱରୂପ ଭାରତ ଟ୍ରମ୍ପ ପ୍ରଶାସନ ଆଗରେ ମୁଣ୍ଡ ନୁଆଁଇବାକୁ ମନା କରି ରୁଷ ତେଲ କିଣିବା ଜାରି ରଖିବାକୁ ନିଷ୍ପତ୍ତି ନେଇଛି। ଆମେରିକା ରୁଷ ତେଲ କିଣିବା ପାଇଁ ଭାରତ ଉପରେ ୨୫ ପ୍ରତିଶତ ବାଣିଜ୍ୟ ଶୁଳ୍କ ଏବଂ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଲଗାଇଛି। ଯାହା ଭାରତୀୟ ଅର୍ଥନୀତି ଉପରେ ନିଶ୍ଚିତ ଭାବରେ ଗମ୍ଭୀର ପ୍ରଭାବ ପକାଇବ। ତଥାପି, ଟ୍ରମ୍ପ ପ୍ରଶାସନ ସର୍ବାଧିକ ରୁଷ ତେଲ କିଣୁଥିବା ଚୀନ୍ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ, ଯାହାକୁ କଡ଼ା ଶବ୍ଦରେ ଡେମୋକ୍ରାଟିକ୍ ପାର୍ଟି ସମାଲୋଚନା କରିଛି। ହାଉସ୍ ଫରେନ୍ ଆଫେୟାର୍ସ କମିଟିର ଡେମୋକ୍ରାଟ୍‌ମାନେ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏହି ନୀତିକୁ ଆମେରିକୀୟମାନଙ୍କୁ କ୍ଷତି ପହଞ୍ଚାଇବା ଏବଂ ଆମେରିକା-ଭାରତ ସମ୍ପର୍କକୁ ନଷ୍ଟ କରିବା ପାଇଁ ଏହା ଏକ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଏହି ନିଷ୍ପତ୍ତି ୟୁକ୍ରେନ ଯୁଦ୍ଧ ସହିତ କମ୍ ଏବଂ ଘରୋଇ ରାଜନୀତି ସହିତ ଅଧିକ ଜଡିତ।

## ଭାରତର ଏକ-ଚତୁର୍ଥାଂଶ ବୟନ ରପ୍ତାନୀ ଉପରେ ପଡ଼ିପାରେ ଗଭୀର ପ୍ରଭାବ

ନୂଆଦିଲ୍ଲୀ,୨୮।୮ (ଏଜେନ୍ସି): ଆମେରିକା ଦ୍ୱାରା ଭାରତୀୟ ବୟନଶିଳ୍ପ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗିବା ପରେ ଏହି କ୍ଷେତ୍ରର ରପ୍ତାନୀକାରୀଙ୍କୁ ଚିନ୍ତା ଘାରିଛି। କୁହାଯାଉଛି ଆସନ୍ତା ୬ ମାସରେ ଭାରତର ପ୍ରାୟ ଏକ ଚତୁର୍ଥାଂଶ ବସ୍ତ୍ର ରପ୍ତାନୀ ଉପରେ ଗଭୀର ପ୍ରଭାବ ପଡ଼ିପାରେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଭାରତୀୟ ରପ୍ତାନୀକାରୀଙ୍କୁ ଅର୍ଡର ରଦ୍ଦ ହେବା ଭଳି ଗମ୍ଭୀର ଆହ୍ୱାନର ସାମ୍ନା କରିବାକୁ ପଡୁଛି। ଫେଡେରେସନ ଅଫ୍ ଇଣ୍ଡିଆନ ଟେକ୍ସଟାଇଲ ଇଣ୍ଡଷ୍ଟ୍ରିର ମହାସଚିବ ଚନ୍ଦ୍ରିମା ଚାଟାର୍ଜୀ କହିଛନ୍ତି, ଯଦି କିଛିଟା ରଣନୀତିରେ ପରିବର୍ତ୍ତନ କରାଯାଇପାରିବ ତେବେ ଆଗାମୀ ୬ ମାସରେ ୨୦-୨୫% ପର୍ଯ୍ୟନ୍ତ ପ୍ରଭାବ ଦେଖିବାକୁ ମିଳିପାରେ। ନହେଲେ ଏହି ସଂଖ୍ୟା ୨୯% ପର୍ଯ୍ୟନ୍ତ ପହଞ୍ଚିପାରେ। ଏହି ପ୍ରଭାବ ମୁଖ୍ୟତଃ ପୋଷାକ ଉଦ୍ୟୋଗ ଉପରେ ପଡ଼ିବ। ସେ କହିଛନ୍ତି ସରକାର କପା ଉପରେ ଆମଦାନୀ ଛାଡ଼ କରିଛନ୍ତି। ଏଥିରୁ କିଛିଟା ଆଶ୍ୱସ୍ତି ମିଳିବ। କାରଣ ଏବେ ନୂଆ ଅର୍ଡର ପାଇଁ ମଧ୍ୟ ଆମଦାନୀ ସମ୍ଭବ ହୋଇପାରିବ। ପୂର୍ବରୁ କରାଯାଇଥିବା ଛାଡ଼ର ଲାଭ ନୂଆ ଅର୍ଡରକୁ ମିଳି ନ ଥିଲା। କାରଣ କପା ସିପ୍‌ମେଣ୍ଟରେ ଅତିକମ୍‌ରେ ୪୦-୪୫ ଦିନ ଲାଗିଥାଏ। ଏବେ ଏହି ଲମ୍ବା ଅବଧିର ଛାଡ଼ ନୂଆ ଅର୍ଡର ପାଇଁ ଉପଯୋଗୀ ହେବ। ଚାଟାର୍ଜୀ କହିଛନ୍ତି , ଘରୋଇ କପା ଏବଂ ଅନ୍ତର୍ଜାତୀୟ ବେଞ୍ଚମାର୍କ ମୂଲ୍ୟରେ ୧୦-୧୫% ପର୍ଯ୍ୟନ୍ତ ପାର୍ଥକ୍ୟ ଥିଲା। ଯାହା ଏବେ ଏହି ଛାଡ଼ ଯୋଗୁ କମ୍ ହେବ।

**ଟ୍ରମ୍ପ ଟାରିଫ୍**


## କିଷାନ୍ କାର୍ଡ ଖେଳିଲେ କେଜ୍ରିୱାଲ୍

ନୂଆଦିଲ୍ଲୀ,୨୮।୮ (ଏଜେନ୍ସି): ଭାରତ-ଆମେରିକା ଶୁଳ୍କ ଯୁଦ୍ଧ ମଧ୍ୟରେ କେଜ୍ରିୱାଲ କୃଷକ କାର୍ଡ ଖେଳିଛନ୍ତି। ଦିଲ୍ଲୀରେ କ୍ଷମତା ହରାଇବା ପରେ, ଆମ୍ ଆଦମୀ ପାର୍ଟି (ଆପ୍) ସଂଯୋଜକ ଅରବିନ୍ଦ କେଜରିୱାଲଙ୍କ ନଜର ଗୁଜରାଟ ଉପରେ ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦% ଶୁଳ୍କ ଲାଗୁ କରିବା ମଧ୍ୟରେ କେଜ୍ରିୱାଲ ଏହି ଉଦ୍ଦେଶ୍ୟରେ ଚାଷୀ କାର୍ଡ ଖେଳି ବିଜେପିକୁ କୋଣଠେସା କରିବାକୁ ଚେଷ୍ଟା କରିଛନ୍ତି। ଯଦିଓ ଅନେକ ରାଜ୍ୟରେ କପା ଉତ୍ପାଦନ ହୁଏ, କିନ୍ତୁ ଆମ ଆଦମୀ ପାର୍ଟି ଗୁଜରାଟରେ ଏହି ପ୍ରସଙ୍ଗରେ ଆକ୍ରମଣାତ୍ମକ। କେଜରିୱାଲ ଏହି ପ୍ରସଙ୍ଗକୁ ବହୁତ ରଣନୀତିକ ଉପାୟରେ ଉଠାଇଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଦାବି କରିଛନ୍ତି ଯେ ଆମେରିକାରୁ ଆସୁଥିବା କପା ଉପରେ ହଟାଇ ଦିଆଯାଇଥିବା ୧୧% ଶୁଳ୍କକୁ ପୁନଃ ଲାଗୁ କରାଯାଉ।

### ଆମେରିକାରୁ କପା ଆମଦାନୀ ଉପରେ ସରକାରଙ୍କ ବଡ଼ ନିଷ୍ପତ୍ତି

# କପା ଉପରୁ ଆମଦାନୀ ଶୁଳ୍କ ୧୧%କୁ ହ୍ରାସ

ନୂଆଦିଲ୍ଲୀ,୨୮।୮ (ଏଜେନ୍ସି)




- ବୟନ ରପ୍ତାନିକାରୀଙ୍କୁ ଆଶ୍ୱସ୍ତି
- ଶୁଳ୍କମୁକ୍ତ କପା ଆମଦାନୀ ଅବଧି ଆଉ ତିନି ମାସ ବଢ଼ିଲା

ଆମେରିକାରେ ୫୦ ପ୍ରତିଶତର ଭାରୀ ଶୁଳ୍କର ସମ୍ମୁଖୀନ ହେଉଥିବା କପଡ଼ା ରପ୍ତାନିକାରୀଙ୍କୁ ସହାୟତା କରିବା ପାଇଁ ସରକାର ଗୁରୁବାର ଦିନ କପା ଶୁଳ୍କମୁକ୍ତ ଆମଦାନୀକୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଅର୍ଥାତ୍ ଆଉ ତିନି ମାସ ବୃଦ୍ଧି କରିଛନ୍ତି। ପୂର୍ବରୁ ଅଗଷ୍ଟ ୧୮ରେ ଅର୍ଥ ମନ୍ତ୍ରଣାଳୟ ଅଗଷ୍ଟ ୧୯ ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ କପା ଆମଦାନୀ ଉପରେ ଶୁଳ୍କ ଛାଡ଼କୁ ଅନୁମତି ଦେଇଥିଲା।

ଗୁରୁବାର ଏକ ବିବୃତ୍ତିରେ ମନ୍ତ୍ରଣାଳୟ କହିଛି ଯେ, ରପ୍ତାନିକାରୀଙ୍କୁ ଆହୁରି ସହାୟତା ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାର କପା ଉପରେ ଆମଦାନୀ ଶୁଳ୍କ ଛାଡ ସେପ୍ଟେମ୍ବର ୩୦ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଛାଡ଼ରେ ୫ ପ୍ରତିଶତ ମୌଳିକ ସୀମା ଶୁଳ୍କ (ବିସିଡି) ଏବଂ ୫ ପ୍ରତିଶତ କୃଷି ଭିତ୍ତିଭୂମି ଏବଂ ବିକାଶ ସେସ୍ (ଏଆଇଡିସି) ଏବଂ ଉଭୟ ଉପରେ ୧୦ ପ୍ରତିଶତ ସାମାଜିକ କଲ୍ୟାଣ ସରଚାର୍ଜ ଅନ୍ତର୍ଭୁକ୍ତ। ତେଣୁ, ବର୍ତ୍ତମାନ କପା ଉପରେ ମୋଟ ଆମଦାନୀ ଶୁଳ୍କ ୧୧ ପ୍ରତିଶତକୁ ହ୍ରାସ ପାଇଛି। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ସୂତା, କପଡ଼ା, ପୋଷାକ ଏବଂ ପ୍ରସ୍ତୁତ ସାମଗ୍ରୀ ସମେତ ସମଗ୍ର ବୟନ ସାମଗ୍ରୀ ମୂଲ୍ୟ ଶୃଙ୍ଖଳରେ ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବ। ଏହା ନିର୍ମାତା ଏବଂ ଗ୍ରାହକ ଉଭୟଙ୍କୁ ଆବଶ୍ୟକ ଆଶ୍ୱସ୍ତି ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଆମେରିକା ବୟନ, ରତ୍ନ ଏବଂ ଅଳଙ୍କାର ଏବଂ ଚମଡା ସମେତ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଶୁଳ୍କ ଅଗଷ୍ଟ ୨୭ରୁ ଲାଗୁ କରିଛି।

ସରକାରଙ୍କ ଏହି ଶୁଳ୍କ ଛାଡ଼ ପଦକ୍ଷେପ ଘରୋଇ ବଜାରରେ କଞ୍ଚା କପା ଉପଲବ୍ଧତା ବୃଦ୍ଧି କରିବ। କପା ମୂଲ୍ୟ ସ୍ଥିର ରହିବ। ଏହାବ୍ୟତୀତ, ସମାପ୍ତ ବୟନ ସାମଗ୍ରୀ ଉପରେ ମୁଦ୍ରାସ୍ଫୀତି ଚାପ ହ୍ରାସ ପାଇବ। ସରକାରଙ୍କ ଅନୁଯାୟୀ, ଏହା ଉତ୍ପାଦନ ଖର୍ଚ୍ଚ ହ୍ରାସ କରି ଏବଂ ବୟନ କ୍ଷେତ୍ରରେ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏସ୍‌ଏମ୍‌ଇ) ଗୁଡିକୁ ସୁରକ୍ଷା ଦେଇ ଭାରତୀୟ ବୟନ ସାମଗ୍ରୀର ରପ୍ତାନି ପ୍ରତିଯୋଗିତାକୁ ବୃଦ୍ଧି କରିବ।

# ଟାରିଫ୍ ପ୍ରଭାବ; ୭୦୦ ପଏଣ୍ଟ ଖସିଲା ସେନ୍‌ସେକ୍ସ

**୪.୨୫ ଲକ୍ଷ କୋଟି କ୍ଷତି ସହିଲେ ନିବେଶକ**




ମୁମ୍ବଇ,୨୮।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଲାଗୁ କରାଯାଇଥିବା ଅତିରିକ୍ତ ୨୫% ବାଣିଜ୍ୟ ଶୁଳ୍କ ବୁଧବାରଠାରୁ କାର୍ଯ୍ୟକାରୀ ହୋଇଛି। ଏହି ଶୁଳ୍କର ପ୍ରଭାବ ବୁଧବାର ଭଳି ଆଜି ଭାରତୀୟ ସେୟାର ବଜାର ଉପରେ ପଡିଛି। ଗୁରୁବାର କାରବାର ଶେଷ ବେଳକୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୭୦୦ରୁ ଅଧିକ ପଏଣ୍ଟ ହ୍ରାସ ଘଟିଥିବାବେଳେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ୨୧୧ ପଏଣ୍ଟ ହ୍ରାସ ଘଟିଛି। ସେୟାର ବଜାରରେ ଏହି ହ୍ରାସ ଯୋଗୁ ନିବେଶକମାନେ ୪.୨୫ ଲକ୍ଷ କୋଟି କ୍ଷତି ସହିଛନ୍ତି।

ଗୁରୁବାର କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ପ୍ରାୟ ୭୦୫.୯୭ ପଏଣ୍ଟ ବା ୦.୮୭ ପ୍ରତିଶତ ହ୍ରାସ ପାଇ ୮୦,୦୮୦.୫୭ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ନିଫ୍ଟି ୨୧୧.୧୫ ପଏଣ୍ଟ ହ୍ରାସ ଘଟି ୨୪,୫୦୦ ପଏଣ୍ଟ ତଳେ ବନ୍ଦ ହୋଇଛି। ଆମେରିକାର ଟାରିଫ୍ କାର୍ଯ୍ୟକାରୀ ହେବା ପରେ ବଜାରରେ ବିକ୍ରିବଟା ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ବିଦେଶୀ ନିବେଶକଙ୍କ ଲଗାତାର ବିକ୍ରି ମଧ୍ୟ ବଜାର ମନୋଭାବକୁ ଦୁର୍ବଳ କରିଛି। ଉପଭୋକ୍ତା ଦୀର୍ଘସ୍ଥାୟୀ ଛାଡ଼ି ପ୍ରାୟ ସମସ୍ତ ପ୍ରମୁଖ କ୍ଷେତ୍ରଭିତ୍ତିକ ଇଣ୍ଡେକ୍ସ ଲାଲ୍ ସଂକେତରେ ବନ୍ଦ ହୋଇଛି । ସବୁଠୁ ଅଧିକ ହ୍ରାସ ନିଫ୍ଟି ଆଇଟି ଓ ନିଫ୍ଟି ରିଅଲ୍ଟିରେ ଦେଖିବାକୁ ମିଳିଛି, ଯାହା ପ୍ରାୟ ୧.୫ ପ୍ରତିଶତ ଖସିଛି। ଅନ୍ୟପଟେ ନିଫ୍ଟି ପିଏସୟୁ ବ୍ୟାଙ୍କ୍, ଏଫ୍‌ଏମ୍‌ସିଜି ଓ ଫାର୍ମା ଇଣ୍ଡେକ୍ସ ୧ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ନିଫ୍ଟି ମିଡ୍‌କ୍ୟାପ୍ ୧୦୦ ଇଣ୍ଡେକ୍ସ ୧.୩ ପ୍ରତିଶତ ଓ ନିଫ୍ଟି ସ୍ମଲ୍‌କ୍ୟାପ୍ ୧୦୦ ଇଣ୍ଡେକ୍ସ ୧.୫ ପ୍ରତିଶତ ଖସି ବନ୍ଦ ହୋଇଛି।

ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ଅଗଷ୍ଟ ୨୮ରେ ହ୍ରାସ ପାଇ ୪୪୫.୨୦ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିନ ମଙ୍ଗଳବାର ୪୪୯.୪୫ କୋଟି ଟଙ୍କା ଥିଲା। ସେହିପରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ପ୍ରାୟ ୪.୨୫ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ଆଜି ନିବେଶକଙ୍କୁ ୪.୨୫ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବିଏସ୍‌ଇ ସେନ୍‌ସେକ୍ସର ୩୦ ସେୟାର ମଧ୍ୟରୁ ଆଜି କେବଳ ୭ ସେୟାର ସବୁଜ ସଂକେତରେ ବନ୍ଦ ହୋଇଛି । ଏଥିରେ ଟାଇଟନ୍ ସେୟାରରେ ସବୁଠୁ ଅଧିକ ୧.୨୨ ପ୍ରତିଶତ ବୃଦ୍ଧି ହୋଇଛି । ଅନ୍ୟପଟେ ୨୩ ସେୟାର ଲାଲ୍ ସଂକେତରେ ବନ୍ଦ ହୋଇଛି । ଏଥିରେ ଏଚସିଏଲ୍ ସେୟାର ୨.୮୫ ପ୍ରତିଶତ ହ୍ରାସ ହୋଇଛି।

## ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ ମୌସୁମୀ ଋତୁରେ ବିଦ୍ୟୁତ୍ ସମ୍ପତ୍ତିର ସୁରକ୍ଷା ପଦକ୍ଷେପ

ଭୁବନେଶ୍ୱର,୨୮।୮ (ଏଜେନ୍ସି): ପ୍ରବଳ ମୌସୁମୀ ବର୍ଷା ସମୟରେ ବିଦ୍ୟୁତ ଭିତ୍ତିଭୂମି ପ୍ରତି ଦେଖାଦେଉଥିବା ଆହ୍ୱାନର ମୁକାବିଲା କରିବା ଲାଗି ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ଡିସକମ ଗୁଡ଼ିକ ପକ୍ଷରୁ ଲାଇସେନ୍ସପ୍ରାପ୍ତ ଅଞ୍ଚଳଗୁଡ଼ିକରେ ବିଦ୍ୟୁତ ବ୍ୟବସ୍ଥା ଉପରେ ମାଡ଼ିଥିବା ବୃକ୍ଷଲତାକୁ ହଟାଇବା ଏବଂ ଗଛର ଡାଳ ଓ ଅଂଶଗୁଡ଼ିକୁ ଛେଦନ କରିବା ଅଭିଯାନ ଆରମ୍ଭ କରାଯାଇଛି। ପ୍ରୋଜେକ୍ଟ କ୍ଲିନ-ଅପର ଅଂଶ ସ୍ୱରୂପ ଏହି ବ୍ୟାପକ ଅଭିଯାନର ଲକ୍ଷ୍ୟ ହେଉଛି ବିଦ୍ୟୁତ ଭିତ୍ତିଭୂମିର ସୁରକ୍ଷା କରିବା, ଯୋଗାଣ ଭରସାଯୋଗ୍ୟତାରେ ଉନ୍ନତି ଆଣିବା ଏବଂ ଲୋକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା। ଓଡ଼ିଶାରେ ପ୍ରବଳ ବର୍ଷା ହେଉଥିବା ବେଳେ ଉର୍ବର ମୃତିକା ପାଇଁ ମୌସୁମୀ ଋତୁରେ ଗଛଲତାଗୁଡ଼ିକ ଶୀଘ୍ର ବଢ଼ି ବିଦ୍ୟୁତ ଭିତ୍ତିଭୂମି ଉପରେ ମାଡ଼ିଯାଉଛି। ଗଛଲତାରେ ହେଉଥିବା ସେହି ବୃଦ୍ଧି ଅଣଦେଖା ରହିଗଲେ ତାହା ନେଟୱର୍କରେ ବିଭ୍ରାଟ ସୃଷ୍ଟି କରିଥାଏ ଯାହା ଫଳରେ ବିଦ୍ୟୁତ ସରବରାହରେ ବ୍ୟାଘାତ ସୃଷ୍ଟି ହେବା, ବିଭ୍ରାଟ ଘଟିବା ସହିତ ଖୁଣ୍ଟ ଓ ଟ୍ରାନ୍ସଫର୍ମରକୁ କ୍ଷତି ପହଞ୍ଚିଥାଏ। ଗଛଲତା ଘଞ୍ଚ ହୋଇଯିବା ଦ୍ୱାରା ତାହା ଦୈନନ୍ଦିନ ରକ୍ଷଣାବେକ୍ଷଣ ଓ ନେଟୱର୍କ ନିରୀକ୍ଷଣ କାର୍ଯ୍ୟକୁ ପ୍ରଭାବିତ କରିଥାଏ। ଅଧିକ ବଢ଼ିଯାଇଥିବା ଗଛର ଶାଖା ଓ ଲତା ଯୋଗୁଁ ବିଦ୍ୟୁତ ଭିତ୍ତିଭୂମି ପାଖରେ ପହଞ୍ଚି ହୁଏ ନାହିଁ, ଫଳରେ ରକ୍ଷଣାବେକ୍ଷଣରେ ଅସୁବିଧା ଉପୁଜେ। ଏହା ଅତ୍ୟାବଶ୍ୟକ ଯାଂଚ ଓ ମରାମତି କାମକୁ ବିଳମ୍ବିତ କରୁଥିବା ବେଳେ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପ୍ରତି ଗଭୀର ସୁରକ୍ଷା ବିପଦ ସୃଷ୍ଟି କରେ।




# ସେପ୍ଟେମ୍ବରରୁ ରୁପାରେ ହଲ୍‌ମାର୍କିଂ; ମହଙ୍ଗା ହେବ ଚାନ୍ଦି

ନୂଆଦିଲ୍ଲୀ,୨୮।୮ (ଏଜେନ୍ସି)



ସୁନା ଅଳଙ୍କାରର ଶୁଦ୍ଧତା ଯାଞ୍ଚ କରିବା ପାଇଁ ଏହାର ହଲ୍‌ମାର୍କ କରାଯାଏ। ଅଳଙ୍କାରରେ ଲେଖାଯାଇଥିବା ସଂଖ୍ୟା ଆଧାରରେ ସୁନାର କେତେ ପ୍ରତିଶତ ଶୁଦ୍ଧ ତାହା ନିର୍ଣ୍ଣୟ କରାଯାଏ। କିନ୍ତୁ ରୁପା ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ହଲ୍‌ମାର୍କ ବ୍ୟବସ୍ଥା ନାହିଁ। ଏବେ ସରକାର ସୁନା ପରି ରୁପା ପାଇଁ ହଲମାର୍କିଂ ନିୟମ ଆରମ୍ଭ କରୁଛନ୍ତି। ଏହା ସେପ୍ଟେମ୍ବର ପହିଲାରୁ ଆରମ୍ଭ ହେବ।

**■ ରୁପା ହଲମାର୍କିଂ ନିୟମର ପ୍ରଭାବ**

ପ୍ରାରମ୍ଭରେ, ଗ୍ରାହକମାନେ ହଲମାର୍କିଂ ରୁପା କିଣିବାକୁ ଚାହାଁନ୍ତି କି ହଲମାର୍କିଂ ନାହିଁ ତାହା ଆବଶ୍ୟକ ହେବ ନାହିଁ। ଅର୍ଥାତ୍, ଏହି ନିୟମ ସ୍ୱେଚ୍ଛାକୃତ ହେବ। ତଥାପି, ଯେପରି ହଲମାର୍କିଂ ସୁନା ଅଳଙ୍କାରକୁ ଏବେ ବାଧ୍ୟତାମୂଳକ କରାଯାଇଛି, ସେହିପରି କ୍ରେତାମାନେ ମଧ୍ୟ ହଲମାର୍କିଂ ରୁପା କିଣିବାକୁ ପସନ୍ଦ କରିପାରିବେ। ରୁପାର ଶୁଦ୍ଧତା ଯାଞ୍ଚ କରିବା ପାଇଁ, ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଦ୍ୱାରା ୬ ଟି ମାନକ ପ୍ରସ୍ତୁତ କରାଯାଇଛି। ଏହି ମାନକଗୁଡ଼ିକ ଦର୍ଶାଏ ଯେ ରୁପାର କେତେ ପ୍ରତିଶତ ଶୁଦ୍ଧ।

**■ ରୁପାର ମୂଲ୍ୟ ଉପରେ ପ୍ରଭାବ ପକାଇବ**

ହଲମାର୍କଯୁକ୍ତ ଅଳଙ୍କାର କିଣିବା ଦ୍ୱାରା ରୁପାର ମୂଲ୍ୟ ଉପରେ କୌଣସି ପ୍ରଭାବ ପଡ଼ିବନାହିଁ, କିନ୍ତୁ ଏହା ଉତ୍ପାଦର ମାନକୁ ନେଇ ଗ୍ରାହକଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିପାରିବ। ଗ୍ରାହକମାନେ ନିଶ୍ଚିତ ହେବେ ଯେ ସେମାନେ ଯେଉଁ ମୂଲ୍ୟ ଦେଉଛନ୍ତି ସେହି ମୂଲ୍ୟର ଅଳଙ୍କାର ପାଉଛନ୍ତି। ଏହା ସେମାନଙ୍କର କ୍ରୟକୁ ମଧ୍ୟ ସୁରକ୍ଷିତ ରଖିବ।

**ଗ୍ରାହକ ପାଇବେ ଶୁଦ୍ଧତାର ଗ୍ୟାରେଣ୍ଟି**

## ଗେମିଂ ବିଲ୍ ବିରୋଧରେ ୩୦ରେ କର୍ଣ୍ଣାଟକ ହାଇକୋର୍ଟରେ ଶୁଣାଣି

ନୂଆଦିଲ୍ଲୀ,୨୮।୮ (ଏଜେନ୍ସି): କର୍ଣ୍ଣାଟକ ହାଇକୋର୍ଟ ଅଗଷ୍ଟ ୩୦ରେ ଅନଲାଇନ୍ ଗେମିଂ କମ୍ପାନୀ ଏ୨୩ର ଆବେଦନର ଶୁଣାଣି କରିବ। ଏହି ଆବେଦନରେ, ଭାରତରେ ଅନଲାଇନ୍ ଟଙ୍କା ଖେଳକୁ ନିଷେଧ କରିବା ପାଇଁ ନୂତନ ଆଇନକୁ ଚ୍ୟାଲେଞ୍ଜ କରାଯାଇଛି। ବରିଷ୍ଠ ଓକିଲ ସି. ଆର୍ଯ୍ୟମା ସୁନ୍ଦରମ୍ ଏବଂ ଧନ୍ୟା ଚିନ୍ନାପ୍ପା ବୁଧବାର କୋର୍ଟରେ ତୁରନ୍ତ ଶୁଣାଣି ପାଇଁ ଏହି ଆବେଦନ ଉପସ୍ଥାପନ କରିଥିଲେ। ଅଗଷ୍ଟ ୨୨ରେ, ଅନଲାଇନ୍ ଗେମିଂ ବିଲ୍ ୨୦୨୫ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଥିଲା। ବର୍ତ୍ତମାନ ଏହା ଏକ ଆଇନରେ ପରିଣତ ହୋଇଛି। ଅଗଷ୍ଟ ୨୧ରେ ରାଜ୍ୟସଭା ଏବଂ ଏହାର ଗୋଟିଏ ଦିନ ପୂର୍ବରୁ ଲୋକସଭା ଅନଲାଇନ୍ ଗେମିଂ ବିଲ୍ ୨୦୨୫ର ପ୍ରମୋସନ୍ ଏବଂ ନିୟନ୍ତ୍ରଣକୁ ମଞ୍ଜୁରୀ ଦେଇଥିଲା। ଏହି ବିଲ୍ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥାପନ କରିଥିଲେ। ଏ୨୩ର ମୂଳ କମ୍ପାନୀ ହେଡ୍ ଡିଜିଟାଲ୍ ୱାର୍କ୍ସ କହିଛନ୍ତି ଯେ ଏହି ଆଇନ ରମି ଏବଂ ପୋକର ଭଳି ଦକ୍ଷତା-ଭିତ୍ତିକ ଖେଳକୁ ମଧ୍ୟ ନିଷେଧ କରେ। ଭାରତରେ, ଗତ ୭୦ ବର୍ଷ ଧରି, ସୁପ୍ରିମକୋର୍ଟ ଏବଂ ଅନେକ ହାଇକୋର୍ଟ ଦକ୍ଷତା-ଭିତ୍ତିକ ଖେଳକୁ ଜୁଆ ଠାରୁ ଭିନ୍ନ ବୋଲି ବିବେଚନା କରିଛନ୍ତି।

**ଅନ୍‌ଲାଇନ୍ ଗେମିଂ କମ୍ପାନୀ ଏ୨୩ କରିଛି ଅଭିଯୋଗ**



## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଆର୍ଥିକ ସମସ୍ୟା ଦେଖାଦେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ନୂଆ କାର୍ଯ୍ୟ ଆରମ୍ଭ କରିବେ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ନିବେଶରୁ ଲାଭ ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। କଳା କ୍ଷେତ୍ରରେ ରୁଚି ବଢ଼ିବ। ଦେଶ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କାର୍ଯ୍ୟରେ ବାଧା ଆସିବ। ଅନଲାଇନ୍ ବ୍ୟବସାୟରୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ମା’ ହେବେ ପରିଣୀତି



ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଏବଂ ରାଘବ ଚଡ୍ଢାଙ୍କ ଘରକୁ ଖୁବ୍‌ଶୀଘ୍ର ନୂଆ ଅତିଥିଙ୍କ ଆଗମନ ହେବାକୁ ଯାଉଛି। ବିବାହର ଦୁଇ ବର୍ଷ ପରେ ମା’ ହେବାକୁ ଯାଉଛନ୍ତି ପରିଣୀତି। ଉଭୟ ପରିଣୀତି ଏବଂ ରାଘବ ଏହି ଖୁସି ଖବର ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି। ଦୁହେଁ ଦୁଇରୁ ତିନି ହେବାକୁ ଯାଉଥିବା କହିଛନ୍ତି। ଅବଶ୍ୟ ସେମାନଙ୍କର ଏହି ଖୁସି ଖବର ସମ୍ପର୍କରେ କପିଲ ଶର୍ମାଙ୍କ ଶୋ’ରୁ ଅନୁମାନ କରାଯାଉଥିଲା। ଶେଷରେ ସେମାନେ ଏକଥା ସମସ୍ତଙ୍କୁ ଜଣାଇଛନ୍ତି। ପରିଣୀତି ତାଙ୍କ ପୋଷ୍ଟରେ କହିଛନ୍ତି, “ଆମର ଛୋଟ ଦୁନିଆ ଏବେ ରାସ୍ତାରେ ଅଛି।” ଶୁଭେଚ୍ଛା ଓ ଆଶୀର୍ବାଦ ପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାସହ ନଜର ନ ଲାଗିବାର ଇମୋଜି ବି ସେୟାର୍ କରିଛନ୍ତି। ସେହିପରି ତାଙ୍କର ଏହି ପୋଷ୍ଟରେ କେକ୍‌ର ଫଟୋ ଅଛି। ଏଥିରେ ୧+୧=୩ ଲେଖାଯିବା ସହ ଛୋଟ ପିଲାର ପାଦ ଚିହ୍ନ ବି ଅଛି। ଏହାସହ ଏଥିରେ ଏକ ଭିଡିଓ ମଧ୍ୟ ରହିଛି। ଯେଉଁଥିରେ ପରିଣୀତି ରାଘବଙ୍କ ହାତ ଧରି ବଗିଚାରେ ଚାଲୁଥିବା ଦେଖାଯାଇଛି। ଏହି ଖବର ସାମ୍ନାକୁ ଆସିବା ପରେ ଉଭୟଙ୍କ ପରିବାର ଲୋକେ, ସାଙ୍ଗସାଥୀ ଏବଂ ପ୍ରଶଂସକ ସେମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛନ୍ତି।

## ଜାତୀୟ କ୍ରୀଡ଼ା ଦିବସ



ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖକୁ ଭାରତୀୟ ହକିର ପ୍ରବାଦ ପୁରୁଷ ମେଜର୍ ଧ୍ୟାନଚାନ୍ଦଙ୍କ ଜନ୍ମଦିବସକୁ ‘ଜାତୀୟ କ୍ରୀଡ଼ା ଦିବସ’ ଭାବେ ପାଳନ କରାଯାଉଛି। ଜୀବନରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବାବଦରେ ଏହି ଦିବସ ସଚେତନ କରାଇଥାଏ। ଏହାସହ ସ୍ୱାସ୍ଥ୍ୟ ସଚେତନ ଦୃଷ୍ଟିରୁ ବିଭିନ୍ନ କ୍ରୀଡ଼ାରେ ସାମିଲ ହେବା ନେଇ ଏହି ଦିବସ ଲୋକଙ୍କୁ ପ୍ରୋତ୍ସାହିତ କରିଥାଏ। ୧୯୦୫ ଅଗଷ୍ଟ ୨୯ରେ ପ୍ରୟାଗରାଜରେ ଧ୍ୟାନଚାନ୍ଦ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପୂରା ନାଁ ମେଜର ଧ୍ୟାନଚାନ୍ଦ ସିଂହ। ସେ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିବା ପରେ ୧୯୨୨ ମସିହାରେ ସୈନିକ ଭାବେ ବ୍ରିଟିଶ ସେନାରେ ସାମିଲ ହୋଇଥିଲେ। ୧୯୨୬ରୁ ୧୯୪୮ ପର୍ଯ୍ୟନ୍ତ ଅନ୍ତରାଷ୍ଟ୍ରୀୟ ହକି କ୍ୟାରିୟରରେ ଧ୍ୟାନଚାନ୍ଦ ପାଖାପାଖି ୧୮୫ଟି ମ୍ୟାଚ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ୧୯୨୮ର ଆର୍ମଷ୍ଟରଡ୍ୟାମ୍ ଅଲମ୍ପିକ୍ସ, ୧୯୩୨ ମସିହାର ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ଓ ୧୯୩୬ ଜର୍ମାନୀର ବର୍ଲିନ ଅଲିମ୍ପିକ୍ସରେ ଲଗାତାର ସେ ଭାରତକୁ ସ୍ୱର୍ଣ୍ଣ ପଦକ ଭେଟି ଦେଇଥିଲେ। ସେ ତାଙ୍କ ୨୨ ବର୍ଷର କ୍ୟାରିୟରରେ ୪୦୦ରୁ ଅଧିକ ଗୋଲ୍ ଦେଇ ଅପ୍ରତିଦ୍ୱନ୍ଦ୍ୱୀ ପାଲଟିଥିଲେ। କେବଳ ଭାରତ ନୁହେଁ, ସାରା ପୃଥିବୀରେ ତାଙ୍କ ଅଦ୍ୱିତୀୟ ଖେଳର ଅଗଣିତ ପ୍ରଶଂସକ ଥିଲେ। ଅଲମ୍ପିକ୍ସ ସଂଘ ଧ୍ୟାନଚାନ୍ଦଙ୍କୁ ଶତାବ୍ଦୀର ଶ୍ରେଷ୍ଠ ଖେଳାଳି ଭାବେ ଘୋଷଣା କରିଥିଲା। ହକି ଦୁନିଆରେ ମେଜର ଧ୍ୟାନଚାନ୍ଦ ଯେଉଁ ରୂପରେଖ ପ୍ରସ୍ତୁତ କରିଥିଲେ ତାହା ଅତୁଳନୀୟ। ଏହି ମହାନ ଖେଳାଳିଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ୨୦୧୨ରେ ତାଙ୍କ ଜନ୍ମଦିନକୁ ଜାତୀୟ କ୍ରୀଡ଼ା ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଖେଳ ଜଗତରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଏ।

## ଏଠି ପୁରୁଷଙ୍କୁ ରହିବା ମନା

ପ୍ରତିଟି ଗାଁର ନିଜସ୍ୱ ସ୍ୱତନ୍ତ୍ରତା ରହିଛି। ତନ୍ମଧ୍ୟରୁ କିଛି ଗାଁ ତାର ପ୍ରାକୃତିକ ଶୋଭାରାଜି ପାଇଁ ଚର୍ଚ୍ଚାରେ ଥିବାବେଳେ ଆଉ କିଛି ତା’ର ବିଚିତ୍ର ପରମ୍ପରା ପାଇଁ ଧ୍ୟାନ ଆକର୍ଷଣ କରିଥାଏ। ଏମିତି ଏକ ଗାଁ’ ହେଉଛି କେନିଆର ଉମୋଜା ଉଆସୋ। ଏହି ଗାଁ’ରେ କେବଳ ମହିଳା ବସବାସ କରନ୍ତି। ପୁରୁଷଙ୍କୁ ଏଠାରେ ରହିବାକୁ ଅନୁମତି ମିଳେ ନାହିଁ। ୧୯୯୦ ମସିହାରେ ଗଢ଼ି ଉଠିଥିବା ଏହି ଗାଁ’ଟି କେନିଆର ରାଜଧାନୀ ନାଇରୋବିଠାରୁ ପାଖାପାଖି ୩୮୦ କିଲୋମିଟର ଦୂରରେ ଥିବା ସମ୍ବୁରୁ କାଉଣ୍ଟିରେ ଅବସ୍ଥିତ। ରେବେକା ଲୋଲୋସୋଲି ଏହି ଗାଁର ସ୍ଥାପନା କରିଥିଲେ। ତେବେ ଏହି ଗାଁରେ ମୁଖ୍ୟତଃ ଯୌନ ହିଂସା ତଥା ଦୁର୍ବ୍ୟବହାରର ଶିକାର ହୋଇଥିବା ମହିଳାମାନେ ରହୁଛନ୍ତି। ଏହି ମହିଳାମାନଙ୍କୁ ସେମାନଙ୍କ ପରିବାର ଛାଡ଼ି ଦେଇଛନ୍ତି। ୨୦୧୫ ସୁଦ୍ଧା ଏହି ଗାଁ’ରେ ୪୭ ଜଣ ମହିଳା ଏବଂ ୨୦୦ ଶିଶୁ ଥିଲେ। ଏହି ଗାଁକୁ ପୁରୁଷ ଆସି ପାରିବେ ସତ କିନ୍ତୁ ଏଠାରେ ରହିପାରିବେ ନାହିଁ। ଉମୋଜା ଉଆସୋ ଏବେ ମହିଳା ସଶକ୍ତିକରଣର ଅନନ୍ୟ ଉଦାହରଣ ପାଲଟିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୧୮ ବର୍ଷରୁ କମ୍ ବୟସର ପୁଅ ଏହି ଗାଁ’ରେ ରହିପାରନ୍ତି। ପୁଅମାନଙ୍କର ବୟସ ୧୮ ବର୍ଷରୁ ଊର୍ଦ୍ଧ୍ୱ ହେଲେ ଏଠାରେ ସେମାନଙ୍କୁ ରହିବାକୁ ଅନୁମତି ମିଳେ ନାହିଁ। ଗାଁ’ରେ ରହୁଥିବା ମହିଳାମାନଙ୍କ ସମ୍ବନ୍ଧରେ କୌଣସି ନିଷ୍ପତ୍ତି ‘ ଟ୍ରି ଅଫ୍ ସ୍ପିଚ୍’ ଜରିଆରେ ନିଆଯାଇଥାଏ। ଲୋଲୋସୋଲି ଏହି ଗାଁର ମୁଖିଆ। ଗାଁ’ର ସମସ୍ତ ମହିଳାଙ୍କୁ ସମାନ ଅଧିକାର ଦିଆଯାଇଛି। ଏଠାରେ ରହୁଥିବା ମହିଳାମାନେ ମୁଖ୍ୟତଃ ସମ୍ବୁରୁ ସଂସ୍କୃତିର। ଏମାନେ ବିଭିନ୍ନ ପ୍ରକାରର ମାଳି ବିକି ନିଜ ଗୁଜୁରାଣ ମେଣ୍ଟାନ୍ତି। ଗାଁ’ର ମହିଳାମାନେ ଯୌନଉତ୍ପୀଡ଼ନ, ମହିଳା ବିରୋଧି ସାମାଜିକ ବ୍ୟବସ୍ଥା ଓ ବ୍ୟଭିଚାର ବିରୋଧରେ ନିଜର ସଂଗ୍ରାମ ଜାରି ରଖିଛନ୍ତି।



## ଆଜିର ଇତିହାସ

- ୧୮୪୨- ଅଫିମ ଯୁଦ୍ଧ ସମାପ୍ତ।
- ୧୯୦୫- ହକି ଯାଦୁକର ମେଜର୍ ଧ୍ୟାନଚାନ୍ଦଙ୍କ ଜନ୍ମ।
- ୧୯୨୨- ପ୍ରଥମ ରେଡିଓ ବିଜ୍ଞାପନ ନ୍ୟୁୟର୍କ ସହରରେ ପ୍ରସାରିତ ହେଲା।
- ୧୯୫୭- ନାଗରିକ ଅଧିକାର ଅଧିନିୟମ ପାରିତ ହେଲା।
- ୧୯୭୪-ଚୌଧୁରୀ ଚରଣ ସିଂହ ଲୋକଦଳ ପାର୍ଟିର ସ୍ଥାପନା କଲେ।
- ୨୦୦୪- ଏଥେନ୍ସ ଅଲିମ୍ପିକ୍ସର ସମାପନ।

## ସଞ୍ଜୀବନୀ

### ‘ସକାଳ’ର ସ୍ୱାସ୍ଥ୍ୟ

## ସ୍କ୍ରୁୱର୍ମ

**ମହାମାରୀ କରୋନା ପରେ ଅନେକ ଭୂତାଣୁଜନିତ ରୋଗ ଦେଖାଯାଉଛି। ତନ୍ମଧ୍ୟରୁ କିଛି ଭୂତାଣୁ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ସାବ୍ୟସ୍ତ ହେଉଥିବାବେଳେ ଆଉ କିଛି ପରଜୀବୀ ଲୋକଙ୍କ ଚିନ୍ତା ବଢ଼ାଏ। ଏହି କ୍ରମେ ଏବେ ଆମେରିକାରେ ସ୍କ୍ରୁୱର୍ମ ରୋଗ ଚିହ୍ନଟ ହୋଇଛି। ୨୦୨୩ ମସିହାରେ ସେଣ୍ଟ୍ରାଲ ଆମେରିକାରେ ଏହି ପରଜୀବୀ ପ୍ରଥମଥର ପାଇଁ ଚିହ୍ନଟ ହୋଇଥିଲା। ପରେ ଏହା ଅନ୍ୟ ଦେଶକୁ ବ୍ୟାପିଥିଲା। ତେବେ ଏହି ପରଜୀବୀ କିପରି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ ଜାଣନ୍ତୁ।**



ସ୍କ୍ରୁୱର୍ମ ପରଜୀବୀ ରୋଗ ‘ନ୍ୟୁ ୱାର୍ଲଡ ସ୍କ୍ରୁୱର୍ମ’ ଲାର୍ଭାରୁ ହୋଇଥାଏ। ସ୍କ୍ରୁୱର୍ମ ମାଛିରୁ ବ୍ୟାପୁଥିବା ଏହା ଏକ ପରଜୀବୀ ରୋଗ। ମୁଖ୍ୟ ରୂପେ ଗାଇ, ମଇଁଷି, ଛେଳି, ଆଦିଙ୍କୁ ଏହି ପରଜୀବୀ ସଂକ୍ରମିତ କରିଥାଏ। ଏହା ମଣିଷଙ୍କୁ ମଧ୍ୟ ସଂକ୍ରମଣ କରିପାରେ। ଘା’, କଟିଯାଇଥିବା ତଥା ଆମ୍ପୁଡ଼ା ସ୍ଥାନରେ ସ୍କ୍ରୁୱର୍ମ ମାଛି ବହୁତ ଶୀଘ୍ର ପ୍ରଜନନ କରିପାରନ୍ତି। ଗୋଟିଏ ଥରରେ ଏମାନେ ୨୦୦ରୁ ୩୦୦ ଅଣ୍ଡା ଦେଇଥାନ୍ତି। ୧୨ରୁ ୨୪ ଘଣ୍ଟା ପରେ ଅଣ୍ଡା ଫୁଟି ଲାର୍ଭା ବାହାରେ। ଲାର୍ଭାର ପରଜୀବୀ ମଣିଷର ଘା’ ଭିତରେ ବ୍ୟାପି ଜୀବିତ ଟିସୁକୁ ଖାଇବା ଆରମ୍ଭ କରି ଦିଅନ୍ତି। ଯାହାଦ୍ୱାରା ଘା’ ଅଧିକ ବଡ଼ ଏବଂ ଗଭୀର ହୋଇଯାଏ। ଏହା ସମୟ କ୍ରମେ ବିପଜ୍ଜନକ ହୋଇପାରେ। ବିଶେଷ କଥା ହେଉଛି, ପରଜୀବୀ ପ୍ରବେଶ କରିବା ପରେ ଶରୀରରେ କିଛି ଲକ୍ଷଣ ଯଥା- ଘା’ ସ୍ଥାନଟି ଯନ୍ତ୍ରଣା ଲାଗିବା, ସେହି ସ୍ଥାନଟି ଫୁଲି କରି ଲାଲ୍ ପଡ଼ିବା, କିମ୍ବା ଘା’ରୁ ଦୁର୍ଗନ୍ଧ ଆସିଥାଏ। ସାଧାରଣତଃ ଏହି ମାମଲା ଖୁବ୍ କମ୍ ଦେଖାଯାଏ। ତେଣୁ ଲକ୍ଷଣ ଆରମ୍ଭରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରିବା ଜରୁରି। ଲାର୍ଭାକୁ ହଟାଇ ଘା’କୁ ସଫା କରିବା ତଥା ପ୍ରାରମ୍ଭିକ ଉପଚାର ଦ୍ୱାରା ଏହି ରୋଗର ଗମ୍ଭୀରତା ହ୍ରାସ ପାଇପାରେ।

## ଏଲ୍‌ଏଫ୍‌ଟି ଟେଷ୍ଟ



**ଯକୃତ ମନୁଷ୍ୟ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଖାଦ୍ୟ ହଜମ କରିବା ସହ ଶରୀରରୁ ବିଷାକ୍ତ ପଦାର୍ଥ ବାହାରି କରିଥାଏ। ତେଣୁ ଜଣେ ସୁସ୍ଥ ରହିବାକୁ ହେଲେ ଯକୃତ ସକ୍ରିୟ ଓ କାର୍ଯ୍ୟକ୍ଷମ ରହିବା ଜରୁରି। ହେଲେ ଅଧୁନା ଭୁଲ୍ ଖାଦ୍ୟପେୟ ଓ ଜୀବନଶୈଳୀ ଯୋଗୁଁ ଯକୃତ ଉପରେ ଖରାପ ପ୍ରଭାବ ପଡ଼ୁଛି। ଫ୍ୟାଟି ଲିଭର, କାମଳ, ଲିଭର ସିରୋସିସ୍ ଆଦି ସମସ୍ୟା ଚିନ୍ତା ବଢ଼ାଉଛି। ସେହିପରି କେତେ ଗୁଡ଼ିଏ ଔଷଧ ସେବନ ଦ୍ୱାରା ଏହାର ପାର୍ଶ୍ୱପ୍ରତିକ୍ରିୟାରେ ଯକୃତ ପ୍ରଭାବିତ ହୋଇ କାମଳ ଆଦି ରୋଗ ହୋଇଥାଏ। ତେଣୁ ଯକୃତର ସୁସ୍ଥତା ତଥା ଏହାର କାର୍ଯ୍ୟକ୍ଷମ ବିଷୟରେ ଜାଣିବାକୁ ଯକୃତ କାର୍ଯ୍ୟକ୍ଷମତା ପରୀକ୍ଷଣ ତଥା ଲିଭର ଫଙ୍କସନ ଟେଷ୍ଟ (ଏଲ୍‌ଏଫ୍‌ଟି) ଏକ ଗୁରୁତ୍ୱପୂର୍ଣ୍ଣ ରକ୍ତ ପରୀକ୍ଷଣ।**

ଯକୃତ ଜନିତ ରୋଗ, କାମଳ, ଭୂତାଣୁ ସଂକ୍ରମଣ, ମୋଟାପା, ମଧୁମେହ, ପରିସ୍ରା ଓ ମଳରେ ରଙ୍ଗ ପରିବର୍ତ୍ତନ, ଲଗାତାର ଥକ୍କାପଣ ଅନୁଭବ କରୁଥିଲେ, ବାନ୍ତି, ଯକୃତ କର୍କଟ, ଗଲ ବ୍ଲଡର କର୍କଟ ଆଦି ସମସ୍ୟାରେ ପୀଡ଼ିତଙ୍କୁ ଡାକ୍ତର ଏଲ୍‌ଏଫ୍‌ଟି ଟେଷ୍ଟ କରିବାକୁ ପରାମର୍ଶ ଦିଅନ୍ତି। ବଂଶାନୁଗତ, ତଥା ଯକୃତ ଜନିତ ରୋଗ ଥିଲେ ଏଲ୍‌ଏଫ୍‌ଟି ଟେଷ୍ଟକୁ ଡାକ୍ତରଙ୍କ ପରାମର୍ଶକ୍ରମେ ସାଧାରଣ ଟେଷ୍ଟରେ ସାମିଲ କରିପାରିବେ। ବିଶେଷ କରି ନୂଆ ଔଷଧ ଖାଇବା ଆରମ୍ଭ କରିଲେ, ଏହା ଯକୃତକୁ ପ୍ରଭାବିତ କରିପାରେ। ତେଣୁ ଡାକ୍ତର ଏଲ୍‌ଏଫ୍ ଟି କରିବାକୁ ପରାମର୍ଶ ଦିଅନ୍ତି। ଏହି ଟେଷ୍ଟ ଯକୃତ ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟପ୍ରଣାଳୀ ପାଇଁ ଏକ ରକ୍ତ ପରୀକ୍ଷଣ। ଏହି ପରୀକ୍ଷାରୁ ରକ୍ତରେ ଏଲ୍‌ବ୍ୟୁମିନ୍ (ପ୍ରୋଟିନ୍), ବିଲିରୁବିନ( ଅପଶିଷ୍ଟ ପଦାର୍ଥ) ଏବଂ ଏଞ୍ଜାଇମ୍ ଯାଞ୍ଚ କରାଯାଇଥାଏ। ରକ୍ତରେ ବିଲିରୁବିନ ମାତ୍ରା ଅଧିକ ହେଲେ ଯକୃତ କାର୍ଯ୍ୟକ୍ଷମତା ହ୍ରାସ ପାଏ। ଏଲ୍‌ବ୍ୟୁମିନ୍ କମ୍ ହେଲେ, ଗୋଡ଼, ପେଟ, ମୁହଁ ଫୁଲିବା ସହିତ ଯକୃତ ପ୍ରଭାବିତ ହୁଏ। ଏଞ୍ଜାଇମ୍ କମ୍ ବେଶୀ ହେଲେ ଯକୃତ ପ୍ରଭାବିତ ହେବ। ତେଣୁ ଏହି ଟେଷ୍ଟ ଦ୍ୱାରା ଯକୃତ ଠିକ୍ ଭାବେ କାମ କରୁଛି କି ନାହିଁ ଜଣା ପଡ଼ିଥାଏ। ଯକୃତ ରୋଗ, ହେପାଟାଇଟିସ୍, ଲିଭର ସିରୋସିସ୍, ଫ୍ୟାଟି ଲିଭର ତଥା ଔଷଧର ପାର୍ଶ୍ୱପ୍ରତିକ୍ରିୟାକୁ ଜାଣିବାରେ ଏହା ସାହାଯ୍ୟ କରେ। ଏହାଦ୍ୱାରା କେବଳ ରୋଗର ପ୍ରାରମ୍ଭିକ ସ୍ଥିତି ଜାଣିହୁଏ ତାହା ନୁହେଁ, ଯକୃତ ସୁସ୍ଥତା ବିଷୟରେ ଜଣାପଡ଼ିଥାଏ।

## ନିମ୍ନ ରକ୍ତଚାପର ଆୟୁର୍ବେଦ ଉପଚାର



**ଉଚ୍ଚ ରକ୍ତଚାପ ପରି ନିମ୍ନ ରକ୍ତଚାପ ମଧ୍ୟ ଏକ ସ୍ୱାସ୍ଥ୍ୟଗତ ସମସ୍ୟା। ସ୍ୱାଭାବିକ ରକ୍ତଚାପ ହେଉଛି ୧୨୦/୮୦ ଏମ୍‌ଏମ୍‌ଏଚଜି। ଏଥିରୁ କମ୍ ହୋଇଗଲେ, ତାହାକୁ ନିମ୍ନ ରକ୍ତଚାପ ବୋଲି କୁହାଯାଏ। ତେବେ ଏହାର ଆୟୁର୍ବେଦ ଉପଚାର ସମ୍ବନ୍ଧରେ ଜାଣିବା।**

ନିମ୍ନ ରକ୍ତଚାପ ଯୋଗୁଁ ଝାପ୍ସା ଦେଖାଯିବା, ମୁଣ୍ଡ ବୁଲାଇବା, ବାନ୍ତି ଲାଗିବା, ଅବସାଦ, ଥକ୍କା ଅନୁଭବ, ଥଣ୍ଡା ଲାଗିବା, ଶ୍ୱାସକ୍ରିୟାରେ ସମସ୍ୟା ଆଦି ଲକ୍ଷଣ ଦେଖାଯାଏ। ଏହା ଷ୍ଟ୍ରୋକ୍ ଓ ହୃଦ୍‌ଜନିତ ରୋଗ ଆଶଙ୍କାକୁ ବୃଦ୍ଧି କରାଏ। ତେଣୁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହିତ ଖାଦ୍ୟରେ ଲୁଣ ମାତ୍ରା ବଢ଼ାଇବା, ଲୁଣ ପାଣି ପିଇବା, ସୋଡିୟମଯୁକ୍ତ ଖାଦ୍ୟ ଖାଇବା ଜରୁରି। ଦିନକୁ ୮ରୁ ୧୦ ଗ୍ଲାସ ପାଣି ପିଇବା ଆବଶ୍ୟକ। ଲେମ୍ବୁ ପାଣି ସ୍ୱାସ୍ଥ୍ୟ ପକ୍ଷେ ହିତକର।

- ରକ୍ତଚାପ ନିୟନ୍ତ୍ରଣରେ ତୁଳସୀ ପତ୍ର, ଅଦା, ଅର୍ଜୁନ ଗଛର ଛେଲି, ସୈନ୍ଧବ ଲୁଣ ବେଶ ସହାୟକ ହୁଏ। ରାତିରେ କିଛି କିସ୍ ମିସ୍‌କୁ ପାଣିରେ ଭିଜାଇ ପରଦିନ ସକାଳେ ଖାଲିପେଟରେ ସେହି ପାଣି ପିଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣରେ ରୁହେ। ଅଦା କିମ୍ବା ଅର୍ଜୁନ ଛେଲି ପ୍ରସ୍ତୁତ ଚା’ ପିଇବା ହିତକର।
- ଏକ ଚାମଚ ଅଶ୍ୱଗନ୍ଧା ଚୂର୍ଣ୍ଣକୁ କ୍ଷୀରରେ ମିଶାଇ ପିଇଲେ ନିମ୍ନ ରକ୍ତଚାପ ହ୍ରାସ ପାଏ।
- ଶ୍ୱେତ ମୁଷଳୀ ଚୂର୍ଣ୍ଣକୁ ତିନି ଗ୍ରାମ ଉଷୁମ କ୍ଷୀରରେ ମିଶାଇ ଦିନକୁ ଦୁଇବେଳା ସେବନ କଲେ ନିମ୍ନ ରକ୍ତଚାପରେ ଉପକାର ହୁଏ। ସେହିପରି ସତାବରୀ ଚୂର୍ଣ୍ଣ ଦୁଇରୁ ପାଞ୍ଚ ଗ୍ରାମ ମାତ୍ରାରେ କ୍ଷୀର କିମ୍ବା ଉଷୁମ ପାଣିରେ ସେବନ କଲେ ହିତକର ହୋଇଥାଏ। କାକୁଡ଼ି, ତରଭୁଜ, ବିଟ୍, ଗାଜରର ରସକୁ ବାହାର କରି ସାମାନ୍ୟ ସୈନ୍ଧବ ଲବଣ ମିଶାଇ ଶହେ ମିଲି ମାତ୍ରାରେ ସକାଳେ ଓ ସନ୍ଧ୍ୟାରେ ପାନ କଲେ ନିମ୍ନ ରକ୍ତଚାପରେ ହିତକର ହୋଇଥାଏ। ଦିନରେ ଅତିକମ୍‌ରେ ୧୫ ମିନିଟ୍ ଚାଲିବା ଓ ନିଦ ପୂରା କରିବା ଆବଶ୍ୟକ।

## ଅବସାଦ ଦୂର କରିବ ମ୍ୟାଜିକ୍ ଛତୁ



ଅବସାଦ ଏକ ପ୍ରକାର ମାନସିକ ରୋଗ। ଏହା ଉଭୟ ମନ ଓ ଶରୀର ଉପରେ ପ୍ରଭାବ ପକାଇଥାଏ। ଅବସାଦ ଦୂର ପାଇଁ ନାନା ଚିକିତ୍ସା ପଦ୍ଧତି ରହିଛି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, କର୍କଟ ପିଡ଼ୀତଙ୍କୁ ଚିକିତ୍ସା ସମୟରେ ‘ମ୍ୟାଜିକ୍ ଛତୁ’ ଦ୍ୱାରା ଅବସାଦ ଦୂର ହେବ ବୋଲି ଆମେରିକାର ଗବେଷକମାନେ ଜାଣିବାକୁ ପାଇଛନ୍ତି। ଏହି ଛତୁରେ ମିଳୁଥିବା ସ୍ୱତନ୍ତ୍ର ଏନ୍‌ଜାଇମ୍ ସାଇଲୋସାଇବିନ୍ କର୍କଟ ରୋଗୀଙ୍କଠାରେ ଅବସାଦ, ଭୟ ଏବଂ ଚିନ୍ତା କମ୍ କରିବାକୁ ଖୁବ୍ ପ୍ରଭାବୀ। ସାଇଲୋସାଇବିନ୍ ମସ୍ତିଷ୍କରେ ଏପରି ପରିବର୍ତ୍ତନ ଘଟାଇଥାଏ, ଯାହା ଦ୍ୱାରା ଅବସାଦ ଏବଂ ଚିନ୍ତା ଆଦି ସମସ୍ୟା ହ୍ରାସ ପାଇଥାଏ। ଏନେଇ ଆମେରିକାର କ୍ୟାନସର ସୋସାଇଟ୍‌ର ପତ୍ରିକା ୱିଲୀ ଅନ୍‌ଲାଇନ୍ ଇନ୍ କ୍ୟାନସରରେ ପ୍ରକାଶିତ ହୋଇଛି। ସାଇଲୋସାଇବିନ୍‌ର ପ୍ରଭାବକୁ ବୁଝିବାକୁ ଗବେଷକମାନେ ଦୁଶ୍ଚିନ୍ତା ଦେଇ ଗତି କରୁଥିବା ୨୮ ଜଣ କର୍କଟ ପିଡ଼ୀତଙ୍କ ଉପରେ କ୍ଲିନିକାଲ୍ ପରୀକ୍ଷା କରିଥିଲେ। ବରିଷ୍ଠ ମନସ୍ତତ୍ତ୍ୱବିତ୍‌ଙ୍କ ତତ୍ତ୍ୱାବଧାନରେ ପିଡୀତଙ୍କୁ ୨୫ ମିଲି ଗ୍ରାମ୍ ସାଇଲୋସାଇବିନ୍‌ର ଏକ ଡୋଜ୍ ଦିଆଯାଇଥିଲା। ଏଥିରୁ ସେମାନେ ମାନସିକ ଦୁଶ୍ଚିନ୍ତାରୁ ସାମାନ୍ୟ ରକ୍ଷା ପାଇଥିବା ଦେଖାଗଲା। ଗବେଷଣାର ମୁଖ୍ୟ ଡାକ୍ତର ମନୀଷ ଅଗ୍ରୱାଲ କୁହନ୍ତି, ଥରକରେ ସାଇଲୋସାଇବିନ୍ ଥେରାପି ଦ୍ୱାରା ଉଦାସୀନତାରୁ ଆରାମ ମିଳିବା ଆନନ୍ଦର ବିଷୟ। ଯଦି ଏହି ଚିକିତ୍ସା ପୁନରାବୃତ୍ତି କରାଯାଏ, ତେବେ ଏହା ଆହୁରି ଅଧିକ ରୋଗୀଙ୍କୁ ଚିନ୍ତାରୁ ମୁକ୍ତ କରିପାରି କି ନାହିଁ ତାହା ଜାଣିବାକୁ ଗବେଷକମାନେ ପ୍ରୟାସ କରୁଛନ୍ତି। ଯଦି ସମାନ ଭାବରେ ଫଳାଫଳ ଦେଖାଏ, ଚିକିତ୍ସା ପାଇଁ ଏହାର ବ୍ୟବହାର ଅଧିକ ହେବ। ଅନ୍ୟପଟେ ଗବେଷକଙ୍କ ମତରେ ସାଇଲୋସାଇବିନକୁ ଡାକ୍ତରଙ୍କ ବିନା ପରାମର୍ଶରେ ବ୍ୟବହାର କରିବା ବିପଜ୍ଜନକ ହୋଇପାରେ।

### ଆଜିଠାରୁ ଏସିଆ କପ୍ ହକି

# ଟାଇଟଲ୍ ଜିତିଲେ ବିଶ୍ୱକପ୍ ଲାଗି ଯୋଗ୍ୟତା



ରାଜଗିର,୨୮।୮ (ଏଜେନ୍ସି): ବିହାରର ରାଜଗିରଠାରେ ଆସନ୍ତାକାଲିଠାରୁ ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଯେଉଁ ଦଳ ଚାମ୍ପିଅନ ହେବ ସେହିଦଳ ସିଧାସଳଖ ୨୦୨୬ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଏଥିଲାଗି ବିହାରରେ ପ୍ରଥମଥର ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ଅନେକ ପରିମାଣରେ ବଢ଼ିଯାଇଛି। ନିକଟରେ ଏଫ୍ଆଇଏଚ୍ ଲିଗ୍‌ରେ କ୍ରମାଗତ ୭ଟି ମ୍ୟାଚ୍‌ରେ ପରାଜିତ ହୋଇ ନିରାଶା ସୃଷ୍ଟିକରିଥିବା ଭାରତ ଏଠାରେ ଚାମ୍ପିଅନ ହେବା ସହ ଏହି ନିରାଶାକୁ ଦୂରେଇବାକୁ ଚେଷ୍ଟା କରିବ। ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଖରାପ ପ୍ରଦର୍ଶନ ଯୋଗୁଁ ଭାରତ ବିଶ୍ୱ ମାନ୍ୟତାରେ ୭ମ ସ୍ଥାନକୁ ଖସିଆସିଛି। ଏଣୁ ଦଳ ତାହାର ଆତ୍ମବିଶ୍ୱାସ ଫେରିପାଇବା ଲାଗି ନିଶ୍ଚିତଭାବେ ଏଠାରେ ଭଲ ଖେଳିବ ବୋଲି ଆଶା କରାଯାଉଛି। ହେଡ୍ କୋଚ୍ କ୍ରେଗ୍ ଫୁଲଟନ ଓ ଆହତ ସମସ୍ୟାରୁ ମୁକୁଳିଥିବା ଅଧିନାୟକ ହରମନପ୍ରୀତ୍ ସିଂହ ଭଲ ପ୍ରଦର୍ଶନ କରିବାକୁ ପ୍ରବଳ ଚାପରେ ରହିଛନ୍ତି। 'ଚଳିତବର୍ଷର ଏହା ଆମଲାଗି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ' ବୋଲି କହନ୍ତି ଫୁଲଟନ୍। ପ୍ରୋ-ଲିଗ୍‌ରେ ବିପର୍ଯ୍ୟୟ ସାମୟିକ ଥିଲା କିମ୍ବା ଭାରତୀୟ ଦଳ ବଡ଼ ଟୁର୍ଣ୍ଣାମେଣ୍ଟ ଲାଗି ପ୍ରସ୍ତୁତ ତାହା ଏଠାରେ ଦେଖାଇବାକୁ ହେବ। ଏସିଆ ମହାଦେଶରେ ଏକ ଶକ୍ତିଶାଳୀ ଦେଶ ହୋଇଥିଲେ ମଧ୍ୟ ଭାରତ ମାତ୍ର ୩ଥର ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛି। ଭାରତୀୟ ଦଳରେ ଓଡ଼ିଶାର ଅମିତ ରୋହିଦାସ ଓ ଶିଳାନନ୍ଦ ଲାକ୍ରା ସ୍ଥାନ ପାଇଥିଲାବେଳେ ନୀଲମ ସଞ୍ଜୀପ ଖେସ ରିଜର୍ଭ ଖେଳାଳି ରହିଛନ୍ତି।

ଚଳିତଥର ଏସିଆ କପ୍‌ରୁ ପାକିସ୍ତାନ ଓହରିଯିବା ପରେ ଏହାର ଚମକ କମିଛି। ପାକିସ୍ତାନ ସହ ଓମାନ ମଧ୍ୟ ଓହରିଯାଇଥିଲା। ସେମାନଙ୍କ ସ୍ଥାନରେ ବାଂଲାଦେଶ ଓ କାଜାଖସ୍ଥାନ ସାମିଲ ହୋଇଛନ୍ତି। ଏଥର ୮ଟି ଦଳ ଏସିଆ କପ୍ ଖେଳିବେ। ଏହି ଦଳଗୁଡ଼ିକୁ ଦୁଇଟି ପୁଲ୍‌ରେ ଭାଗ କରାଯାଇଛି। ପୁଲ୍-ଏ'ରେ ଭାରତ ଜାପାନ, ଚୀନ୍ ଓ କାଜାଖସ୍ଥାନ ସ୍ଥାନ ପାଇଛି। ପୁଲ୍-ବି'ରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆ, ମାଲେସିଆ, ଚାଇନିଜ୍ ତାଇପେ ଓ ବାଂଲାଦେଶ ରହିଛନ୍ତି। ଗ୍ରୁପ୍ ପର୍ଯ୍ୟାୟ ରାଉଣ୍ଡ ରବିନ ଲିଗ୍ ଫର୍ମାଟରେ ଖେଳାଯିବ। ସର୍ବାଧିକ ପଏଣ୍ଟ ପାଇଥିବା ୨ଟି ଲେଖାଏଁ ଦଳ ପ୍ରତ୍ୟେକ ଗ୍ରୁପ୍‌ରୁ ସୁପର-୪'କୁ ଉନ୍ନୀତ ହେବେ। ସୁପର-୪'ରେ ପ୍ରତ୍ୟେକ ଦଳ ଅନ୍ୟ ସହ ଥରେ ଲେଖାଏଁ ଖେଳିବେ। ଏଥିରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବ ଦଳ ଫାଇନାଲ ଓ ଅନ୍ୟ ଦୁଇ ଦଳ ତୃତୀୟ ସ୍ଥାନ ଲାଗି ମୁକାବିଲା କରିବେ। ସେପ୍ଟେମ୍ବର ୭ରେ ଫାଇନାଲ ମୁକାବିଲା ହେବ।

#### ପ୍ରସାରଣ

ଟେଲିଭିଜନ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ, ଲାଇଭ୍ ଷ୍ଟ୍ରିମିଂ: ସୋନି ଲାଇଭ୍, ୱାର୍.ହକି ଆପ ଓ ୱେବସାଇଟ୍

#### ଭାରତୀୟ ଦଳ

ଗୋଲ୍‌କିପର: କ୍ରିଷନ ବାହାଦୂର ପାଠକ, ସୂରଜ କରକେରା, ଡିଫେଣ୍ଡର: ସୁମିତ, ଜରମନପ୍ରୀତ୍ ସିଂହ, ସଞ୍ଜୟ, ହରମନପ୍ରୀତ୍ ସିଂହ (ଅଧିନାୟକ), ଅମିତ୍ ରୋହିଦାସ ଓ ଯୁବରାଜ ସିଂହ, ମିଡ୍‌ଫିଲ୍ଡର: ରାଜିନ୍ଦର ସିଂହ, ରାଜକୁମାର ପାଲ୍, ହାର୍ଦ୍ଦିକ ସିଂହ, ମନପ୍ରୀତ୍ ସିଂହ ଓ ବିବେକ ସାଗର ପ୍ରସାଦ, ଫରୱାର୍ଡ: ମନଦୀପ୍ ସିଂହ, ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ୍ ସିଂହ ଓ ଦିଲ୍‌ପ୍ରୀତ୍ ସିଂହ।

ରିଜର୍ଭ ଖେଳାଳି: ନୀଲମ ସଞ୍ଜୀପ ଖେସ ଓ ସେଲଭାମ କାର୍ତ୍ତି।

#### ରକ୍ଷଣଭାଗକୁ ନେଇ ଚିନ୍ତାରେ ଭାରତ

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଅନେକ କିଛି ପ୍ରମାଣିତ କରିବାକୁ ଅପେକ୍ଷା କରିଛି। ବିଶେଷ କରି ପ୍ରୋ-ଲିଗ୍‌ରେ ଭାରତ କ୍ରମାଗତ ୭ଟି ମ୍ୟାଚ୍‌ରେ ପରାଜିତ ହୋଇଥିଲାବେଳେ ଦଳ ଖେଳିଥିବା ୮ଟି ମ୍ୟାଚ୍‌ରେ ୨୬ଟି ଗୋଲ ବରଣ କରିଛି। ଗୋଲରକ୍ଷକ ଶ୍ରୀଜେଶଙ୍କ ଅବସର ଓ ଆହତଯୋଗୁ ହରମନପ୍ରୀତ୍ ସିଂହଙ୍କ ଅନୁପସ୍ଥିତିରେ ଦଳକୁ ଏହି ଦଶା ଭୋଗିବାକୁ ପଡ଼ିଛି। ଏଥିଲାଗି କୋଚ୍ କ୍ରେଗ୍ ଫୁଲଟନ ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଏହି ଦଳ ଗଠନ କରିଛନ୍ତି। ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରିବାକୁ ନେଇ କଷ୍ଟ କରିବାକୁ ହେବ। ହରମନପ୍ରୀତ୍ ଏବେ ଦଳକୁ ଫେରିବା ପରେ ରକ୍ଷଣଭାଗ ଖେଳରେ ଉନ୍ନତି ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଗୋଲରକ୍ଷକ ସୁରଜ କରକେରା ଓ କ୍ରିଷନ ପାଠକଙ୍କୁ ଭଲ ଖେଳ ଦେଖାଇବାକୁ ହେବ।

#### ଖେଳସୂଚୀ (ଲିଗ୍ ପର୍ଯ୍ୟାୟ)

**ଅଗଷ୍ଟ ୨୯, ଶୁକ୍ରବାର**
ମାଲେସିଆ-ବାଂଲାଦେଶ, ସକାଳ ୯ଟା
ଦ.କୋରିଆ-ତାଇପେଇ, ପୂର୍ବାହ୍ନ ୧୧ଟା
ଜାପାନ- କାଜାଖସ୍ଥାନ, ଅପରାହ୍ନ ୧ଟା
ଭାରତ- ଚୀନ, ଅପରାହ୍ନ ୩ଟା

**ଅଗଷ୍ଟ ୩୦, ଶନିବାର**
ବାଂଲାଦେଶ-ତାଇପେ, ଅପରାହ୍ନ ୧ଟା
ଦ.କୋରିଆ-ମାଲେସିଆ, ଅପରାହ୍ନ ୩ଟା

**ଅଗଷ୍ଟ ୩୧, ରବିବାର**
ଚୀନ୍- କାଜାଖସ୍ଥାନ, ଅପରାହ୍ନ ୧ଟା
ଭାରତ- ଜାପାନ, ଅପରାହ୍ନ ୩ଟା

**ସେପ୍ଟେମ୍ବର ୧, ସୋମବାର**
ଦ.କୋରିଅ-ବାଂଲାଦେଶ, ଅପରାହ୍ନ ୧.୩୦
ମାଲେସିଆ-ତାଇପେଇ, ଅପରାହ୍ନ ୩.୩୦
ଜାପାନ- ଚୀନ, ସନ୍ଧ୍ୟା ୫ଟା ୩୦
ଭାରତ- କାଜାଖସ୍ଥାନ, ରାତି ୭.୩୦

**ସେପ୍ଟେମ୍ବର ୩ରୁ ୬, ବୁଧରୁ ଶନିବାର**
ସୁପର-୪ ମ୍ୟାଚ୍

**ସେପ୍ଟେମ୍ବର ୭, ରବିବାର**
ଫାଇନାଲ।

### ପ୍ରଥମଥର ଏଫ୍ଆଇଏଚ୍ ପ୍ରୋ ଲିଗ୍ ଖେଳିବ ପାକିସ୍ତାନ

ଲାଉସାନେ, ୨୮।୮ (ଏଜେନ୍ସି): ବିଶ୍ୱ ହକିର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ପାକିସ୍ତାନ ପ୍ରଥମଥର ଅଂଶଗ୍ରହଣ କରିବ। ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ଆଗାମୀ ୨୦୨୫-୨୬ ସିଜନରେ ପାକିସ୍ତାନ ଦଳ ଭାଗନେବ ବୋଲି ଏଫ୍ଆଇଏଚ୍ ସଭାପତି ତୟାବ ଇକ୍ରାମ ଗୁରୁବାର ସ୍ପଷ୍ଟ କରିଛନ୍ତି। ଏଫ୍ଆଇଏଚ୍ ନେସନ୍ସ କପ୍‌ର ୨୦୨୪-୨୫ ସିଜନରେ ଚାମ୍ପିଅନ ହୋଇଥିବା ନ୍ୟୁଜିଲାଣ୍ଡ ଆଗାମୀ ପ୍ରୋ ଲିଗ୍‌କୁ ଯୋଗ୍ୟତା ଅର୍ଜନ କରିଥିଲା। କିନ୍ତୁ ନ୍ୟୁଜିଲାଣ୍ଡ ପ୍ରୋ ଲିଗ୍‌ରେ ଭାଗନେବାକୁ ମନା କରିଦେବା ପରେ ନେସନ୍ସ କପ୍ ରନର୍ସଅପ୍ ଦଳ ପାକିସ୍ତାନ ସ୍ୱୟଂଚାଳିତ ଭାବେ ଏଫଆଇଏଚ୍ ପ୍ରୋ ଲିଗ୍‌କୁ ଯୋଗ୍ୟତା ଅର୍ଜନ କରିଛି। ପାକିସ୍ତାନ ପୂର୍ବରୁ ୩ଥର ଅଲିମ୍ପିକ ଓ ୪ଥର ହକି ବିଶ୍ୱକପ୍ ବିଜୟୀ ହୋଇଛି। ତେଣୁ ପ୍ରଥମଥର ଲାଗି ଏଲିଟ୍ ହକି ଟୁର୍ଣ୍ଣାମେଣ୍ଟ ପ୍ରୋ ଲିଗ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବାରୁ ଏହା ଆହୁରି ରୋମାଞ୍ଚ ହେବ ବୋଲି ଇକ୍ରାମ ଆଶାବାଦୀ ରହିଛନ୍ତି। ଏଥିସହ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ଆଗାମୀ ସଂସ୍କରଣରେ ଭାରତ ଓ ପାକିସ୍ତାନ ମଧ୍ୟରେ ଦୁଇଥର ମୁକାବିଲା ହେବା ସ୍ପଷ୍ଟ ହୋଇଛି। ଭାରତ ଓ ପାକିସ୍ତାନ ସମେତ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବେଲ୍‌ଜିୟମ, ଇଂଲଣ୍ଡ, ଜର୍ମାନୀ, ନେଦରଲାଣ୍ଡସ ଓ ସ୍ପେନ ପ୍ରୋ ଲିଗ୍‌ର ୨୦୨୫-୨୬ ସିଜନରେ ଅଂଶଗ୍ରହଣ କରିବେ। ଚାମ୍ପିଅନ ଦଳ ୨୦୨୮ ଅଲିମ୍ପିକ୍ସକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ।

### ● ଦୁଲୀପ୍ ଟ୍ରଫି କ୍ରିକେଟ

### ମନୀଷଙ୍କୁ ୩ ୱିକେଟ, ଉତ୍ତରାଞ୍ଚଳ ୩୦୮/୬

ବେଙ୍ଗାଲୁରୁ,୨୮।୮ (ଏଜେନ୍ସି): ଏଠାରେ ଆଜିଠାରୁ ଆରମ୍ଭ ହୋଇଥିବା ଦୁଲୀପ୍ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ପୂର୍ବାଞ୍ଚଳ ବିପକ୍ଷ ପ୍ରଥମ କ୍ୱାର୍ଟର ଫାଇନାଲର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଉତ୍ତରାଞ୍ଚଳ ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୩୦୮ ରନ୍ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ୱିକେଟରକ୍ଷକ କହ୍ନେୟା ୱାଧାୱାନ୍ ୪୨ ଓ ମୟଙ୍କ ଡାଗର ୨୮ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ଆୟୁଷ ବଦୋନୀ ୬୩, ନିଶାନ୍ତ ସିନ୍ଧୁ ୪୭, ଯଶ ଧୂଲ ୩୯, ଅଧିନାୟକ ଅଙ୍କିତ କୁମାର ୩୦ ରନ୍ କରିଥିଲେ। ପୂର୍ବାଞ୍ଚଳ ପକ୍ଷରୁ ୨୨ ବର୍ଷୀୟ ଝାଡଖଣ୍ଡର ବାମହାତୀ ସ୍ପିନର ମନୀଷ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ମହମ୍ମଦ୍ ସାମି, ସୁରଜ ସିନ୍ଧୁ ଜୟସ୍ୱାଲ ଓ ମୁକ୍ତାର ହୁସେନ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ମୁକେଶ କୁମାରଙ୍କ ମାଂସପେଶୀ ଟାଣି ହୋଇଯାଇଥିବାରୁ ସେ ୧୧.୫ ଓଭର ପରେ ଆଉ ବୋଲିଂ କରି ନ ଥିଲେ। ପୂର୍ବରୁ ଅଧିନାୟକ ଅଭିମନ୍ୟୁ ଈଶ୍ୱରନଙ୍କୁ ଜ୍ୱର ହେବାରୁ ସେ ଏହି ମ୍ୟାଚ୍‌ରୁ ଓହରି ଯାଇଥିଲେ ଓ ରିୟାନ ପରାଗ ତାଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଇଥିଲେ। ଏହି ମ୍ୟାଚ୍ ଲାଗି ଓଡ଼ିଶାରୁ ସନ୍ଦୀପ ପଟ୍ଟନାୟକ ଓ ଆଶୀର୍ବାଦ ସ୍ୱାଇଁ ମନୋନୀତ ହୋଇଥିଲେ ମଧ୍ୟ କାହାରିକୁ ଖେଳିବାର ସୁଯୋଗ ମିଳି ନ ଥିଲା। **ମାଲେୱର, ପାଟିଦାରଙ୍କ ଶତକ:** ଏଠାରେ ଅନୁଷ୍ଠିତ ଉତ୍ତରପୂର୍ବାଞ୍ଚଳ ବିପକ୍ଷ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା କେନ୍ଦ୍ରାଞ୍ଚଳ ୨ ୱିକେଟରେ ୪୩୨ ରନ୍ କରିଛି। ଦଳ ପକ୍ଷରୁ ବିଦର୍ଭ ଖେଳାଳି ଡାନିସ ମାଲେୱର ସର୍ବାଧିକ ୧୯୮ ରନ୍ କରି ଅପରାଜିତ ଅଛନ୍ତି। ସେହିପରି ଆହତ ଧ୍ରୁବ ଜୁରେଲଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଉଥିବା ରଜତ ପାଟିଦାର ୧୨୫ ରନ୍ କରିଛନ୍ତି। ଯୁବ ୱିକେଟ ରକ୍ଷକ ଆର୍ଯ୍ୟନ ଜୁୟାଲ ୬୦ ରନ୍ କରି ରିଟାୟର୍ଡ ହର୍ଟ ହୋଇଛନ୍ତି। ଓପନର ଆୟୁଷ ପାଣ୍ଡେ ୩ ରନ୍‌ରେ ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିଲେ।

### ଆଜିଠୁ ପ୍ରୋ କବାଡ଼ି ଲିଗ୍-୧୨

ଭାଇଜାଗ, ୨୮।୮ (ଏଜେନ୍ସି): ଲୋକପ୍ରିୟ ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଦ୍ୱାଦଶ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ସ୍ଥାନୀୟ ବିଶ୍ୱନାଥ ସ୍ପୋର୍ଟ୍ସ କ୍ଲବରେ ତାମିଲ ଥଲାଇଭାସ ଓ ତେଲଗୁ ଟାଇଟାନ୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ସେହିଭଳି ଦିବସର ୨ୟ ମୁକାବିଲାରେ ବେଙ୍ଗାଲୁରୁ ବୁଲ୍ସ ଓ ପୁନେରୀ ପାଲଟନ୍ ପରସ୍ପରକୁ ଭେଟିବେ। ଏଥର ୧୨ଟି ଦଳ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ଅନ୍ୟ ଅଂଶଗ୍ରହଣକାରୀ ଦଳ ହେଲେ ଜୟପୁର ପିଙ୍କ ପାନ୍ଥର୍ସ, ବେଙ୍ଗଲ ୱାରିୟର୍ସ, ପାଟନା ପାଇରେଟ୍ସ, ୟୁପି ଯୋଦ୍ଧାସ, ୟୁ ମୁମ୍ବା, ଦବଙ୍ଗ ଦିଲ୍ଲୀ, ଗୁଜରାଟ ଜାଏଣ୍ଟ୍ସ ଓ ହରିୟାଣା ଷ୍ଟିଲର୍ସ। ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୧୧ ପର୍ଯ୍ୟନ୍ତ ଭାଏଜାଗ୍ ଲେଗ୍ ଅନୁଷ୍ଠିତ ହେବ। ଏହାପରେ ଜୟପୁର (ସେପ୍ଟେମ୍ବର ୧୨ରୁ ୨୮), ଚେନ୍ନାଇ (ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୧୦) ଓ ନୂଆଦିଲ୍ଲୀ (ଅକ୍ଟୋବର ୧୧ରୁ ଅକ୍ଟୋବର ୨୩)ରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

### ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ

## ଗୋବିନ୍ଦଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ; ଓଡ଼ିଶା ବିଜୟୀ

କଟକ,୨୮।୮ (ସମିସ): ଚେନ୍ନାଇର ଅନୁଷ୍ଠିତ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଜମ୍ମୁ ଓ କଶ୍ମୀର ବିପକ୍ଷ ମ୍ୟାଚ୍‌କୁ ଓଡ଼ିଶା ୧୧୮ ରନରେ ବିଜୟୀ ହୋଇଛି। ୪୫ ଓଭରରେ ୨୨୫ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଜମ୍ମୁ ଓ କଶ୍ମୀର ୧୦୬ ରନରେ ଅଲ୍‌ଆଉଟ ହୋଇଥିଲା। ଉଭୟ ପାଳିରେ ଅର୍ଦ୍ଧଶତକୀୟ ଇନିଂସ ଖେଳିବା ସହ ମୋଟ ୫ଟି ୱିକେଟ ଦଖଲ କରିଥିବା ଗୋବିନ୍ଦ ପୋଦ୍ଦାର ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ତେବେ ମୋଟ ୩ଟି ମ୍ୟାଚ୍‌ରୁ ୨ଟି ପରାଜୟ ଓ ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଥିବା ଓଡ଼ିଶା ୬ ପଏଣ୍ଟ ସହ ଟେବଲର ୪ର୍ଥ ସ୍ଥାନରେ ରହି ପ୍ରତିଯୋଗିତାରୁ ବିଦା ହୋଇଛି। ଓଡ଼ିଶାର ପ୍ରଥମ ପାଳି ୩୧୪ ରନ ଜବାବରେ ଜମ୍ମୁ ଓ କଶ୍ମୀର ୩୩୦ ରନ ସଂଗ୍ରହ କରିବା ସହ ୧୬ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ୨ୟ ଇନିଂସରେ ଓଡ଼ିଶା ୨୪୦ ରନରେ ଅଲଆଉଟ ହୋଇଥିଲା। ଓପନର ବିନୟ ପାଇକରାୟ ୨୦, ଶୁଭ୍ରାଂଶୁ ଶେଖର ସେନାପତି ୫୫, ଗୋବିନ୍ଦ ପୋଦ୍ଦାର ୭୨ ରନର ଦ୍ରୁତ ପାଳି ଖେଳିଥିଲେ। ଅନିଲ ପରିଡାଙ୍କ ୨୮ ଓ ସୟଦ ଟି ଅହମ୍ମଦଙ୍କ ୨୭ ରନର ଉପଯୋଗୀ ପାଳି ବଳରେ ଓଡ଼ିଶା ୨୪୦ ରନରେ ଅଲଆଉଟ ହୋଇଥିଲା। ଜମ୍ମୁ ଓ କଶ୍ମୀରର ବଂଶଜ ଶର୍ମା ୩ଟି ୱିକେଟ ଦଖଲ କରିଥିଲେ। ତେବେ ମୁସୈଫ ଅଜିଜ(୪୭ରନ)ଙ୍କୁ ବାଦ ଦେଲେ ଜମ୍ମୁ ଓ କଶ୍ମୀରର ଅନ୍ୟ କୌଣସି ବ୍ୟାଟର ଦୀର୍ଘ ସମୟ କ୍ରିଜରେ ତିଷ୍ଠି ପାରିନଥିଲେ। ଫଳରେ ଦ୍ୱିତୀୟ ପାଳିରେ ଦଳ ୧୦୬ ରନରେ ସୀମିତ ରହିଥିଲା। ଓଡ଼ିଶା ନିମନ୍ତେ ପ୍ରଥମଥର ବରିଷ୍ଠ ଦଳରେ ସ୍ଥାନ ପାଇଥିବା ୧୯ବର୍ଷୀୟ ବାମହାତୀ ସ୍ପିନର ସୟଦ ଟି ଅହମ୍ମଦ ୪ଟି ୱିକେଟ ଦଖଲ କରିଥିଲେ। ଗୋବିନ୍ଦ ଓ ରାଜେଶ ମହାନ୍ତିଙ୍କୁ ୨ଟି ଲେଖାଏ ୱିକେଟ ମିଳିଥିଲା।

### ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍

## କ୍ୱାର୍ଟରରେ ସିନ୍ଧୁ

ପ୍ୟାରିସ, ୨୮।୮ (ଏଜେନ୍ସି): ପୂର୍ବତନ ଚାମ୍ପିଅନ ପିଭି ସିନ୍ଧୁଙ୍କ ସମେତ ମିକ୍ସଡ ଡବଲ୍ସ ଯୋଡ଼ି ଧ୍ରୁବ କପିଲ ଓ ତାନିଶା କ୍ରାଷ୍ଟୋ ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇଥରର ଅଲିମ୍ପିକ୍ସ ପଦକ ବିଜୟିନୀ ସିନ୍ଧୁ ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ରେ ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଚାଇନାର ୱାଙ୍ଗ୍ ଝି ୟିଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇଥିଲେ। ୪୮ ମିନିଟ୍ ଧରି ଖେଳାଯାଇଥିବା ଏହି ମ୍ୟାଚକୁ ସିନ୍ଧୁ ୨୧-୧୯, ୨୧-୧୫ ସିଧାସଳଖ ଗେମ୍‌ରେ ବିଜୟୀ ହୋଇଥିଲେ। ଫଳରେ ୱାଙ୍ଗ୍‌ଙ୍କ ବିପକ୍ଷରେ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ ଖେଳାଯାଇଥିବା ସମସ୍ତ ୮ଟି ମୁକାବିଲାରେ ସିନ୍ଧୁ ବିଜୟୀ ହୋଇ ତାଙ୍କର ଅପରାଜେୟ ଧାରାକୁ ବଜାୟ ରଖିଛନ୍ତି। କ୍ୱାର୍ଟର ଫାଇନାଲରେ ସିନ୍ଧୁଙ୍କ ମୁକାବିଲା ଇଣ୍ଡୋନେସିଆର ପୁତ୍ରି କୁସୁମାଙ୍କ ସହ ହେବ। ଅପରପକ୍ଷରେ ମିକ୍ସଡ ଡବଲ୍ସରେ ଧ୍ରୁବ-ତନିଶା ଯୋଡ଼ି ୧୯-୨୧, ୨୧-୧୨, ୨୧-୧୫ରେ ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ରହିଥିବା ହଂକଂ ଯୋଡ଼ି ତାଙ୍ଗ୍ ଚୁନ୍ ମାନ୍ ଓ ସି ୟିଙ୍ଗ୍ ସୁଏଟ୍‌ଙ୍କୁ ହରାଇଥିଲେ। ଯଦି ଧ୍ରୁବ-ତନିଶା ଯୋଡ଼ି ସେମିଫାଇନାଲରେ ପ୍ରବେଶ କରନ୍ତି ତେବେ ଭାରତର ପ୍ରଥମ ମିକ୍ସଡ ଡବଲ୍ସ ଯୋଡ଼ି ଭାବେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିବେ।

### ● ଆଜି ଜାତୀୟ କ୍ରୀଡ଼ା ଦିବସ

### ପ୍ରଦାନ କରାଯିବ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର, ୨୮।୮ (ସମିସ): ହକି କିମ୍ବଦନ୍ତୀ ମେଜର ଧ୍ୟାନ ଚାନ୍ଦଙ୍କ ୧୨୦ତମ ଜନ୍ମବାର୍ଷିକୀ ଅବସରରେ ଶୁକ୍ରବାର ସାରା ଦେଶରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହେବ। ଏହି ଅବସରରେ କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ୩ ଦିନ ଧରି କ୍ରୀଡ଼ା ଓ ଫିଟନେସ ମୋଭମେଣ୍ଟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଯାହାର ଥିମ୍ ରହିଛି 'ଏକ ଘଣ୍ଟା ଖେଲ୍ ମୈଦାନ ମେଁ'। ସେହିଭଳି ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟର ସର୍ବଶ୍ରେଷ୍ଠ କ୍ରୀଡ଼ା ସମ୍ମାନ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ପ୍ରତିବର୍ଷ ଭଳି ଆସନ୍ତାକାଲି ମଧ୍ୟ ପ୍ରଦାନ କରାଯିବ। ବର୍ଷ ୨୦୨୪ ଲାଗି ବିଭିନ୍ନ ବର୍ଗରେ ଏହି ପୁରସ୍କାର ଦିଆଯିବ। ତାରକା ଧାବକ ଅନିମେଶ କୁଜୁର ଶ୍ରେଷ୍ଠ କ୍ରୀଡ଼ାବିତ୍, ଚେସ୍ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ଶ୍ରେଷ୍ଠ ଉଦୀୟମାନ ଖେଳାଳି, ବ୍ୟାଡ୍‌ମିଣ୍ଟନ ଖେଳାଳି ରାଖାଲ କୁମାର ସେଠୀ ଶ୍ରେଷ୍ଠ ପାରା ଖେଳାଳି ପୁରସ୍କାର ପାଇବେ। କ୍ରୀଡ଼ା ବିକାଶ ଲାଗି ରାଜ୍ୟ ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ ଭାବେ ବିମଳ କୁମାର ରାଉଳ, ଶ୍ରେଷ୍ଠ ବୈଷୟିକ କ୍ରୀଡ଼ା ଅଧିକାରୀ ଭାବେ ଡାକ୍ତର ସୁଜିତ ଶତପଥୀ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।

### ● ଜୟନ୍ତ ମହାପାତ୍ର ସ୍ମାରକୀ ଫୁଟବଲ

### ଓଡିଏମ୍-କିସ୍ ଫାଇନାଲ ମୁକାବିଲା ଆଜି

ଭୁବନେଶ୍ୱର,୨୮।୮ (ସମିସ): ଓଡିଏମ୍ ପବ୍ଲିକ୍ ସ୍କୁଲ ଓ କିସ୍ ମଧ୍ୟରେ ଚଳିତବର୍ଷର ଜୟନ୍ତ ମହାପାତ୍ର ସ୍ମାରକୀ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଭୁବନେଶ୍ୱର ଫୁଟବଲ ଏକାଡେମୀ ପରିସରରେ ଆଜି ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଓଡିଏମ୍ ପବ୍ଲିକ୍ ସ୍କୁଲ ୨-୦ ଗୋଲରେ ଡିଏଭି ପୋଖରୀପୁଟକୁ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ସେମିଫାଇନାଲରେ କିସ୍ ୪-୦ ଗୋଲରେ ବିକାଶ ରେସିଡେନ୍‌ସିଆଲ ସ୍କୁଲ୍‌କୁ ହରାଇଥିଲା। ପ୍ରଥମ ମ୍ୟାଚ୍‌ରେ କିସ୍‌ର ଆୟୁଷ ଗୋପେ ଓ ଦ୍ୱିତୀୟ ମ୍ୟାଚ୍‌ରେ କିସ୍‌ର ବଚନ ପୂର୍ତ୍ତିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଆସନ୍ତାକାଲି ଶୁକ୍ରବାର ଏହାର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

### ମନୀଷ ସ୍କୁଲ ଓପନ ଚେସ୍ ଚାମ୍ପିଅନ

ଭୁବନେଶ୍ୱର,୨୮।୮ (ସମିସ): ମନୀଷ ଦାସ ଏକାଦଶ ରାଜ୍ୟ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି। ପୁରୁଣା ଭୁବନେଶ୍ୱରର ଲିଙ୍ଗରାଜ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ମନୀଷ ସର୍ବାଧିକ ୫ ପଏଣ୍ଟ ପାଇ ପ୍ରଥମ ହୋଇଥିଲେ। ଆୟାବନ୍ତ ମହାନ୍ତି, ସତ୍ୟନାରାୟଣ ସ୍ୱାଇଁ ଯଥାକ୍ରମେ ପ୍ରଥମ ରନର୍ସ ଅପ୍ ଓ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲେ। ପୂର୍ବତନ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ ନଂ-୫୪ କର୍ପୋରେଟର ଶିବପ୍ରସାଦ ବେହେରା, କ୍ଲବ୍ ସମ୍ପାଦକ ଶିବପ୍ରସାଦ ବେହେରା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।


### ୟୁଏସ୍ ଓପନ ଟେନିସ

## ଫେଡେରରଙ୍କ ରେକର୍ଡ ଭାଙ୍ଗିଲେ ଜୋକୋଭିଚ୍

ନ୍ୟୁୟର୍କ,୨୮।୮ (ଏଜେନ୍ସି): ସର୍ବିଆର ଚାମ୍ପିଅନ ଖେଳାଳି ନୋଭାକ ଜୋକୋଭିଚ୍ ଏଠାରେ ଚାଲିଥିବା ୟୁଏସ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ଖେଳାଯାଇଥିବା ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ସେ ଆମେରିକାର ଯୁବ ଖେଳାଳି ୨୨ ବର୍ଷୀୟ ଜ୍ୟାକ୍‌ରୀ ସାଇଦାଙ୍କୁ ୬-୭, ୬-୩, ୬-୩, ୬-୧ ସେଟ୍‌ରେ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିବା ସହ ରୋଜର ଫେଡେରରଙ୍କ ରେକର୍ଡ ଭାଙ୍ଗିବାରେ ସମର୍ଥ ହୋଇଛନ୍ତି। ଏହାକୁ ମିଶାଇ ଜୋକୋଭିଚ୍ ସର୍ବାଧିକ ୭୫ତମ ଥର ଲାଗି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଛନ୍ତି। ଜୋକୋଭିଚ୍‌ଙ୍କ ସହ ଟାଇଟଲ ଆଶାୟୀ କାର୍ଲୋସ୍ ଆଲକାରାଜ, ନଂ-୪ ଟେଲର ଫ୍ରିଜ୍, ୬ଷ୍ଠ ସିଡ୍ ଆମେରିକାର ବେନ୍ ଶେଲଟନ ତୃତୀୟ ରାଉଣ୍ଡରେ ପ୍ରବେଶ କରି ଟାଇଟଲ ଆଶାରେ ଆଉ ପାଦେ ଆଗେଇଛନ୍ତି। ଏହି ଧାରା ବଜାୟ ରହିଲେ ଆଲକାରାଜ ଓ ଜୋକୋଭିଚ୍‌ଙ୍କ ମଧ୍ୟରେ ସେମିଫାଇନାଲରେ ଭେଟାଭେଟି ହେବେ।

କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ଏକାଧିକ ସିଡେଡ୍ ଖେଳାଳି ପରାଜୟର ରାସ୍ତା ଦେଖିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୫ମ ସିଡ୍ ବ୍ରିଟେନର ଜ୍ୟାକ୍ ଡ୍ରାପର, ୧୧ଶ ସିଡ୍ ଜେକ୍ ଡ୍ରେପର, ୧୨ଶ ସିଡ୍ ନରୱେର କାସ୍ପର ରୁଡ୍, ୧୬ତମ ସିଡ୍ ଚେକ୍ ରିପବ୍ଲିକ୍‌ର ଜ୍ୟାକୁବ ପେନସିକ୍, ୧୮ତମ ସିଡ୍ ସ୍ପେନ୍‌ର ଆଲେଜାଣ୍ଡ୍ରୋ ଡେଭିଡୋଭିଚ୍ ଫୋକିନା ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି।





#### ତୃତୀୟ ରାଉଣ୍ଡରେ ସାବାଲେଙ୍କା

ପୁରୁଷ ବିଭାଗ ପରି ମହିଳା ଏକକ ଦ୍ୱିତୀୟ ରାଉଣ୍ଡରେ ଏକାଧିକ ମହିଳା ଖେଳାଳି ପରାଜିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ବିଭାଗରେ ୧୬ତମ ସିଡ୍ ସ୍ୱିଜରଲାଣ୍ଡର ବେଲିଣ୍ଡା ବେଙ୍କିକ୍, ପୂର୍ବତନ ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ତଥା ୨୫ତମ ସିଡ୍ ଜେଲେନା ଓଷ୍ଟାପେଙ୍କୋ, ୧୭ତମ ସିଡ୍ ଲିଉଡମିଲା ସାମସୋନୋଭା ପରାଜୟ ବରଣ କରିଛନ୍ତି। ଏହା ମଧ୍ୟରୁ ଓଷ୍ଟାପେଙ୍କୋଙ୍କୁ ହରାଇଥିବା ଆମେରିକାର ଟାଉନ୍‌ସେଣ୍ଡ ପରସ୍ପର ସହ ମୁହାଁମୁହିଁ ହୋଇଥିଲେ। ଟାଉନ୍‌ସେଣ୍ଡକୁ ମୂର୍ଖ ଓ ଅଶିକ୍ଷିତ ବୋଲି ଅଭିହିତ କରିଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ହୋଇଥିଲା। ଓଷ୍ଟାପେଙ୍କୋଙ୍କୁ ୭-୫, ୬-୧ ସେଟ୍‌ରେ ହରାଇବା ପରେ କିଏ କ'ଣ ତାହା ଏବେ ଜଣାପଡ଼ିଛି ବୋଲି ଟାଉନ୍‌ସେଣ୍ଡ କହିଥିଲେ।

ଅନ୍ୟପକ୍ଷରେ ଟପ୍ ସିଡ୍ ଆରିନା ସାବାଲେଙ୍କା, ୪ର୍ଥ ସିଡ୍ ଜେସିକା ପେଗୁଲା, ୫ମ ସିଡ୍ ମୀରା ଆନ୍ଦ୍ରିଭା, ୭ମ ସିଡ୍ ଜଷ୍ଟିନ ପାଓଲିନ୍, ୯ମ ସିଡ୍ ଏଲିନା ରିବାକିନା ପ୍ରମୁଖ ବିଜୟ ହାସଲ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୋଲିନା କୁଦେରମୋଟୋଭାଙ୍କୁ ହରାଇବା ଲାଗି ସାବାଲେଙ୍କାଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା।

୭-୬, ୬-୨ରେ ଏହି ମ୍ୟାଚ୍‌କୁ ଜିତିଥିବା ସାବାଲେଙ୍କା ତୃତୀୟ ରାଉଣ୍ଡରେ ଲିଲା ଫର୍ଣ୍ଣାଣ୍ଡିଜ୍‌ଙ୍କୁ ଭେଟିବେ। ଆନା ବ୍ଲିଙ୍କୋଭାଙ୍କୁ ୬-୧, ୬-୩ରେ ହରାଇଥିବା ପେଗୁଲା ତୃତୀୟ ରାଉଣ୍ଡରେ ୩୬ ବର୍ଷୀୟ ଖେଳାଳି ଭିକ୍ଟୋରିଆ ଆଜରେଙ୍କାଙ୍କୁ ଭେଟିବେ। ଆନାସ୍ତାସିଆ ପୋଟାପୋଭାଙ୍କୁ ୬-୧, ୬-୩ରେ ହରାଇଥିବା ୫ମ ସିଡ୍ ମୀରା ଆନ୍ଦ୍ରିଭା ତୃତୀୟ ରାଉଣ୍ଡରେ ଆମେରିକାର ଚର୍ଚ୍ଚିତ ଖେଳାଳି ଟେଲର ଟାଉନ୍‌ସେଣ୍ଡଙ୍କୁ ଭେଟିବେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS